ବର୍ଷ-୨୬, ସଂଖ୍ୟା-୫୦
ଭୁବନେଶ୍ୱର
୨୦, ଫେବୃଆରୀ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା


Vol.-26, Issue No. 50
Bhubaneswar
20 February, 2026 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଜଲୱା ଦେଖାଇଲେ ଦେଶୀ ଗର୍ଲ



# ବାସ୍ତବ ଆର୍ଥିକ ଅଭିବୃଦ୍ଧି ହାର ୭.୯% ରହିବା ଆକଳନ

ଭୁବନେଶ୍ୱର, ୧୯।୨ (ମହାଭାରତ): ଆସନ୍ତାକାଲି ବିଧାନସଭାରେ ଆଗତ ହେବ ବଜେଟ୍ । ଏହା ପୂର୍ବରୁ ଆସିଛି ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୨୫-୨୬ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇକୋନୋମିକ୍ ସର୍ଭେ ରିପୋର୍ଟକୁ ବିଧାନସଭାରେ ରଖିଛନ୍ତି । ଏଥିରେ ଶିକ୍ଷା ଓ କୌଶଳ ବିକାଶ ଏବଂ ସ୍ୱାସ୍ଥ୍ୟ ଉପରେ ଆକଳନ କରାଯାଇଛି ।

ଅର୍ଥନୈତିକ ସର୍ଭେ ରିପୋର୍ଟରେ ବର୍ତ୍ତମାନ ମୂଲ୍ୟର ଓଡ଼ିଶାର ଅର୍ଥନୀତି ଆକାର ବା ଜିଏସଡିପି ୨୦୨୫-

**ବିଧାନସଭାରେ ଅର୍ଥନୈତିକ ସର୍ଭେ ରିପୋର୍ଟ**

୨୬କୁ ଆକଳନ କରାଯାଇଛି । ଏଥିରେ ଏହା ୯.୯ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଗତ ଅର୍ଥନୈତିକ ସର୍ଭେ ରିପୋର୍ଟ ଅର୍ଥାତ୍ ୨୦୨୪-୨୫ର ୯ ଲକ୍ଷ କୋଟି ଟଙ୍କାଠାରୁ ୯.୫% ବୃଦ୍ଧି ପାଇଛି।

୨୦୨୫-୨୬ରେ ବାସ୍ତବ ଆର୍ଥିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିବା ନେଇ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି । ଯାହା ୨୦୨୪-୨୫ର ୭.୨ ପ୍ରତିଶତ ବୃଦ୍ଧି ହାରଠାରୁ ଅଧିକ। ଏହା ମଧ୍ୟ ଜାତୀୟ ସ୍ତରର ହାରାହାରି ଅଭିବୃଦ୍ଧି ହାର ୭.୪ ପ୍ରତିଶତ ଠାରୁ ଅଧିକ । ୨୦୨୫-୨୬ରେ ସମସ୍ତ କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ହାର ଦେଖାଯାଇଛି ଏବଂ ରାଜ୍ୟରେ ସରାକରୀ ଓ ବେସରକାରୀ ପୁଞ୍ଜିନିବେଶ ବୃଦ୍ଧି



ପାଉଥିବାରୁ ଆଗାମୀ ବର୍ଷ ଗୁଡ଼ିକରେ ରାଜ୍ୟ ଦ୍ରୁତ ଆର୍ଥିକ୍ ବୃଦ୍ଧି ପାଇଁ ପ୍ରସ୍ତୁତ ହେଉଛି ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି ।

ଅର୍ଥନୈତିକ ସର୍ଭେ ରିପୋର୍ଟରେ ରାଜ୍ୟର ମୁଣ୍ଡ ପିଛା ଆୟ ଆକନ କରାଯାଇଛି । ୨୦୨୫-୨୬ ରେ ଓଡ଼ିଶା ମୁଣ୍ଡପିଛା ଆୟ ୯.୨ ପ୍ରତିଶତ ବୃଦ୍ଧି ପାଇ ୧.୮୬.୭୬୧ ଟଙ୍କାରେ ପହଞ୍ଚିଥିବାବେଳେ ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ଆୟ ୬.୯ ପ୍ରତିଶତ ବୃଦ୍ଧି ପାଇଛି। ଓଡ଼ିଶା ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଯୋଗୁଁ ଜାତୀୟ ସ୍ତର ସହିତ ଥିବା ମୁଣ୍ଡପିଛା ଆୟର ତାରତମ୍ୟକୁ ଦ୍ରୁତ ଗତିରେ ହ୍ରାସ କରି ପାରିଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଓଡିଶା ବିଦ୍ୟାଳୟ ଶିକ୍ଷା ବଜେଟର ଆକାର ବଢ଼ିଛି । ୨୦୨୩-୨୪ରେ ଏହା ୨୨,୫୨୭ କୋଟି ଟଙ୍କା ଥିଲେ । ବର୍ତ୍ତମାନ ଅର୍ଥାତ୍ ୨୦୨୫-୨୬ରେ ୩୧,୧୮୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଯାହାକି ୨ବର୍ଷ ମଧ୍ୟରେ ୩୮.୪ ପ୍ରତିଶତ ଅଭିବୃଦ୍ଧି ଘଟିଛି।

ସେହିପରି ରାଜ୍ୟର ସରକାରୀ ବିଦ୍ୟାଳୟଗୁଡିକରେ ମୋଟ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟାର ୮୦.୮ ପ୍ରତିଶତ ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଭିତ୍ତିଭୂମିର ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ସ୍କୁଲ ଗୁଡ଼ିକରେ ପାନୀୟ ଜଳ, ପାଠାଗାର, ଶୌଚାଳୟ ସୁବିଧା ଏବଂ ବିଦ୍ୟୁତ ସଂଯୋଗୀକରଣ ହୋଇଛି । ଏହାଛଡ଼ା ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ସରକାରୀ ବିଦ୍ୟାଳୟ ଗୁଡିକରେ କମ୍ପ୍ୟୁଟର ସୁବିଧା ୨୯ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୪-୨୫ରେ ୮୪ ପ୍ରତିଶତ ବିଦ୍ୟାଳୟରେ ଇଣ୍ଟରନେଟ୍ ସୁବିଧା ହୋଇଛି । ରାଜ୍ୟରେ ଶିକ୍ଷକ ନିଯୁକ୍ତି ମଧ୍ୟ ବୃଦ୍ଧି ପାଇଛି । ଯେଉଁଥିପାଇଁ ରାଜ୍ୟରେ ଛାତ୍ର-ଶିକ୍ଷକ ଅନୁପାତ(ପିଟିଆର) ମଧ୍ୟ ବୃଦ୍ଧି ପାଇଛି । ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରରେ ଓଡିଶାର ପିଟିଆର ସର୍ବଭାରତୀୟ ସ୍ତରଠାରୁ ଉନ୍ନତ ରହିଛି ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟ ଉଲ୍ଲେଖ ରହିଛି ।

ଅର୍ଥନୈତିକ ସର୍ଭେ ରିପୋର୍ଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ମଧ୍ୟ ଫୋକସରେ ରହିଛି । ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଲାଗି ରାଜ୍ୟ ପକ୍ଷରୁ ମହତ୍ୱପୂର୍ଣ୍ଣ ନିବେଶ କରାଯାଇଛି। ଜନସ୍ୱାସ୍ଥ୍ୟ ବ୍ୟୟରେ କ୍ରମାଗତ ବୃଦ୍ଧି ଘଟିଛି। ୨୦୧୯-୨୦ ଅର୍ଥିକ ବର୍ଷରେ ୬.୯ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୪-୨୫(ସଂଶୋଧିତ ଆକଳନ)ରେ ଏହା ୧୯.୭ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

ସେହିପରି ରାଜ୍ୟ ସରକାର ୮,୫୦୦ରୁ ଅଧିକ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସହିତ ସ୍ୱାସ୍ଥ୍ୟସେବା ସୁବିଧାକୁ ବିସ୍ତାର କରିଛନ୍ତି । ଜିଲ୍ଲା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତିକରଣ ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ସେହିଭଳି ଆମ ହସ୍ପିଟାଲ ସ୍କିମ୍ ଭଳି ଫ୍ଲାଗସିପ୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ତେବେ ସମନ୍ୱିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମଜେଏୱାଇ) ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ), ରାଜ୍ୟ ପ୍ରଯୋଜିତ ସ୍ୱାସ୍ଥ୍ୟବୀମା ଯୋଜନା, ଆର୍ଥିକ ଅନଗ୍ରସର ଲୋକଙ୍କୁ ନଗଦ ଟଙ୍କା ବିହୀନ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଆର୍ଥିକ ସୁରକ୍ଷାକୁ ବୃଦ୍ଧି କରିଛନ୍ତି ସରକାର ।ମହିଳାଙ୍କ ଆର୍ଥିକ ସ୍ୱାଧୀନତା, ଜୀବିକା ଏବଂ ଉଦ୍ୟମକୁ ସହାୟତା କରିବା ପାଇଁ ରାଜ୍ୟ ସୁଭଦ୍ରା ଏବଂ ଲକ୍ଷପତି ଦିଦି ଭଳି ଅନେକ ପଦକ୍ଷେପ କାର୍ଯ୍ୟକାରୀ କରିଛି। ସୁଭଦ୍ରା ହିତାଧିକାରୀଙ୍କ ମଧ୍ୟରେ ପାଣ୍ଠିର ଫଳପ୍ରଦ ବ୍ୟବହାରକୁ ପ୍ରୋତ୍ସାହିତ କରି, ଆର୍ଥିକ ସ୍ୱାୟତ୍ତତା ବୃଦ୍ଧି କରି ଏବଂ ଅର୍ଥ ପରିଚାଳନାରେ ଆତ୍ମବିଶ୍ୱାସ ବୃଦ୍ଧି କରି ମହିଳାମାନଙ୍କୁ ସଶକ୍ତ କରିଛି। ଆହୁରି ମଧ୍ୟ ଲକ୍ଷପତି ଦିଦି ଯୋଜନା କ୍ଷେତ୍ରରେ, ଓଡିଶା ୨୦୨୫ ସୁଦ୍ଧା ୧୬.୪୨ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ଭାରତର ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହୋଇଛି। ମହିଳାମାନଙ୍କୁ କାର୍ଯ୍ୟ ଏବଂ ଯତ୍ନ ଦାୟିତ୍ୱରେ ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରିବା ପାଇଁ ଓଡିଶା ମହିଳାମାନଙ୍କ ପାଇଁ ନିରାପଦ ରହିବା ସୁବିଧା ସହିତ ଗୋଷ୍ଠୀ କ୍ରେଚ୍ ପ୍ରତିଷ୍ଠା କରିଛି।

# ଏଆଇରେ ଭାରତର ଭବିଷ୍ୟତ ଉଜ୍ଜ୍ୱଳ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୯।୨ (ମହାଭାରତ): ଦିଲ୍ଲୀର ଭାରତ ମଣ୍ଡପମରେ ଆଜି ଆନୁଷ୍ଠାନିକ ଭାବରେ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଉଦଘାଟନ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ଫ୍ରାନ୍ସ, ବ୍ରାଜିଲ ଏବଂ ଏସ୍ତୋନିଆର ରାଷ୍ଟ୍ରପତିଙ୍କ ସହିତ ଅନ୍ୟାନ୍ୟ ବିଶ୍ୱ ନେତାମାନଙ୍କୁ ସ୍ୱାଗତ କରିଛନ୍ତି। ଉଦଘାଟନ ପରେ ଶିଖର ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ, ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନ, ଜାତିସଂଘ ସଚିବ ଗୁଟେରେସ ଏବଂ ଗୁଗୁଲ ସିଇଓ ସୁନ୍ଦର ପିଚାଇଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ଏଆଇର ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଏଆଇରେ ଭାରତର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ବର୍ଣ୍ଣନା କରିଥିଲେ।

ଶିଖର ସମ୍ମିଳନୀରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଆଜି ବିଶ୍ୱ ଏପରି ଏକ ଯୁଗରେ ପ୍ରବେଶ କରୁଛି ଯେଉଁଠାରେ ମଣିଷ ଏବଂ ଏଆଇ ମିଳିତ ଭାବରେ ବିକାଶର ମୂଳଦୁଆ ପକାଇବେ। ଭାରତ ଏଆଇରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେଖୁଛି। ଶିଖର ସମ୍ମିଳନୀରେ ତିନୋଟି ଭାରତୀୟ କମ୍ପାନୀ ସେମାନଙ୍କର ଏଆଇ ମଡେଲ ଏବଂ ଆପ୍ ଲଞ୍ଚ କରିଛନ୍ତି। ମୁଁ ସମସ୍ତଙ୍କୁ ଭାରତ ଆସି ଏଆଇ ମଡେଲ ଡିଜାଇନ୍ କରି ବିଶ୍ୱ ଏବଂ ମାନବତା ସମ୍ମୁଖରେ ଉପସ୍ଥାପନ କରିବାକୁ ନିମନ୍ତ୍ରଣ କରୁଛି ।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯେପରି ଇଣ୍ଟରନେଟ୍ ଅଗଣିତ ନିଯୁକ୍ତି ସୃଷ୍ଟି କରିଛି, ସେହିପରି ଏଆଇ ମଧ୍ୟ ଲୋକଙ୍କ ପାଇଁ ନିଯୁକ୍ତିର ଏକ ଉତ୍ସ ହୋଇଯିବ। ତଥାପି, ଭବିଷ୍ୟତରେ ଏଆଇ କ୍ଷେତ୍ରରେ କି ପ୍ରକାରର ଚାକିରି ସୃଷ୍ଟି ହେବ ତାହା କଳ୍ପନା କରିବା କଷ୍ଟକର। ଏଆଇ ବ୍ୟବହାର କରିବା ସମୟରେ ଆମକୁ ପିଲାମାନଙ୍କ ସୁରକ୍ଷା ପ୍ରତି ଅଧିକ ସତର୍କ ରହିବାକୁ ପଡିବ। ପିଲାମାନଙ୍କ ପାଇଁ ନିରାପଦ କ୍ଷେତ୍ର ସୃଷ୍ଟି କରି ଏଆଇ ବିକଶିତ କରାଯିବା ଉଚିତ।



ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ "ମାନବ" ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ "ମାନବ" ଅର୍ଥ ହେଉଛି ମଣିଷ, ଅର୍ଥାତ୍ ଏଆଇ ମାନବୀୟ ହେବା ଉଚିତ। ମାନବରେ "ଏମ" ଅର୍ଥ ହେଉଛି ନୈତିକ ଏବଂ ନୈତିକ ବ୍ୟବସ୍ଥା, ଯାହା ଅଧୀନରେ ଏଆଇ ମଣିଷ ଦ୍ୱାରା ପରିଚାଳିତ ହେବା ଉଚିତ। ଏଆଇର ବ୍ୟବହାର ଏବଂ ବିକାଶ ସମ୍ପର୍କରେ ଏକ ନୀତି ବିକଶିତ କରିବାକୁ ପଡିବ। ଏ ର ଅର୍ଥ ହେଉଛି ଦାୟିତ୍ୱ, ଅର୍ଥାତ୍ ନିୟମାବଳୀ ସ୍ଥାପନ କରି ଏଆଇ ଉପରେ ନଜର ରଖିବା ଆବଶ୍ୟକ। ଏନ ର ଅର୍ଥ ହେଉଛି ଜାତୀୟ ସାର୍ବଭୌମତ୍ୱ। ଯିଏ ଏଆଇ ରେ ତଥ୍ୟ ଫିଡ୍ କରେ ତାହାର ଏହା ଉପରେ ଅଧିକାର ରହିବ। ଏ ର ଅର୍ଥ ହେଉଛି ପ୍ରବେଶ, ଅର୍ଥାତ୍ ଏଆଇ ଉପରେ କାହାର ଏକାଧିକାର ରହିବା ଉଚିତ୍ ନୁହେଁ। ମାନବ ରେ ଭି ବୈଧତାକୁ ବୁଝାଏ, ଅର୍ଥାତ୍ ଏଆଇ ଆଇନଗତ ଭାବରେ ବୈଧ ଏବଂ ଯାଞ୍ଚ ହୋଇଥିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ମୋଦି ସମ୍ମିଳନୀରେ କହିଥିଲେ ଯେ ଭାରତର ମାନବ ଦୃଷ୍ଟିକୋଣ ୨୧ ଶତାବ୍ଦୀର ଏଆଇ-ଚାଳିତ ବିଶ୍ୱରେ ମାନବତାର କଲ୍ୟାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ହୋଇପାରିବ। ଆଜି, ସମସ୍ତେ ବିଶ୍ୱର ହିତ ପାଇଁ ଏଆଇ ବିକଶିତ କରିବାକୁ ପ୍ରତିଜ୍ଞା ନେବା ଉଚିତ। ପ୍ରଧାନମନ୍ତ୍ରୀ ମୋଦୀ ସମ୍ମିଳନୀରେ କହିଥିଲେ ଯେ ଏଆଇ ପାଇଁ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡିପ୍ ଫେକ୍ ବିଷୟବସ୍ତୁର ଅପବ୍ୟବହାର ବୃଦ୍ଧି ପାଇଛି। ତେଣୁ, ଡିଜିଟାଲ ଦୁନିଆରେ, ବିଷୟବସ୍ତୁରେ ପ୍ରମାଣପତ୍ର ଲେବଲ୍ ରହିବା ଉଚିତ ଯାହା ଦ୍ୱାରା ଲୋକମାନେ ଜାଣିପାରିବେ ଯେ ଏହା ପ୍ରକୃତ କି ଏଆଇ ଦ୍ୱାରା ସୃଷ୍ଟି। ୱାଟରମାର୍କିଂ ଏବଂ ଉତ୍ସ ଚିହ୍ନଟର ଆବଶ୍ୟକତା ବଢ଼ିବ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏଆଇକୁ ଗଣତାନ୍ତ୍ରିକୀକରଣ କରାଯିବା ଉଚିତ ଏବଂ ସଶକ୍ତିକରଣର ଏକ ଉପକରଣ କରାଯିବା ଉଚିତ। ଜିପିଏସ ପରି, ଆମକୁ ଏଆଇ ଉପରେ ନିୟନ୍ତ୍ରଣ ରଖିବାକୁ ପଡିବ। ଜିପିଏସ ଆମକୁ ପଥ ଦେଖାଏ, କିନ୍ତୁ କେଉଁ ଦିଗରେ ଯିବାକୁ ହେବ ସେ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ଆମର। ସେହିପରି, ଆଜି ଆମେ ଏଆଇ ସହିତ ଯେଉଁ ଦିଗ ନେବୁ ତାହା ଆମର ଭବିଷ୍ୟତ ନିର୍ଣ୍ଣୟ କରିବ।

### ରାଜ୍ୟପାଳଙ୍କ ଅଭିଭାଷଣ ପ୍ରଗତିଶୀଳ, ସଂସ୍କାରମୂଳକ

# ବିରୋଧୀଙ୍କ ଆଚରଣର ବିଚାର କରିବେ ଲୋକ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୨ (ମହାଭାରତ): ରାଜ୍ୟପାଳଙ୍କ ବଜେଟ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବିରୋଧୀଙ୍କୁ କାଠଗଡାରେ ଛିଡା କରାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିରୋଧୀ ବିଜେଡି ଓ କଂଗ୍ରେସର ହଇଗୋଳ ସହ କକ୍ଷତ୍ୟାଗକୁ ସେ କଡା ସମାଲୋଚନା କରିଛନ୍ତି । କହିଛନ୍ତି,ଜନତା ଜନାର୍ଦ୍ଦନ ଆପଣଙ୍କ ଆଚରଣ,ଉଚ୍ଚାରଣର ବିଚାର କରିବେ। ରାଜ୍ୟପାଳଙ୍କ ଅଭିଭାଷଣକୁ ଦୂରଦର୍ଶୀ,ପ୍ରଗତିଶୀଳ ଓ ସଂସ୍କାରମୂଳକ ବୋଲି ଦର୍ଶାଇଛନ୍ତି ମୋହନ ।

ମୋହନ କହିଲେ,ରାଜ୍ୟପାଳଙ୍କ ଅଭିଭାଷଣରେ ଆମ ରାଜ୍ୟକୁ ଏକ ସମୃଦ୍ଧ,ଶକ୍ତିଶାଳୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଭିଜନକୁ ଦର୍ଶାଯାଇଛି । ଏହି ଦୂରଦୃଷ୍ଟି ସମ୍ପନ୍ନ ଅଭିଭାଷଣ ଆଗାମୀ ଦିନରେ ରାଜ୍ୟ ପାଇଁ ଏକ ମାର୍ଗଦର୍ଶିକା ସଦୃଶ ହେବ । ଏଥିପାଇଁ ମୁଁ ରାଜ୍ୟପାଳଙ୍କ ଉଚ୍ଚ ପ୍ରଶଂସା କରୁଛି । ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡିଶାକୁ 'ସମୃଦ୍ଧ ଓଡିଶା' ଏବଂ ୨୦୪୭ ସୁଦ୍ଧା ମୋଦୀଜୀଙ୍କ ପରିକଳ୍ପିତ 'ବିକଶିତ ଭାରତ'ର ଅଭିବୃଦ୍ଧି ଇଞ୍ଜିନ ହେବା । କେବଳ ଘୋଷଣା ନୁହେଁ,ଏଥିପାଇଁ ଏକ ସ୍ପଷ୍ଟ ରୋଡ ମ୍ୟାପ୍ ବି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଲେ, ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତି, ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତି ହାସଲ ଆମର ଲକ୍ଷ୍ୟ । ବର୍ଷକୁ ୯.୫ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରି ୨୦୪୭ରେ ବାର୍ଷିକ ମୁଣ୍ଡପିଛା ଆୟ ୩୨ ଲକ୍ଷ ଟଙ୍କା କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । ଗରିବୀ ହାର ୫ ପ୍ରତିଶତକୁ କମାଇବାକୁ ଯୋଜନା ପ୍ରସ୍ତୁତ ହୋଇଛି । ସମୃଦ୍ଧ ଓଡିଶାର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ରାଜ୍ୟକୁ ଦେଶର ସର୍ବଶ୍ରେଷ୍ଠ ପାଞ୍ଚଗୋଟି ରାଜ୍ୟ ମଧ୍ୟରେ ସ୍ଥାନ ଦେବା । ମୁଁ ପଳାୟନପନ୍ଥୀ ନୁହେଁ,ବିରୋଧୀ ଦଳ ଯାହା




ପ୍ରଶ୍ନ ପଚାରିବେ,ମୁଁ ତାର ଉତ୍ତର ଦେବି । ମୁଁ ସେଇ ରାଜନେତା ନୁହେଁ,କେବଳ ନିଜ ଘର ଅବା ସଚିବାଳୟର ପାହାଚରେ ଧାଡିକିଆ ଉତ୍ତର ଦିଏ । ବିଧାନସଭାରେ ସରକାର ସବୁ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ,କିନ୍ତୁ,ବିରୋଧୀ ଛତ୍ରଭଙ୍ଗ ଦେଉଛନ୍ତି । କଂଗ୍ରେସ ଯେତେବେଳେ କକ୍ଷତ୍ୟାଗ କରୁଛି,ବିରୋଧୀ ବିଜୁ ଜନତା ଦଳ ସେତେବେଳେ କକ୍ଷତ୍ୟାଗ କରୁଛି । ଏହା ବଡ ଆଶ୍ଚର୍ଯ୍ୟ କଥା ।

ସରକାରୀ ତଥ୍ୟ ଅନୁସାରେ ୨୪ ବର୍ଷର ସରକାରଙ୍କ ସମୟରେ ଓଡିଶାର ଚାଷୀଙ୍କ ଆୟ ସାରା ଭାରତରେ ଶେଷଆଡୁ ଥିଲା ଦ୍ୱିତୀୟ,ମାସିକ ଆୟ ଥିଲା ମାତ୍ର ୫ ହଜାର ୧୧୫ ଟଙ୍କା । ଯେଉଁମାନେ ଆଜି ସରକାରଙ୍କ ଇନ୍ପୁଟ ସବସିଡି ବିଷୟରେ ପ୍ରଶ୍ନ ଉଠାଉଛନ୍ତି,ସେମାନେ ବୋଧେ ଭୁଲି ଯାଉଛନ୍ତି,ସେମାନେ ବରଗଡର ସୋହେଲା ଠାରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଦେବାପାଇଁ ଘୋଷଣା କରିଥିଲେ ।'ରାତ ଗୟୀ,ବାତ୍ ଗୟୀ'। 'ତମାସା ଖତମ,ପୈସା ହଜମ' ନ୍ୟାୟରେ ପୁରା ଭୁଲିଗଲେ । ଆମେ ଭୁଲି ନ ଥିଲୁ । ଆମ ସରକାର ପ୍ରତିଶ୍ରୁତି ଦେଇଥିବା ଇନ୍ପୁଟ ସବସିଡି ପ୍ରଦାନ ପାଇଁ ନିଷ୍ପତ୍ତି ଆମେ ମାତ୍ର ୨୪ ମିନିଟରେ ନେଇଥିଲୁ । ବିରୋଧୀଙ୍କୁ ଏହା ଏତେ ପୀଡା କାହିଁକି ଦେଉଛି ମୁଁ ବୁଝି ପାରୁନାହିଁ । ଆଜି ଯେଉଁମାନେ ମଣ୍ଡି ଅବ୍ୟବସ୍ଥା କଥା କହୁଛନ୍ତି,ସେମାନେ ୨୪ ବର୍ଷରେ କେତେଟା ମଣ୍ଡିର ଉନ୍ନତିକରଣ କରିଛନ୍ତି । ୨୪ଟା ମଡେଲ ମଣ୍ଡି କରିଛନ୍ତି କି ? ସୁଭଦ୍ରା ଯୋଜନାରେ ଏକ କୋଟି ସୁଭଦ୍ରାଙ୍କୁ ୧୦ ହଜାର ଟଙ୍କା ଦେବା,ଚାଷୀଙ୍କୁ ଇନ୍ପୁଟ ସବସିଡି ଦେଇ ୩୧୦୦ ଟଙ୍କାରେ ଧାନ କିଣିବା,ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ୫ ହଜାର ଟଙ୍କା ପ୍ରଦାନ କରିବା,କନ୍ୟା ବିବାହ ଯୋଜନାରେ ଗରିବ କନ୍ୟାଙ୍କୁ ବିବାହ କରାଇବା,ଶ୍ରୀ ଜଗନ୍ନାଥ ଦର୍ଶନ ଅନ୍ତର୍ଗତ ବରିଷ୍ଠ ନାଗରିକଙ୍କୁ ଜଗା ଦର୍ଶନ କରାଇବା ପ୍ରତିଶ୍ରୁତି ଦେଇଥିଲୁ,ତାହା ପୂରଣ କରିଛୁ । ଓଡିଶାରେ ବର୍ତ୍ତମାନ ପ୍ରାୟ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଚାଲୁ ରହିଛି ।

# ବନ୍ଧା ହେଲେ ବ୍ରିଟେନର ପୂର୍ବତନ ଯୁବରାଜ

ଲଣ୍ଡନ, ୧୯।୨ (ମହାଭାରତ): ଆମେରିକାର ଯୌନ ଅପରାଧୀ ଜେଫ୍ରୀ ଏପଷ୍ଟିନ ସହ ତାଙ୍କର ଲିଙ୍କ ଥିବା କିଛି ଦିନ ପୂର୍ବରୁ ଅଭିଯୋଗ ହୋଇଥିଲା। ଜଣେ ଯୁବତୀ



ଚଟଣାରେ ଶୋଇଥିବା ବେଳେ ଆଣ୍ଡ୍ର୍ୟୁ ତାଙ୍କ ଉପରେ ରହିଥିବା ଛବି ସାମ୍ନାକୁ ଆସିବା ପରେ ପୂରା ବିଶ୍ୱରେ ହଇଚଇ ଦେଖିବାକୁ ମିଳିଥିଲା।

ପୂର୍ବତନ ଯୁବରାଜ ତଥା ରାଜା ଚାର୍ଲସଙ୍କ ସାନ ଭାଇ ଆଣ୍ଡ୍ର୍ୟୁ ମାଉଣ୍ଟବିଟେନ- ୱିଣ୍ଡସନର ଗିରଫ। ଗୁରୁବାର ତାଙ୍କୁ ବ୍ରିଟେନ(ଟକ)ରେ ଗିରଫ କରାଯାଇଛି। ନିଜ କ୍ଷମତାର ଅପବ୍ୟବହାର ସନ୍ଦେହରେ ସେ ଗିରଫ ହୋଇଥିବା ଜଣାପଡିଛି। ଆଣ୍ଡ୍ର୍ୟୁ ମାଉଣ୍ଟବିଟେନ ନିଜର ୬୬ତମ ଜନ୍ମ ଦିନ ପୂର୍ବରୁ ଗିରଫ ହେବା ପୂରା ରାଜ ପରିବାରର ଛବିକୁ ବଦନାମ କରିଛି। ବ୍ରିଟେନର କୌଣସି ଯୁବରାଜ ଗିରଫ ହେବା ମଧ୍ୟ ପ୍ରଥମ ଘଟଣା।

# ମୟୂରଭଞ୍ଜରେ ସୁନା ଖଣି

ଭୁବନେଶ୍ୱର, ୧୯।୨ (ମହାଭାରତ): ଓଡ଼ିଶା ବିଧାନସଭାର ଚଳିତ ବଜେଟ୍ ଅଧିବେଶନରେ ପୁଣିଥରେ ରାଜ୍ୟର ସୁନା ଖଣି ପ୍ରସଙ୍ଗ ଚର୍ଚ୍ଚାର ବିଷୟ ପାଲଟିଛି। ଗୁରୁବାର ଗୃହରେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରାଙ୍କ ଏକ ପ୍ରଶ୍ନର ଉତ୍ତର ରଖି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାଜ୍ୟର ବିଭିନ୍ନ ଜିଲାରେ ଥିବା ସୁନା ଗଚ୍ଛିତ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି।ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଓଡ଼ିଶାର ଦେବଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ସୁନା ଖଣି ଥିବା ସ୍ପଷ୍ଟ ହୋଇଛି। ଏହି ସ୍ଥାନଗୁଡ଼ିକରେ ବର୍ତ୍ତମାନ ସବିଶେଷ ଅନୁସନ୍ଧାନ କାର୍ଯ୍ୟ ଜାରି ରହିଛି। ଦେବଗଡ଼ର ଆଦାସ-ରାମପଲ୍ଲୀ ଅଞ୍ଚଳ, କେନ୍ଦୁଝରର ଗୋପୁର-ଜଳଡିହି ଅଞ୍ଚଳ ଏବଂ ମୟୂରଭଞ୍ଜର ମଦନଶାହୀ-କାଞ୍ଜିଆ ଅଞ୍ଚଳରେ ସୁନା ଖଣି ରହିଛି।

### ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଏବଂ ଅନୁଗୋଳ-ଢେଙ୍କାନାଳ ସିଟି ଇକୋନୋମିକ ରିଜିୟନ

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ର ମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୯।୨ (ମହାଭାରତ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟର ସନ୍ତୁଳିତ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଆଜି ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ କ୍ଲଷ୍ଟର ଏବଂ ଅନୁଗୋଳ-ଢେଙ୍କାନାଳ କ୍ଲଷ୍ଟରକୁ ଦୁଇଟି ପୃଥକ 'ସିଟି ଇକୋନୋମିକ ରିଜିୟନ' ଭାବରେ ବିକଶିତ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଓଡ଼ିଶାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର) ମଡେଲରେ ଏହି ଇକୋନୋମିକ ରିଜିୟନ ଗଠନ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି ।

ଶ୍ରୀ ପ୍ରଧାନ ନିଜ ପତ୍ରରେ ପ୍ରଥମତଃ ଦର୍ଶାଇଛନ୍ତି ଯେ, ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡା-ବରଗଡ଼ ଅଞ୍ଚଳ ହୀରାକୁଦ ବନ୍ଧ ସହ ମହାନଦୀ ଓ ବ୍ରାହ୍ମଣୀ କୂଳରେ ଅବସ୍ଥିତ । ଏଠାରେ ପ୍ରଚୁର ଖଣିଜ ସମ୍ପଦ, ଶିଳ୍ପ ଭିତ୍ତିଭୂମି ରହିଛି । ବିବିଧ ପର୍ଯ୍ୟଟନ ସମ୍ଭାବନାରେ ପରିପୂର୍ଣ୍ଣ ଏହି କ୍ଲଷ୍ଟରରେ କୃଷି, ସେବା ଏବଂ ଉତ୍ପାଦନ କ୍ଷେତ୍ରକୁ ସଡ଼କ, ରେଳ ଏବଂ ବିମାନ ସଂଯୋଗୀକରଣ ମାଧ୍ୟମରେ ଅଭିବୃଦ୍ଧି କରିବାର କ୍ଷମତା ରହିଛି । ଏଠାରେ ଇସ୍ପାତ, ଆଲୁମିନିୟମ, କୋଇଲା ଏବଂ ଶକ୍ତି ଭଳି ବୃହତ ଶିଳ୍ପ ସହିତ କୃଷି ଭିତ୍ତିକ ଶିଳ୍ପ ଏବଂ ବିଶ୍ୱ ପ୍ରସିଦ୍ଧ ସମ୍ବଲପୁରୀ ହସ୍ତତନ୍ତର ସୁଦୃଢ଼ ଭିତ୍ତିଭୂମି ରହିଛି । ଏହିସବୁ କ୍ଷେତ୍ରମିଶି ଏଠାରେ ଏକ ସମନ୍ୱିତ ଆର୍ଥିକ ପରିବେଶ ସୃଷ୍ଟି କରୁଛନ୍ତି, ଯାହା ଆଗାମୀ ଦିନରେ ନୂତନ ନିଯୁକ୍ତି ଏବଂ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଅନେକ ସୁଯୋଗ ଆଣିଦେବ । ଏନଆଇଟି ରାଉରକେଲା,



ଆଇଆଇଏମ ସମ୍ବଲପୁର, ଭିସୁଟ ବୁର୍ଲା ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଯୋଗୁଁ ଏହା ଆଧୁନିକ ଜ୍ଞାନକୌଶଳ, ନବସୃଜନ ଏବଂ ନୂଆ ନୂଆ ଷ୍ଟାର୍ଟଅପ୍ କ୍ଷେତ୍ରରେ 'ନ୍ୟୁ ଏଜ୍ ଇକୋନୋମୀ'ର ଏକ କେନ୍ଦ୍ରବିନ୍ଦୁ ଭାବରେ ସ୍ଥାପିତ କରୁଛି । ଭୌଗୋଳିକ ଦୃଷ୍ଟିକୋଣରୁ ମଧ୍ୟ ଏହି ଅଞ୍ଚଳର ସ୍ଥିତି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହା ଛତିଶଗଡ଼ ଓ ଝାଡ଼ଖଣ୍ଡ ସୀମାକୁ ଲାଗି ରହିଥିବା ବେଳେ ତିନୋଟି ରାଜ୍ୟର ରାଜଧାନୀ ଯଥା ଭୁବନେଶ୍ୱର, ରାୟପୁର, ରାଞ୍ଚି ଏବଂ ବଡ଼ ବନ୍ଦର ସହର ବିଶାଖାପାଟଣାର ୩୦୦ କିଲୋମିଟର ପରିଧି ମଧ୍ୟରେ ଅବସ୍ଥିତ । ଏହି ଉତ୍ତମ ସଂଯୋଗୀକରଣ ଏବଂ ପ୍ରଚୁର ସମ୍ପଦ ଯୋଗୁଁ ଏହାକୁ ଏକ 'ସିଟି ଇକୋନୋମିକ ରିଜିୟନ' ଭାବେ ଗଢ଼ିବା ପାଇଁ ସବୁ ପ୍ରକାର ଯୋଗ୍ୟତା ରହିଛି । ଏଠାରେ ସଡ଼କ ଓ ରେଳପଥ ସହ ଝାରସୁଗୁଡା (ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର), ରାଉରକେଲା, ସମ୍ବଲପୁର (ଜମାଦାରପାଲି) ଏବଂ ବରଗଡ଼ (ସଡିଭଟା)ର ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ଅଞ୍ଚଳରେ ଥିବା ଦେବ୍ରିଗଡ, ଭୀମମଣ୍ଡଳୀ, ବେଦବ୍ୟାସ, ଖଣ୍ଡାଧାର ପ୍ରଧାନପାଟ ଭଳି ପର୍ଯ୍ୟଟନର ଯଥେଷ୍ଟ ସମ୍ଭାବନା ରହିଛି । ଅନୁରୂପ ଭାବେ ଦ୍ୱିତୀୟତଃ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି, ଅନୁଗୋଳ-ଢେଙ୍କାନାଳ ରିଜିୟନ କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସାରା ଭାରତର ଆର୍ଥିକ ପ୍ରଗତି ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ଠିକ୍ ମଝି ଭାଗରେ ଅବସ୍ଥିତ ଏହି ଅଞ୍ଚଳ ଉପକୂଳର ବନ୍ଦର ଏବଂ ଖଣିଜ ସମୃଦ୍ଧ ପଶ୍ଚିମାଞ୍ଚଳକୁ ଯୋଡ଼ିବା ପାଇଁ ଏକ ମୁଖ୍ୟ ରାସ୍ତା ବା ପ୍ରବେଶ ପଥ ସଦୃଶ । ଏଠାରେ ପ୍ରଚୁର ପରିମାଣରେ କୋଇଲା, କ୍ରୋମାଇଟ୍ ଏବଂ ଲୁହା ପଥର ମିଳୁଥିବାରୁ ଏହା ଭାରୀ ଶିଳ୍ପ, ନୂତନ କାରଖାନା ଏବଂ ସୌର ଶକ୍ତି ଭଳି ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଏକ ଉତ୍କୃଷ୍ଟ ସ୍ଥାନ ।

# ନୂଆ ଜିଲା ଗଠନ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର, ୧୯।୨ (ମହାଭାରତ): ଓଡ଼ିଶାରେ ନୂତନ ଜିଲା ଗଠନ ନେଇ ଚାଲିଥିବା ଦୀର୍ଘ ଦିନର ଅପେକ୍ଷା ଶେଷ ହେବାକୁ ଯାଉଛି। ୨୦୨୬-୨୭ ଆର୍ଥିକ ବର୍ଷରେ ରାଜ୍ୟରେ ନୂଆ ଜିଲା ଗଠନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସରକାର ଆନୁଷ୍ଠାନିକ ଭାବେ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଗୁରୁବାର ଓଡ଼ିଶା ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ନିକଟରେ ୩୧ଟି ନୂଆ ଜିଲା ଗଠନ ପାଇଁ ବିଭିନ୍ନ ଅଞ୍ଚଳରୁ ଦାବିପତ୍ର ଓ ଆବେଦନ ପହଞ୍ଚିଛି। ଏହି ସମସ୍ତ ପ୍ରସ୍ତାବ ବର୍ତ୍ତମାନ ସରକାରଙ୍କ ବିଚାରାଧୀନ ରହିଛି। ପ୍ରସ୍ତାବଗୁଡ଼ିକର ଅନୁଧ୍ୟାନ ଏବଂ ପ୍ରଶାସନିକ ଆବଶ୍ୟକତାକୁ ଭିତ୍ତି କରି ଉପଯୁକ୍ତ ସମୟରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଜିଲା ସହିତ ରାଜ୍ୟରେ ୬୬ଟି ନୂତନ ଉପଖଣ୍ଡ ଗଠନ ପାଇଁ ମଧ୍ୟ ପ୍ରସ୍ତାବ ଆସିଛି, ଯାହା ପ୍ରଶାସନିକ ବିକେନ୍ଦ୍ରୀକରଣ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ହେବ। ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବେଳେ ମାତ୍ର ୬ଟି ଜିଲା (କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମ) ଥିଲା। ପରବର୍ତ୍ତୀ ସମୟ ଆଉ ୭ଟି ଜିଲା (ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର, କଳାହାଣ୍ଡି, ମୟୂରଭଞ୍ଜ, ଫୁଲବାଣୀ ଓ ସୁନ୍ଦରଗଡ଼) ମିଶି ଜିଲା ସଂଖ୍ୟା ୧୩ ହୋଇଥିଲା। ୧୯୯୩ ବିଜୁ ପଟ୍ଟନାୟକଙ୍କ ସରକାର ଅମଳରେ ୧୭ଟି ନୂଆ ଜିଲା ଗଠନ କରାଯାଇ ଜିଲା ସଂଖ୍ୟାକୁ ୩୦ କୁ ବୃଦ୍ଧି କରାଯାଇଥିଲା।

# ଶିମିଳିପାଳରେ ହେବ ହେଲିପ୍ୟାଡ୍

ଭୁବନେଶ୍ୱର, ୧୯।୨ (ମହାଭାରତ.): ମୟୂରଭଞ୍ଜ ଜିଲା ଶିମିଳିପାଳରେ ହେଲିପ୍ୟାଡ୍ ହେବ। ଏନେଇ ବିଧାନସଭା ଗୃହରେ ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆବଶ୍ୟକୀୟ ଜମି ନିରୂପଣ ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ଭୁବନେଶ୍ୱର-ଗୋପାଳପୁର, ଭୁବନେଶ୍ୱର-ଶିମିଳିପାଳକୁ ହେଲିଟ୍ୟାକ୍ସି ସେବା ଜାରି ରହିବ। ହେଲିଟ୍ୟାକ୍ସି ସେବା ପାଇଁ 'ପବନ ହଂସ ଲିଃ'କୁ ମନୋନୀତ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଦଲିଆ ଖେଚୁଡ଼ି



ଆବଶ୍ୟକ ସାମଗ୍ରୀ: ଦଲିଆ, ଫୁଟଣ, ଭୃର୍ସୁଙ୍ଗ ପତ୍ର, କଟା ପିଆଜ, କଟା ଟମାଟୋ, କଟା ବିନ୍‌ସ, କଟାଗାଜର, ଫୁଲକୋବି, ମକା, ଗ୍ରୀନ ମଟର, ସିଝା ରାଜମା, ଚିନିବାଦାମ, ଗଜାମୁଗ, ଲୁଣ, ହଳଦୀ ଓ ରିଫାଇନ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦଲିଆରେ ଲୁଣ ଓ ହଳଦୀ ଦେଇ ସିଝାଇ ଦିଅନ୍ତୁ । ଏବେ ଏକ କଡ଼େଇରେ ତେଲ ଗରମ କରି ଫୁଟଣ, ଭୃର୍ସୁଙ୍ଗ ପତ୍ର, କଟା ପିଆଜ, କଟା ଟମାଟୋ ପକାଇ ଭାଜନ୍ତୁ । ଏସବୁ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ କଟା ବିନସ,ଛୋଟ ଛୋଟ ଖଣ୍ଡ ହୋଇଥିବା ଫୁଲ କୋବି, ମକା, ଗ୍ରୀନ ମଟର, ସିଝା ରାଜମା, ଚିନାବାଦାମ ଓ ଗଜାମୁଗ ପକାନ୍ତୁ। ଏହା ପରେ ହଳଦୀ ଗୁଣ୍ଡ, କଟା ଗାଜର ଓ ଆବଶ୍ୟକ ଅନୁଯାୟୀ ପାଣି ଦେଇ ଘୋଡ଼ଣୀ ଘୋଡ଼େଇ ଦିଅନ୍ତୁ । ୩ରୁ ୪ମିନିଟ ପରେ ପ୍ରସ୍ତୁତ ହୋଇଯିବ ଟେଷ୍ଟି ଆଣ୍ଡ ହେଲଦି 'ଦଲିଆ ଖେଚୁଡ଼ି' ।

**ଖବର**

## ୨୭ରେ ଓଡ଼ିଆ ଚଳଚ୍ଚିତ୍ର କାନ୍ଦ ମାଷ୍ଟ୍ରେ' ମୁକ୍ତିଲାଭ



ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ନେଇ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର କାନ୍ଦ ମାଷ୍ଟ୍ରେ'ର ଅଡିଓ ଏବଂ ଟ୍ରେଲର୍ ମହାଆଡମ୍ବରରେ ରିଲିଜ୍ ହୋଇଛି । ଏହି ଅବସରରେ ସିନେମାର ପ୍ରଯୋଜକଙ୍କ ସହ ସମସ୍ତ କର୍ମକର୍ତ୍ତା, କଳାକାର ପ୍ରମୁଖ ଉପସ୍ଥିତ ଥିଲେ । ସିନେମାର କାହାଣୀ କହେ, ସାରା ବିଶ୍ୱରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଓଡ଼ିଶାରେ ଝିଅମାନେ ବିବାହ ବିଦାୟୀ ବେଳେ ବାପା, ମାଆ, ବନ୍ଧୁବାନ୍ଧବଙ୍କୁ ଧରି ବିଭିନ୍ନ କଥାକୁ ପଦ୍ୟରେ ଗାଇ କାନ୍ଦିଥାନ୍ତି । ଏବେ ପ୍ରାୟତଃ ଆଉ କାନ୍ଦଣା ଦେଖିବାକୁ ମିଳୁ ନାହିଁ । ଏପରି ଏକ କହାଣୀକୁ ନେଇ 'କାନ୍ଦ ମାଷ୍ଟେ' ଚଳଚ୍ଚିତ୍ର ଚିତ୍ରଣ ହୋଇଛି ।ଓଡ଼ିଶାର ଆଗଧାଡ଼ିର ନାଟ୍ୟକାର ତଥା ସାହିତ୍ୟିକ ଜାକିର ଖାନ୍‌ଙ୍କ ସଫଳ ନାଟକକୁ ନେଇ ସିନେମା ନିର୍ମାଣ ହୋଇଛି । ପ୍ରଯୋଜନା ସହିତ ନିର୍ଦ୍ଦେଶନା ବିଶ୍ୱଜିତ ପଣ୍ଡା ଦେଇଥିଲା ବେଳେ କହାଣୀ ଓ ସଂଳାପ ଜାକିର ଖାନ୍ ଲେଖିଛନ୍ତି । ଉଭୟେ ଚିତ୍ରନାଟ୍ୟ ପ୍ରସ୍ତୁତ କରିଛନ୍ତି । ମୁଖ୍ୟ ଭୂମିକାରେ ଅଭିନେତ୍ରୀ ଲିପ୍ସା ମିଶ୍ର, ବିଭୁ ପ୍ରସାଦ, ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ, ଶ୍ୱେତାଶ୍ରୀ ପାଣି ପ୍ରମୁଖ ଅଭିନୟ କରିଛନ୍ତି। ଚିତ୍ର ଉତ୍ତୋଳନରେ ସ୍ୱର୍ଣ୍ଣପ୍ରସାଦ, ସମ୍ପାଦନାରେ କୃତାର୍ଥ ଚିତ୍ତରଞ୍ଜନ ନାଟେକର ଓ ମଣ୍ଟୁ, ସାଉଣ୍ଡରେ ଅଜେଶ ମିଶ୍ର ଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ ଓ ଶାନ୍ତନୁ ନାୟକ । ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ସନ୍ତୋଷ ନାୟକ ।

## ପାଦ ଚିହ୍ନ

ଭଗବାନ ଅତ୍ୟନ୍ତ ମନଯୋଗ ସହକାରେ ସୃଷ୍ଟି ନିର୍ମାଣ କଲେ। ସେ ମାନବକୁ ଏହି ମନୋହର ଦୁନିଆ ଦେଖାଇ ସେଠାରେ ଯାଇ ରହିବାକୁ କହିଲେ। ଭାଗବାନଙ୍କ ନିକଟରେ ଛିଡ଼ା ହୋଇଥିବା ମଣିଷ ଆଖି ପୂରାଇ ଦୁନିଆକୁ ଦେଖିଲା, କିନ୍ତୁ ତା' ମନରେ ଏକ ଆଶଙ୍କା ଉତ୍ପନ୍ନ ହେଲା। ତେଣୁ ସେ ସହମତ ହେବା ପୂର୍ବରୁ ସ୍ଥିତି ସ୍ପଷ୍ଟ କରିନେବାକୁ ଚାହିଁଲା।

ସେ ଭଗବାନଙ୍କୁ ପଚାରିଲା- ସେଠାକୁ କ'ଣ ମୋତେ ଏକୁଟିଆ ଯିବାକୁ ପଡ଼ିବ ? ଭଗବାନ କହିଲେ, ନା ତୁମ ସହିତ ଏକ ସମାଜ ଥିବ। ମଣିଷ କହିଲା, ମୁଁ ସେକଥା କହୁନାହିଁ। ଆପଣ ଥିବେ ନା ନାହିଁ ? ଭଗବାନ କହିଲେ, ମୁଁ ଏଇଠି ଅଛି। ମୁଁ କାହିଁକି ଯିବି ? ମଣିଷ କହିଲା, ନା ନା ! ଆପଣଙ୍କୁ ଯିବାକୁ ହେବ। ନହେଲେ ମୁଁ ସେଠାକୁ ଯିବି ନାହିଁ, ଯେତେ ସୁନ୍ଦର ଦୁନିଆ ହେଉ ପଛେ। ଭଗବାନ କହିଲେ, ଠିକ ଅଛି ତା'ହେଲେ ମୋର ଗୋଟିଏ ସର୍ତ୍ତ ଅଛି। ମୁଁ ତୁମ ସହିତ ରହିବି, କିନ୍ତୁ ଦେଖାଦେବି ନାହିଁ। ମଣିଷ ପଚାରିଲା- ତା'ହେଲେ ମୁଁ ଜାଣିବି କେମିତି ତୁମେ ଅଛ ବୋଲି ? ତୁମେ ମଝିରେ ମଝିରେ ପଛକୁ ବୁଲି ଚାହିଁବ । ତୁମକୁ ମୋର ପାଦ ଚିହ୍ନ ଦେଖାଯିବ। ତୁମେ ଚାରିଟି ପାଦ ଚିହ୍ନ ଦେଖିପାରିବ। ଦୁଇଟି ତୁମର ଏବଂ ଦୁଇଟି ମୋର। ଭଗବାନଙ୍କ ଏହି କଥା ଶୁଣି ଲୋକଟି ଆଶ୍ୱସ୍ତ ହେଲା। ସେ ଦୁନିଆରେ ରହିବାକୁ ଆସିଲା। ସବୁବେଳେ ଦୁନିଆର କାର୍ଯ୍ୟରେ ସେ ଏତେ ବ୍ୟସ୍ତ ହୋଇଗଲା ଯେ ପାଦ ଚିହ୍ନ ଦେଖିବା ଲାଗି ଫୁରସତ ପାଇଲା ନାହିଁ। ଦୁନିଆର ସୁଖ ଗୋଟାଇବାର ନିଶା ମଧ୍ୟ ତା'କୁ ଜଞ୍ଜାଳ ଭିତରେ ପକାଇ ଦେଲା। ହେଲେ ଏହା ଭିତରେ ସେ ବିପତ୍ତିରେ ପଡ଼ିଗଲା। ଭଗବାନଙ୍କ କଥା ମନେପଡ଼ିବାରୁ ସେ ପଛକୁ ବୁଲିଚାହିଁଲା, ସେ ଦେଖିଲା ଯେ କେବଳ ଦୁଇଟି ପାଦ ଚିହ୍ନ ଅଛି। ହେ ଭଗବାନ ! ଆପଣ କେଉଁଠି ଅଛନ୍ତି ? ମୋତେ କାହିଁକି ଛାଡ଼ିଦେଲେ ? ଏହା କହି ସେ ମୂର୍ଚ୍ଛିତ ହୋଇଗଲା। ହୋସ ଆସିବାରୁ ସେ ଭଗବାନଙ୍କୁ ଅନୁଭବ କରିପାରିଲା। ସେ ଭଗବାନଙ୍କୁ ପଚାରିଲା, ଆପଣ କୁଆଡ଼େ ଚାଲିଯାଇଥିଲେ ? ଦେଖନ୍ତୁ ! ମୋତେ କିଛି କୁହନ୍ତୁ ନାହିଁ। ମୁଁ ବେହୋସ ହେବା ପୂର୍ବରୁ ଆପଣଙ୍କୁ ଦେଖିପାରିନଥିଲି। ପଛକୁ ବୁଲି ଦେଖିବାରୁ କେବଳ ଦୁଇଟି ପାଦ ଚିହ୍ନ ହିଁ ଦେଖିପାରିଲି। ଭଗବାନ କହିଲେ, ହଁ ! ତୁମେ ନିଶ୍ଚିତ ଭାବେ ଦୁଇଟି ପାଦ ଚିହ୍ନ ଦେଖିଥିବ। କାରଣ ତୁମେ ସେତେବେଳେ ମୋ କୋଳରେ ଥିଲ। ତୁମେ ପଡ଼ିଯିବା ପୂର୍ବରୁ ମୁଁ ତୁମକୁ ଉଠାଇ ନେଇଥିଲି।

## ଅବିନାଶୀ ଆତ୍ମା

ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ। ଅନାଶିନୋ ଅପ୍ରମେୟସ୍ୟ ତସ୍ମାଦ୍ୟୁଧ୍ୟସ୍ୱ ଭାରତ।" ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ଅବିନାଶୀ ଅର୍ଥାତ୍ ଯାହାର ବିନାଶ କରାଯାଇପାରିବ ନାହିଁ, ଅପ୍ରମେୟ ଅର୍ଥାତ ଯାହାର ପ୍ରମାଣ କରିବା ସମ୍ଭବ ନୁହେଁ, ସେହି ନିତ୍ୟସ୍ୱରୂପ ଆତ୍ମା ବାସ କରୁଥିବା ପ୍ରତ୍ୟେକ ଶରୀର ନାଶବାନ ଅଟେ। ସେଥିପାଇଁ ହେ ଭରତବଂଶୀ ଅର୍ଜୁନ, ତୁମେ ଯୁଦ୍ଧ କର। ଆତ୍ମା ହିଁ ଅମୃତ ଅଟେ। ଆତ୍ମା ହିଁ ଅବିନାଶୀ ଅଟେ। ତିନି ଲୋକରେ ଆତ୍ମାକୁ କେବେହେଲେ ନାଶ କରାଯାଇପାରିବ ନାହିଁ। ତେଣୁ ଆତ୍ମା ହିଁ ସତ୍ ଅଟେ। କିନ୍ତୁ ଶରୀର ନାଶବାନ, ଏହା ହେଉଛି ଅସତ୍ୟ, ଯାହାର ତିନି ଲୋକରେ କେଉଁଠି



ହେଲେ ଅସ୍ତିତ୍ୱ ନାହିଁ। ତେଣୁ ତୁମେ ଯୁଦ୍ଧ ହିଁ କର। ଭଗବାନ ଏ ଯେଉଁ ଆଦେଶ ଅର୍ଜୁନଙ୍କୁ ଦେଇଛନ୍ତି, ତା'ର ଅର୍ଥ ନୁହେଁ ଯେ ସେ କେବଳ କୌରବମାନଙ୍କୁ ବଧ କରିବା ଲାଗି ପାଣ୍ଡୁପୁତ୍ରଙ୍କୁ କହୁଛନ୍ତି। ପାଣ୍ଡବ ପକ୍ଷରେ ମଧ ଶରୀର ଅଛନ୍ତି। ପାଣ୍ଡବଙ୍କ ଶରୀର କ'ଣ ଅବିନାଶୀ? ଯଦି ଶରୀର ଅବିନାଶୀ, ତା'ହେଲେ ଶ୍ରୀକୃଷ୍ଣ କାହାର ସୁରକ୍ଷା ପାଇଁ ଛିଡ଼ା ହୋଇଥିଲେ? ଅର୍ଜୁନ କ'ଣ ଅନ୍ୟକୌଣସି ଶରୀରଧାରୀ ଥିଲେ? ଶରୀର ଯାହା ଅସତ୍, ଯାହାର ଅସ୍ତିତ୍ୱ ନାହିଁ, ଯାହାକୁ ସୁରକ୍ଷା କରି ରଖିବା ସମ୍ଭବ ନୁହେଁ, ଶ୍ରୀକୃଷ୍ଣ କ'ଣ ସେହି ଶରୀରର ସୁରକ୍ଷା ପାଇଁ ସେଠାରେ ଉପସ୍ଥିତ ଥିଲେ? ତା'ହେଲେ ଶ୍ରୀକୃଷ୍ଣଙ୍କର କ'ଣ ଜ୍ଞାନ ନଥିଲା? ଏହି ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣ ନିଜେ ହିଁ କହିଛନ୍ତି। ସେ କହିଛନ୍ତି, ଯିଏ କେବଳ ଶରୀର ପାଇଁ ପରିଶ୍ରମ କରିଥାଏ, ସେ ଅବିବେକୀ ଏବଂ ମୂଢ଼ ବୁଦ୍ଧି ଅଟେ। ତେଣୁ ଅର୍ଜୁନ କ'ଣ ଥିଲେ? ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ଅଟେ। ଅନୁରାଗୀ ବ୍ୟକ୍ତି ପାଇଁ ଇଷ୍ଟଦେବ ସର୍ବଦା ରଥୀ ହୋଇ ଛିଡ଼ା ହୋଇ ରହିଥା'ନ୍ତି। ମନୁଷ୍ୟ ଖାଲି ଶରୀର ନୁହେଁ, ଶରୀର ତ' ବାହ୍ୟ ଆବରଣ। ଏହି ଶରୀର ଦିନେ ଚାଲିଯିବ, ଆତ୍ମା ଆଉ ଏକ ଶରୀର ଧାରଣ କରିବ। ଏହି ସମ୍ପର୍କରେ ଶ୍ରୀକୃଷ୍ଣ ଗୀତାରେ କହିସାରିଛନ୍ତି- ଯେପରି ବାଲ୍ୟକାଳରୁ ଯୁବାବସ୍ଥା ଏବଂ ପରେ ବୃଦ୍ଧାବସ୍ଥା ଆସିଥାଏ, ସେହିପରି ଦେହାନ୍ତର(ମୃତ୍ୟୁ)ର ପ୍ରାପ୍ତି ମଧ୍ୟ ହୋଇଥାଏ। ଏ ଶରୀର ଚାଲିଗଲେ, ଜୀବାତ୍ମା ନୂଆ ବସ୍ତ୍ର ଧାରଣ କରିବ।

## ଚିନ୍ତାମଣି ବିନାୟକ



ରାଜା ଅଭିଷେକ ଏବଂ ତାଙ୍କ ରାଣୀ ଗୁଣବତୀଙ୍କର କେହି ସନ୍ତାନ ନଥିଲେ । ଏହି କାରଣରୁ ରାଜା ଓ ରାଣୀ ଦୁଃଖରେ ଥିଲେ । ଥରେ ସେମାନେ ଜଣେ ଋଷିଙ୍କୁ ଦେଖା କରି ନିଜର ସମସ୍ୟା ଜଣାଇଲେ । ଋଷିଙ୍କ ନିର୍ଦ୍ଦେଶ ମୁତାବକ ପୂଜା କରିବାରୁ ରାଜା ଓ ରାଣୀଙ୍କର ଏକ ସୁନ୍ଦର ପୁତ୍ର ଜାତ ହେଲା। ପୁତ୍ରର ନାଁ ରଖାଗଲା ଗଣ । ଗଣ ବଡ଼ ହୋଇ ଭଗବାନ ଶିବଙ୍କୁ ତପସ୍ୟା କଲା । ମହାଦେବ ତା'ର ତପସ୍ୟାରେ ସନ୍ତୁଷ୍ଟ ହୋଇ ତା'କୁ ବରଦାନ ଦେଲେ । ମହାଦେବଙ୍କ ଠାରୁ ଶକ୍ତିଶାଳୀ ହେବାର ବରଦାନ ପାଇଁ ଗଣ ଅତ୍ୟାଚାରୀ ହୋଇଉଠିଲା । ଦିନେ ଗଣ ନିଜ ସୈନ୍ୟଙ୍କ ସହ ଶିକାରରେ ବାହାରିଲା । ବହୁ ସମୟ ଧରି ବୁଲିବା ପରେ ମଧ ତା' ଭାଗ୍ୟରେ ଶିକାରଟିଏ ଜୁଟିଲା ନାହିଁ । ଗଣ ଓ ତା'ର ସୈନ୍ୟମାନେ ଜଙ୍ଗଲରେ ବୁଲୁ ବୁଲୁ କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଲେ । ମୁନି ସେମାନଙ୍କୁ ଖାଇବା ପାଇଁ ଆମନ୍ତ୍ରଣ କଲେ । ମୁନିଙ୍କ ନିକଟରେ ଇନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତ ଚିନ୍ତାମଣି ଥିଲା । ସେହି ଚିନ୍ତାମଣିକୁ ମୁନି ଖାଦ୍ୟ ମାଗି ରାଜକୁମାର ଗଣ ଓ ତା'ର ସୈନ୍ୟମାନଙ୍କୁ ପରଷି ଦେଲେ । ସ୍ୱାର୍ଥପର ଗଣ ମୁନିଙ୍କୁ ସେହି ମଣି ମାଗିଲା । କପିଳ ମୁନି ତା'କୁ ଚିନ୍ତାମଣି ଦେବାକୁ ମନା କରିଦେଲେ । ମାତ୍ର ଗଣ ବଳପୂର୍ବକ ମୁନିଙ୍କ ଠାରୁ ମଣିଟିକୁ ଛଡ଼ାଇ ନେଲା । ନିରାଶ ହୋଇ ମୁନି କପିଳ ଭଗବାନ ଗଣେଶଙ୍କୁ ଡାକିଲେ । ଗଣେଶ ପ୍ରକଟ ହୋଇ କପିଳ ମୁନିଙ୍କୁ ଚିନ୍ତାମଣି ଫେରାଇ ଆଣିବା ଲାଗି ପ୍ରତିଶ୍ରୁତି ଦେଲେ । ଏହାପରେ ଗଣକୁ ସ୍ୱପ୍ନାଦେଶ ହେଲା । ଚିନ୍ତାମଣି ଫେରାଇ ଦେବାକୁ ଗଣେଶ ତା'କୁ ସ୍ୱପ୍ନରେ କହିଲେ । ମାତ୍ର ସ୍ୱପ୍ନାଦେଶକୁ ଖାତିର କଲା ନାହିଁ ଗଣ । ସେ ଗଣେଶଙ୍କ ସହ ଯୁଦ୍ଧ କରିବାକୁ ବାହରିଲା । ଘମାଘୋଟ ଯୁଦ୍ଧ ହେଲା । ଶେଷରେ ଗଣେଶଙ୍କ ହାତରେ ଗଣର ପ୍ରାଣଗଲା । ସେଥିପାଇଁ ଗଣେଶଙ୍କୁ ଗଣନାୟକ କୁହାଯାଇଥାଏ । ଗଣେଶ ଚିନ୍ତାମଣି ଆଣି କପିଳମୁନିଙ୍କୁ ଦେଲେ । ମାତ୍ର ମୁନି କହିଲେ, ଏହି ମଣି ସର୍ବଦା ମୋ ପାଇଁ ଚିନ୍ତାର କାରଣ ପାଲଟିଛି । ଏଣୁ ଆପଣ ଏହାକୁ ନିଜ ପାଖରେ ରଖନ୍ତୁ । ଗଣେଶ ଚିନ୍ତାମଣି ନିଜ ପାଖରେ ରଖିଲେ । ଏହି ଘଟଣା ପରେ କପିଳ ମୁନି ଗଣେଶଙ୍କ ଏକ ମନ୍ଦିର ପ୍ରତିଷ୍ଠା କଲେ । ସେହି ମନ୍ଦିର ଚିନ୍ତାମଣି ବିନାୟକ ମନ୍ଦିର ଭାବେ ପ୍ରସିଦ୍ଧ ହେଲା । ଯାହା ଏବେ ମହାରାଷ୍ଟ୍ରର ପୁନେ ସହର ନିକଟରେ ଥିବା ଅଷ୍ଟ ବିନାୟକ ମନ୍ଦିର ମଧ୍ୟରୁ ଅନ୍ୟତମ ।

## ପେଟ ପାଇଁ ଲାଭଦାୟକ ଏସବୁ ଜିନିଷ

ସୁସ୍ଥ ଏବଂ ଫିଟ୍ ରହିବା ପାଇଁ ପେଟ ଠିକ ଭାବେ କାମ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ଲିଭରକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ରଖିବା ନିହାତି ଜରୁରୀ। ଆଜିର ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସ ଏବଂ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ ପେଟ ସମ୍ବନ୍ଧିତ ସମସ୍ୟାର ଆଶଙ୍କା ଅଧିକ ରହିଥାଏ। ଆଜି ଆମେ ଜାଣିବା ଲିଭରକୁ ସୁସ୍ଥ ଏବଂ ଫିଟ୍ ରଖିବା ପାଇଁ ଡାଏଟରେ କେଉଁ ଜିନିଷ ସାମିଲ କରିବା ଉଚିତ୍। ଏହି ଜିନିଷ ଗୁଡ଼ିକୁ ଡାଏଟରେ ସାମିଲ କରିବା ଦ୍ୱାରା ଆପଣ ରୋଗମୁକ୍ତ ରହିବେ।

୧. ବିଟ୍ : ବିଟ୍ ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଲିଭରକୁ ସୁସ୍ଥ ଏବଂ ଫିଟ୍ ରଖିବା ପାଇଁ ଡାଏଟରେ ବିଟକୁ ସାମିଲ କରନ୍ତୁ। ବିଟରେ ଆଣ୍ଟି ଅକ୍ସିଡାଣ୍ଟ, ମିନେରାଲ୍ସ ଏବଂ ଭିଟାମିନ୍ ପ୍ରଚୁର ମାତ୍ରାରେ ଥାଏ। ଏହା ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

୨. କୋଳି : କୋଳିରେ ଏନ୍ଥୋସାୟନିନ ଥାଏ ଯାହା ଲିଭରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ପେଟ ସମ୍ବନ୍ଧିତ ସମସ୍ୟା ଥିବା ରୋଗୀଙ୍କ



ଡାଏଟରେ କୋଳି ସାମିଲ କରିବା ଉଚିତ୍। କୋଳି ସେବନ କରିବା ଦ୍ୱାରା ଆପଣ ସୁସ୍ଥ ଏବଂ ଫିଟ୍ ରହିବେ।

୩. ଟଭା ଲେମ୍ବୁ: ପେଟ ପାଇଁ ଟଭା ଲେମ୍ବୁ ସେବନ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଟଭାଲେମ୍ବୁରେ ଆଣ୍ଟି ଅକ୍ସିଡାଣ୍ଟ ରହିଥାଏ ଯାହା ପେଟର କୋଶିକାଗୁଡ଼ିକ ରକ୍ଷା କରିବାରେ ସହାୟକ ହୋଇଥାଏ।

୪. ଚେର-ମୂଳି ଜାତୀୟ ଖାଦ୍ୟ : ଚେର-ମୂଳି ଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ ଲାଭଦାୟକ ହୋଇଥାଏ। ପେଟ ସମ୍ବନ୍ଧିତ ସମସ୍ୟା ଥିବା ରୋଗୀଙ୍କ ଡାଏଟରେ ଚେର-ମୂଳି ଜାତୀୟ ଖାଦ୍ୟ ସାମିଲ କରିବା ଉଚିତ୍।

୫. କଫି : ସୀମିତ ମାତ୍ରାରେ କଫି ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। କଫି ସେବନ କରିବା ଦ୍ୱାରା ପେଟ ସମ୍ବନ୍ଧିତ ସମସ୍ୟାରୁ ସୁରକ୍ଷିତ ରହିହେବ।

# ନଗରନକ୍ସା
ମହାନଗରର ନିଜ ଭାଷା

ଶୁକ୍ରବାର, ୨୦ ଫେବୃଆରୀ, ୨୦୨୬



## ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ତାଲିମ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୯।୨ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ବର୍ତମାନ ଦ୍ରୁତ ପ୍ରଗତି ପଥରେ ଅଗ୍ରସର ହେଉଛି। ୨୦୩୬ ସୁଦ୍ଧା ଆମେ ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ରଖିଥିବାବେଳେ କେନ୍ଦ୍ର ସରକାର ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେବେ ଉନ୍ନତ ଭିତିଭୂମି ବିନା ବିକଶିତ ରାଜ୍ୟ ତଥା ବିକଶିତ ଦେଶ ଗଠନର ସ୍ୱପ୍ନ ପୂରଣ କେବେ ବି ସମ୍ଭବ ନୁହେଁ। ତେଣୁ ଆଧୁନିକ ଜ୍ଞାନକୌଶଳର ଭରପୂର ଉପଯୋଗ ଏବଂ ନିର୍ମାଣର ଗୁଣବତାକୁ ଗୁରୁତ୍ୱ ଦେଇ ଆମେ ଏହି ଲକ୍ଷ୍ୟ ପୂରଣ କରିପାରିବା ବୋଲି ପୂର୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ବୁଧବାର ନିର୍ମାଣ ବିଭାଗ ପକ୍ଷରୁ ନବନିଯୁକ୍ତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ସରକାର ରାଜ୍ୟରେ ବିଶ୍ୱସ୍ତରୀୟ ରାସ୍ତା ନିର୍ମାଣର ଲକ୍ଷ୍ୟ ରଖିଛନ୍ତି। ଏଣୁ ବଡ଼ ବଡ଼ ସହରରେ ଆପଣା ଯାଉଥିବା ଶ୍ରେଷ୍ଠ ନିର୍ମାଣ ପଦ୍ଧତିକୁ ଓଡ଼ିଶାରେ କାର୍ଯ୍ୟକ୍ଷମ କରିବା ନେଇ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ଫଳରେ ଆଗାମୀ ଦିନରେ ବିଭିନ୍ନ ରାସ୍ତରେ ଭିଡ଼ ନିୟନ୍ତ୍ରଣ କରିବା ସହ ରାସ୍ତାଗୁଡ଼ିକର ନିୟମିତ ମରାମତି କରାଯାଇ ଖାଲଖମା ମୁକ୍ତ ହୋଇପାରିବ। ଆଜିର ଯୁଗ ହେଉଛି ଆଧୁନିକ ଜ୍ଞାନକୌଶଳ ଓ କୃତ୍ରିମ ବୁଦ୍ଧିମତାର ଯୁଗ।




ଉନ୍ନତ ଭିତିଭୂମି ନିର୍ମାଣ କ୍ଷେତ୍ରରେ ଇଂଜିନିୟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଗଭୀର ଅଧ୍ୟୟନ ସହ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରୁ ଜ୍ଞାନ ଆହରଣ କରି ନବନିଯୁକ୍ତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନେ ରାଜ୍ୟର ବିକାଶ ଯାତ୍ରାରେ ସହଭାଗୀ ହୋଇପାରିବେ। ନବନିଯୁକ୍ତ ଇଂଜିନିୟରମାନେ ସାଧୁତା ଓ ସମୟାନୁବର୍ତିତାର ସହ କର୍ତବ୍ୟ ନିର୍ବାହ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ କହିଲେ ଯେ ରାଜ୍ୟର ପ୍ରକୃତ ବିକାଶ ସାଧନ କରିବାକୁ ହେଲେ ଗ୍ରାମାଂଚଳରୁ ଆରମ୍ଭ କରି ବଡ଼ ବଡ଼ ସହର ପର୍ଯ୍ୟନ୍ତ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେବ। ରାସ୍ତାଘାଟ ଓ ସେତୁ ନିର୍ମାଣ କ୍ଷେତ୍ରରେ ନୂଆ କୌଶଳ ଓ ଜ୍ଞାନକୁ ଭରପୂର ଉପଯୋଗ କରିବାକୁ ପଡ଼ିବ । ବର୍ତମାନ ନୂଆକରି ନିଯୁକ୍ତି ପାଇଥିବା ଯନ୍ତ୍ରୀଙ୍କ ନିକଟରେ ଅନେକ ଦକ୍ଷତା ରହିଛି। ତେଣୁ ଏହି ତାଲିମ କାର୍ଯ୍ୟକ୍ରମରୁ ନିଜ ଦକ୍ଷତାକୁ ଅଧିକ ଶାଣିତ କରିବା ସହ ଇଂଜିନିୟରମାନେ ରାଜ୍ୟ ବିକାଶରେ କର୍ଣ୍ଣଧାର ସାଜିବେ ବୋଲି ସେ କହିଥିଲେ। ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ ସମାରୋହରେ ପୂର୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଇଂ ସତ୍ୟବ୍ରତ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ପ୍ରଦୀପ କୁମାର ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ।

## 'ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ' ଶୀର୍ଷକ ଆଲୋଚ଼ନାଚ଼କ୍ର

**ଭୁବନେଶ୍ୱର,୧୯।୨ (ମହାଭାରତ):** ସାରସ୍ୱତ ଅନୁଷ୍ଠାନ ନୀଳକଇଁ ପକ୍ଷରୁ ସ୍ଥାନୀୟ ରେଡକ୍ରସ ଭବନ ଠାରେ ଏକ ଜାତୀୟସ୍ତରୀୟ ଆଲୋଚ଼ନାଚ଼କ୍ର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚ଼ନା ଦାସ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। 'ସିନେମା ସହ ସାହିତ୍ୟର ସଂପୃକ୍ତି ; ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ' ଶୀର୍ଷକ ଆଲୋଚ଼ନାଚ଼କ୍ରରେ ରାଜ୍ୟ ଚ଼ଳଚ଼ିତ୍ର ପୁରସ୍କାର ବିଜେତା, ବିଶିଷ୍ଟ ସଂଳାପକାର ଡ ରଜନୀ ରଞ୍ଜନ, ସିନେସମିକ୍ଷକ ତଥା ନିର୍ଦ୍ଦେଶକ ଡ ସୂର୍ଯ୍ୟ ଦେଓ, ନାଟ୍ୟକାର ତଥା ଚ଼ିତ୍ରନାଟ୍ୟ ନିର୍ଦ୍ଦେଶକ ପ୍ରଣବ ଦାସ ଏବଂ ଗାଳ୍ପିକ, ନାଟ୍ୟକାର ତଥା ସମାଲୋଚ଼କ ଜାକିର ଖାନ୍ ଯୋଗଦେଇ ମତ ରଖିଥିଲେ । ଦୀର୍ଘ ଦଶନ୍ଧି ଧରି ସାହିତ୍ୟର ଉପାଦାନ ସବୁ କେମିତି ସିନେମାରେ ଅଭିନୟ ମାଧ୍ୟମରେ ଜୀବନ୍ତ ହେଇଛନ୍ତି ଏବଂ ସୃଜନର ରାସ୍ତାରେ ଆଗେଇ ଚ଼ାଲିଛନ୍ତି




ତାହା ଉପରେ ବକ୍ତା ମାନେ ଆଲୋଚ଼ନା କରିଥିଲେ।

ବିଶିଷ୍ଟ ଲେଖିକା ତଥା ସାମ୍ବାଦିକା ସୈରେନ୍ଧ୍ରି ସାହୁଙ୍କୁ । ନୀଳକଇଁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ନୀଳକଇଁ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଉନ୍‌ମୋଚ଼ିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ ଉତ୍ସବରେ ନିମନ୍ତ୍ରିତ ୨୦ ଜଣ ଅତିଥି କବି ସେମାନଙ୍କ ସ୍ୱରଚ଼ିତ କବିତା ପାଠ କରିଥିଲେ । ସ୍ନେହା ଦାସ ଲେଙ୍କା ଓ ବେଦ ପ୍ରକାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ କୁନି କଳାକାର ଫିଓନା ଦାସଙ୍କ ରାମାୟଣ ଆଧାରିତ ନୃତ୍ୟଭିନୟ ସମସ୍ତଙ୍କ ମନମୁଗ୍ଧ କରିଥିଲା। ନୀଳକଇଁର ସମ୍ପାଦିକା ସସ୍ମିତା ଦାସ ସ୍ୱାଗତ ଭାଷଣ ଦେବା ସହ ଅତିଥି ମାନଙ୍କୁ ଆନୁଷ୍ଠାନିକ ସ୍ୱାଗତ କରିଥିଲେ। ଏବଂ ନୀଳକଇଁର ସହଯୋଗୀ ଅନୁଷ୍ଠାନ ମଦରର ମୁଖ୍ୟ ପରିଚ଼ାଳକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

## ନର୍ସ ପ୍ରାକ୍ଟିସନର ପ୍ରୋଗ୍ରାମକୁ ନେଇ କର୍ମଶାଳା





**ଭୁବନେଶ୍ୱର,୧୯।୨ (ମହାଭାରତ):** ଇଣ୍ଡିଆନ ନର୍ସିଂ କାଉନ୍‌ସିଲ୍ ତରଫରୁ ଚଳିତ ମାସ ୧୭ ଏବଂ ୧୮ ତାରିଖରେ ନୂଆଦିଲ୍ଲୀ ଠାରେ ନର୍ସ ପ୍ରାକ୍ଟିସନର ପ୍ରୋଗ୍ରାମ୍‌କୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାର ଲକ୍ଷ୍ୟ ହେଉଛି ରାଜ୍ୟ ନର୍ସିଂ କାଉନ୍‌ସିଲ୍ ରେଜିଷ୍ଟ୍ରାର, ପ୍ରିନ୍ସିପାଲ୍ ଏବଂ ମେଡିକାଲ / ନର୍ସିଂ ପ୍ରିସେପ୍ଟରମାନଙ୍କୁ କିପରି ଏନ୍.ପି. କାର୍ଯ୍ୟକ୍ରମ ଆରମ୍ଭ ଏବଂ କାର୍ଯ୍ୟକାରୀ କରାଯିବ ସେ ବିଷୟରେ ଅବଗତ କରାଇବା। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଅତିରିକ୍ତ ସଚ଼ିବ (ଏମ୍‌ଇ) ଡକ୍ଟର ବିନୋଦ କୋଟୱାଲ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ନର୍ସ ଏବଂ ମିଡ୍‌ୱାଇଭ୍‌ସ ରେଜିଷ୍ଟ୍ରେସନ୍ କାଉନ୍‌ସିଲର ରେଜିଷ୍ଟ୍ରାର୍ ଶ୍ରୀମତି ଲକ୍ଷ୍ମୀପ୍ରିୟା ମିଶ୍ରଙ୍କୁ ନର୍ସସ ରେଜିଷ୍ଟ୍ରେସନ୍ ଆଣ୍ଡ ଟ୍ରାକିଂ ନିମନ୍ତେ ଓଡିଶାରେ ନର୍ସମାନଙ୍କ ନାମଲେଖା ଏବଂ ସମସ୍ୟାଯୁକ୍ତ ପଞ୍ଜିକରଣକୁ କାର୍ଯ୍ୟକାରୀ କରିବାରେ ଉତ୍କର୍ଷ ପ୍ରଦର୍ଶନ କରିଥିବାରୁ ପୁରସ୍କୃତ କରାଯାଇଥିଲା।

## 'ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ଲେଖକଙ୍କ ଭୂମିକା'

**ଭୁବନେଶ୍ୱର,୧୯।୨ (ମହାଭାରତ):** ଓଡିଆ ସାହିତ୍ୟ ଜଗତର ଜଣେ ଅଜାତଶତ୍ରୁ ତଥା ନିରଳସ ସାରସ୍ୱତ ସାଧକ ଭାବେ ଡ. ସାତକଡି ହୋତା ସର୍ବଦା ସ୍ମରଣୀୟ ହୋଇ ରହିବେ। ନିଜର ପ୍ରାରମ୍ଭିକ ଜୀବନରେ ନାନା ଘାତପ୍ରତିଘାତ ଓ ଦୁଃଖକଷ୍ଟ ସହି ସେ ପରବର୍ତ୍ତୀ ସମୟରେ ଭାରତୀୟ ରେଳବାଇର ସର୍ବୋଚ୍ଚ ପଦବୀ ମଣ୍ଡନ କରିଥିଲେ ହେଁ ସାହିତ୍ୟ ସାଧନାରୁ କେବେ ହେଲେ ବିଚ୍ୟୁତ ହୋଇନଥିଲେ। ଓଡିଆ ସାହିତ୍ୟ ଭଣ୍ଡାରକୁ ୨୫ କାଳଜୟୀ ଉପନ୍ୟାସ ସହିତ ଶହ ଶହ ଗଳ୍ପ ଓ ପ୍ରବନ୍ଧ ଭେଟି ଦେଇ ସେ ନିଜର ଅଗାଧ ପାଣ୍ଡିତ୍ୟ ପ୍ରତିପାଦିତ କରିଛନ୍ତି। ସାହିତ୍ୟ ସାଧନା ସହିତ ସାମ୍ବାଦିକତା ଏବଂ ସମ୍ପାଦନା କ୍ଷେତ୍ରରେ ମଧ୍ୟ ତାଙ୍କର ଦକ୍ଷତା ଅତୁଳନୀୟ ଥିଲା ବୋଲି ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ 'ସାତକଡ଼ି ହୋତା ସ୍ମୃତି ସଂସଦ' ପକ୍ଷରୁ ଆୟୋଜିତ ଆଲୋଚ଼ନା ଚକ୍ରରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

'ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ଲେଖକଙ୍କ ଭୂମିକା' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଅନୁଷ୍ଠାନର ସଭାପତି ତଥା ପଦ୍ମଶ୍ରୀ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର ପୌରୋହିତ୍ୟ କରିଥିବା ବେଳେ ସ୍ମୃତି ସଂସଦର ସମ୍ପାଦକ ତଥା ବରିଷ୍ଠ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚ଼ାଳନା କରିଥିଲେ। ମୁଖ୍ୟ ଅତିଥି




ଭାବେ ସାହିତ୍ୟିକ ପୀତବାସ ରାଉତରାୟ କହିଥିଲେ ଡ. ସାତକଡ଼ି ହୋତା ନିଜେ ଏକ ଅନୁଷ୍ଠାନ ଥିଲେ ଏବଂ ସାହିତ୍ୟର ପ୍ରତ୍ୟେକ ବିଭାଗରେ ସେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। ତାଙ୍କର ପ୍ରତ୍ୟେକଟି ଲେଖା ଉଚ୍ଚକୋଟିର ଓ ଜୀବନଧର୍ମୀ ଥିଲା। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ପ୍ରଜ୍ୱଳନ କରି ଏହି ଆଲୋଚ଼ନା ଚ଼କ୍ରକୁ ଉଦ୍‌ଘାଟନ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଲେ ଡ. ହୋତା ଜଣେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏବଂ ଓଡ଼ିଆ ସାହିତ୍ୟ ଜଗତରେ ସେ ଏକ ଅମଳିନ ପ୍ରତିଭା। ଏଭଳି ଜଣେ ଯୋଗଜନ୍ମା ପୁରୁଷଙ୍କ ପାଇଁ ଓଡ଼ିଶା ମାଟି ସଦା ସର୍ବଦା ଗର୍ବିତ। ସଭାପତି ଡ. ମହାପାତ୍ର ତାଙ୍କ ଅଭିଭାଷଣରେ ସାତକଡି ବାବୁଙ୍କ ସାରସ୍ୱତ କୃତି ସହ ଓଡିଶାରେ ରେଳବାଇର ବିକାଶ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ବିଷୟରେ ଉଲ୍ଲେଖ କରିଥିଲେ। ସୁଦୂର କଲିକତାରେ କର୍ମମୟ ଜୀବନ ବିତାଉଥିଲେ ମଧ୍ୟ ସେ ଓଡିଆ ଭାଷା ଓ ସାହିତ୍ୟର ପ୍ରସାର ପାଇଁ ନିରନ୍ତର ସମୟ ଦେଉଥିଲେ। ଅନ୍ୟତମ ବକ୍ତା ଭାବେ ବରିଷ୍ଠ ସ୍ତମ୍ଭକାର ଇଂ. ହରିହର ତ୍ରିପାଠୀ ଓ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ଚ଼ନ୍ଦ୍ର ମହାପାତ୍ର ଯୋଗଦେଇ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପଛରେ ସାତକଡି ବାବୁଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଅବଦାନ ବିଷୟରେ ସ୍ମୃତିଚ଼ାରଣ କରିଥିଲେ। ଏଥିସହିତ ଡ. ହୋତାଙ୍କ ସ୍ମୃତିକୁ ଜୀବନ୍ତ ରଖିବା ପାଇଁ ତାଙ୍କର ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ନିମନ୍ତେ ବୈଠକରେ ଦାବି କରାଯାଇଥିଲା। ଆଲୋଚ଼କ ଭାବରେ ପ୍ରଭାତ କୁମାର ନନ୍ଦ, ଆରତୀ କର, ପ୍ରାଣେଶ୍ୱର ମିଶ୍ର, ସୁବାସଚ଼ନ୍ଦ୍ର ସାହୁ, ପରମେଶ୍ୱର ମିଶ୍ର, ପ୍ରଦୀପ କୁମାର ବେଉରିଆ ଏବଂ ବୈଜ୍ଞାନିକ ଅଶୋକ କୁମାର ରଥ ପ୍ରମୁଖ ଆଲୋଚ଼ନାରେ ଅଂଶଗ୍ରହଣ କରିଥିଲେ।

## ଉତ୍କର୍ଷ ଚିକିତ୍ସା ଯୋଗାଇ ଦେବା ପାଇଁ ସୋଆ ବଦ୍ଧପରିକର

**ଭୁବନେଶ୍ୱର,୧୯।୨ (ମହାଭାରତ):** ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଥିବା ବେଳେ ଏହା ଉତମ ଓ ଉଚ୍ଚମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନେଇ ସମସ୍ତ ପ୍ରୟାସ ଜାରି ରଖିଛି ବୋଲି କହିଛନ୍ତି ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ। ଶନିବାର ଶିତଳାପଲ୍ଲୀସ୍ଥିତ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ କ୍ୟାମ୍ପସ-୩ର ଦ୍ୱିତୀୟ ବାର୍ଷିକ ଉତ୍ସବ "ଲୁମିନା ୨୦୨୬"ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଛନ୍ତି ଯେ ଏହି ହସ୍ପିଟାଲ୍ ଖୁବ୍ କମ୍ ସମୟ ମଧ୍ୟରେ ଲୋକମାନଙ୍କୁ ଉତମ ଚିକିତ୍ସା ଓ ଉତ୍କର୍ଷ ସ୍ୱାସ୍ଥ୍ୟ ସେବା ପ୍ରଦାନ କରି ନିଜକୁ ପ୍ରତିପାଦିତ କରିପାରିଛି। ହସ୍ପିଟାଲ୍‌ର ଏନ୍‌ଏବିଏଚ୍ ସ୍ୱୀକୃତି ହାସଲ ଏହାର ପ୍ରମାଣ। ଶ୍ରୀମତି ଦାସ କହିଥିଲେ ଯେ ଶିତଳାପଲ୍ଲୀ ସମ ହସ୍ପିଟାଲ ଦକ୍ଷିଣ ଓଡ଼ିଶାବାସୀଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ବେଶ ସଫଳ ହୋଇଛି। ସମସ୍ତ



ଡାକ୍ତର, ନର୍ସ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ଉତ୍ସର୍ଗୀକୃତ ସେବା ଏବଂ କଠିନ ପରିଶ୍ରମ ଆଜି ହସ୍ପିଟାଲ୍‌କୁ ଏହି ସ୍ଥାନରେ ପହଂଚାଇପାରିଛି ବୋଲି ସେ କହିଥିଲେ। ଏହି ମଲ୍ଟି ସୁପରସ୍ପେଶିଆଲିଟି ହସ୍ପିଟାଲ ୨୦୦ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଆଗାମୀ ଦିନରେ ଆଉ ୫୦୦ ଶଯ୍ୟା ବୃଦ୍ଧି ହେବାର ଯୋଜନା ରହିଛି ଯାହାକି ଦକ୍ଷିଣ ଓଡ଼ିଶାର ରୋଗୀମାନଙ୍କ ନିମନ୍ତେ ଅତ୍ୟନ୍ତ ସହାୟକ ହେବ ବୋଲି ଶ୍ରୀମତି ଦାସ କହିଥିଲେ। ଏହି ଅବସରରେ ଶ୍ରୀମତି ଦାସ ହୃଦରୋଗ ଚିକିତ୍ସା ନିମନ୍ତେ ଅତ୍ୟାଧୁନିକ କ୍ୟାଥଲ୍ୟାବ୍ ଓ ସିଟିଭିଏସ୍ ଓଟି ଉଦ୍‌ଘାଟନ କରିଥିଲେ। ଏଭଳି ସେବା ଦ୍ୱାରା ବିଶ୍ୱସ୍ତରୀୟ ହୃଦରୋଗ ଚିକିତ୍ସା ଯୋଗାଇ ଦେବା ଆମର ସଂକଳ୍ପ ବୋଲି ସେ କହିଥିଲେ। ଏହି ଅବସରରେ ହସ୍ପିଟାଲର ସମସ୍ତ କର୍ମକର୍ତା, ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୋଆର ୪ଟି ହସ୍ପିଟାଲ ମଧ୍ୟରୁ ଦୁଇଟି ଡାକ୍ତରୀ ଶିକ୍ଷାନୁଷ୍ଠାନ ରହିଥିବା ବେଳେ ଦୁଇଟି ରୋଗୀମାନଙ୍କୁ ଉତ୍କୃଷ୍ଟମାନର ସେବା ଯୋଗାଉଛି ବୋଲି କହିଥିଲେ। ଏହା ମଧ୍ୟରୁ ଶିତଳାପଲ୍ଲୀ ସମ୍ ହସ୍ପିଟାଲ୍ ରୋଗୀ ସେବା କ୍ଷେତ୍ରରେ ନିଜକୁ ପ୍ରତିପାଦିତ କରିପାରିଛି ବୋଲି ସେ କହିଥିଲେ। ସୋଆ ବର୍ତମାନ ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ବେଳେ କେବଳ ଶିକ୍ଷା ନୁହେଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି ବୋଲି ପ୍ରଫେସର ନନ୍ଦ କହିଥିଲେ। ଏହି ପରିପ୍ରେକ୍ଷୀରେ ସ୍ମରଣୀକା "ଲୁମିନା ୨୦୨୬" ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ସୋଆର ସଦସ୍ୟା ଶ୍ରୀମତି ଉପାସନା ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିତଳାପଲ୍ଲୀ ସମ ହସ୍ପିଟାଲର ନିର୍ଦ୍ଦେଶକ ଶ୍ରୀ ଦେବପ୍ରସାଦ ଦାସ ନିଜ ବକ୍ତବ୍ୟରେ ହସ୍ପିଟାଲର କାର୍ଯ୍ୟଧାରା, ରୋଗୀ ସେବା ଓ ଅଗ୍ରଗତି କ୍ଷେତ୍ରରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ।

## କଫ ସିରପ ଜବତ, ଶ୍ୱଶୁର ବୋହୂ ସମେତ ୩ଗିରଫ

**ଭୁବନେଶ୍ୱର,୧୯।୨ (ମହାଭାରତ):** ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲୀ ଗାଁରୁ ଅବକାରୀ ବିଭାଗ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ପଲ୍ଲୀ ଗାଁ ମଝି ସାହିର ବିଜୟ ସାହୁ, ତାଙ୍କ ବୋହୂ ମୋନାଲିସା ସାହୁ ଏବଂ ସହଯୋଗୀ ମଝି ସାହିର ତ୍ରିନାଥ ସାହୁଙ୍କୁ ଗିରଫ କରିଥିବା ବେଳେ ବିଜୟଙ୍କ ପୁଅ ରଞ୍ଜିତ ସାହୁ ଫେରାର ହୋଇଯାଇଛି। ଅବକାରୀ ପୋଲିସ ଏମାନଙ୍କ ଠାରୁ ୧୭୦ବୋତଲ କଫ ସିରପ, ଗୋଟିଏ ବାଇକ୍, ଗୋଟିଏ ମୋବାଇଲ ଓ ୧ହଜାର ଟଙ୍କା ଜବତ ହୋଇଛି। ଅବକାରୀ ପୋଲିସ ସୁଚନା ମୁତାବକ ସୋମବାର ଏକ ବିଶେଷ ସୁତ୍ରରୁ ଖବର ପାଇ ଅବକାରୀ ଇନ୍ସପେକ୍ଟର ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ରଞ୍ଜିତର ନିଜ ଘର ପଲ୍ଲୀ ଗାଁ ମଝି ସାହିରେ ଚଢ଼ାଉ କରି ରଞ୍ଜିତର ସ୍ତ୍ରୀ ମୋନାଲିସା ବାରିପଟେ ୫୦ବୋତଲ କଫ ସିରପ ଲୁଚାଇବାକୁ ଯାଉଥିବା ସମୟରେ ତାକୁ ଅବକାରୀ ପୋଲିସ ଗିରଫ କରିବା ସହ ୫୦ବୋତଲ କଫ ସିରପ ଜବତ କରିଛି। ସେହିପରି ମୋନାଲିସା ଠାରୁ ଖବର କଣ୍ଟା ଛକରେ ଥିବା ତାର ଶଶୁରର ଜଳଖିଆ ଦୋକାନରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଦୋକାନ ପଛ ପଟରୁ ୧୨୦ବୋତଲ କଫ ସିରପ ଜବତ କରିବା ସହ ଶଶୁର ବିଜୟ ଓ ତ୍ରିନାଥକୁ ଗିରଫ କରିଥିଲେ। ମୋନାଲିସାର ସ୍ୱାମୀ ରଞ୍ଜିତ କଣ୍ଟା ଛକ ଦୋକାନରେ ଏକ ବାଇକରେ କଫ ସିରପ ଭର୍ତି କରୁଥିଲେ।

## ୩୩ ଆକାଉଣ୍ଟଧାରୀଙ୍କୁ ନୋଟିସ

**ଭୁବନେଶ୍ୱର,୧୯।୨ (ମହାଭାରତ):** ସାଇବର ଅପରାଧ ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ଅପରେସନ ସାଇବର କବଚ଼' ଜାରି ରହିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଏହି ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ସେହି ଅନୁଯାୟୀ, ସାଇବର ଠକେଇରେ ବ୍ୟବହୃତ 'ବେନାମୀ ବ୍ୟାଙ୍କ ଆକାଉଣ୍ଟ' ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚ଼ିହ୍ନଟ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ସମଗ୍ର ରାଜ୍ୟରେ ମୋଟ ୩୫୭ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୩୩ ନୂତନ ସାଇବର ମାମଲା ରୁଜୁ ହୋଇଛି। ଏହି ସମ୍ପର୍କିତ ମାମଲାରେ ୨୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହ ୩୩ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ଅଭିଯାନରେ କେନ୍ଦୁଝର ଜିଲ୍ଲା ପୋଲିସ ସର୍ବାଧିକ ୨୦୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ସାଇବର ମାମଲା ରୁଜୁ କରିଥିବା ସହ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ସମ୍ବଲପୁର ଜିଲ୍ଲା ପୋଲିସ ୬୩ ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ଟି ମାମଲା ରୁଜୁ କରିବା ସହ ୧୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବୌଦ୍ଧ ଜିଲ୍ଲା ପୋଲିସ ୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ସାଇବର ମାମଲା ରୁଜୁ କରିଥିବା ବେଳେ ୪ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସେହିପରି ପୁରୀ ଜିଲ୍ଲା ପୋଲିସ ୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି । ନବରଙ୍ଗପୁର ଜିଲ୍ଲା ପୋଲିସ ପକ୍ଷରୁ ୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ସାଇବର ମାମଲା ରୁଜୁ କରି ୭ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ବରଗଡ଼ ଜିଲ୍ଲା ପୋଲିସ ୮ଟି ଆକାଉଣ୍ଟ ଯାଞ୍ଚ ପରେ ୫ଟି ମାମଲା ରୁଜୁ ଓ ୩ଜଣ ଗିରଫ, ଗଜପତି ଜିଲ୍ଲା ପୋଲିସ ୫ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ଓ ୫ଜଣଙ୍କୁ ନୋଟିସ୍, କଳାହାଣ୍ଡି ଜିଲ୍ଲା ପୋଲିସ ୬ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ଓ ୬ ଜଣଙ୍କୁ ନୋଟିସ୍ କରିଛି। ସେହିପରି ରାୟଗଡ଼ା ଜିଲ୍ଲା ପୋଲିସ ୫ଟି ଆକାଉଣ୍ଟ ଯାଞ୍ଚ ପରେ ୩ଟି ମାମଲା ଓ ୩ଜଣଙ୍କୁ ନୋଟିସ୍ ଜାରି କରିଛି ଏବଂ କୋରାପୁଟ ଜିଲ୍ଲା ପୋଲିସ ପକ୍ଷରୁ ୩ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ରୁଜୁ କରାଯାଇ ୩ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି।

## କୃଷି ଖାଦ୍ୟ ପ୍ରଣାଳୀକୁ ପରିବର୍ତ୍ତନ ପାଇଁ ଏଆଇର ପ୍ରୟୋଗ

**ଭୁବନେଶ୍ୱର,୧୯।୨ (ମହାଭାରତ):** କୃଷି ଖାଦ୍ୟ ପ୍ରଣାଳୀକୁ ପରିବର୍ତ୍ତନ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଉପରେ ଦୁଇ ଦିନିଆ କର୍ମଶାଳା ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗଦେଇ କୃତ୍ରିମ ବୁଦ୍ଧିମତାର ସଫଳ ଦିଗ ଉପରେ ମତ ରଖିଛନ୍ତି। ବର୍ତମାନ ସମୟରେ ସମସ୍ତେ କୃତ୍ରିମ ବୁଦ୍ଧିମତ୍ତା ଦିଗରେ ଜ୍ଞାନ ଆହରଣ ସହ ଏହାର ସଠିକ ବ୍ୟବହାର ନେଇ ସଜାଗ ହେବ ଉଚ଼ିତ ଓ କୃଷିଠୁ ଆରମ୍ଭ କରି ଶିକ୍ଷା, ବାଣିଜ୍ୟ, ବୈଷୟିକ କ୍ଷେତ୍ର ପ୍ରତିଟି ସ୍ତରରେ ଏହାର ସୁଫଳ ମାନବ ସମାଜକୁ ମିଳିପାରୁଛି। ଡିଜିଟାଲ୍ ବୁଦ୍ଧିରୁ ଭୌତିକ ବିକାଶ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଅନେକ ସୋପାନ ମଧ୍ୟ ପ୍ରସ୍ତୁତ କରାଯାଉଛି। ପ୍ରତିଟି ବର୍ଗର ବ୍ୟକ୍ତିଙ୍କ ପାଇଁ ସୁବିଧାଦାୟକ ସେବା ଯୋଗାଇବାରେ



ଏଆଇ ସହାୟକ ହୋଇପାରିବ ବୋଲି ପ୍ରଫେସର ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

ପ୍ରଗତିଶୀଳ ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କୃଷି କ୍ଷେତ୍ରକୁ ମାର୍ଜିତ କରିବାରେ ସଫଳ ହୋଇପାରିଛି ବୋଲି ସଭାପତିତ୍ୱ ଅଭିଭାଷଣ ଦେଇ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ସ୍ମାର୍ଟ କୃଷି, ରୋବଟିକସର ବ୍ୟବହାର, ଆଗୁଆ ପାଣିପାଗ ଆକଳନ, ବଜାର ଆକଳନ, ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ଏ ସବୁ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ବିକଶିତ କୃଷି ଦିଗରେ ସହାୟକ ହୋଇପାରୁଛି ଓ ଖାଦ୍ୟ ଅମଳଠୁ ଆରମ୍ଭ କରି ବିକ୍ରି ବ୍ୟବସ୍ଥା, ସଂରକ୍ଷଣ, ବଜାର ପ୍ରବେଶ, ରପ୍ତାନି ଏ ସବୁ ପାଇଁ ମଧ୍ୟ ଚ଼ାଷୀଙ୍କୁ ଇଓ ସହଯୋଗ କରିପାରିବ ବୋଲି କୁଳପତି କହିଛନ୍ତି ଓ ଲୋକଙ୍କ ଚ଼ାହିଦା ଅନୁଯାୟୀ ଉପଯୁକ୍ତ ବ୍ୟବହାର ପାଇଁ ସଚେତନତାର ଅବ୍ୟଶ୍ୟକତା ରହିଛି ବୋଲି କୁଳପତି ମତ ରଖିଛନ୍ତି। ଆଗାମୀ ଦିନରେ ଓୟୁଏଟି ଓ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୃତ୍ରିମ ବୁଦ୍ଧିମତ୍ତା ଦିଗରେ ଆହୁରି ବିକଶିତ ପନ୍ଥା ହାତକୁ ନେବା ପାଇଁ ଉଭୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମ ବାବଦରେ ପିଜିଏଫ-କମ-ଡିଆରଆଇ ଅଧ୍ୟକ୍ଷ ପ୍ରଫେସର ଚ଼ନ୍ଦ୍ରମଣି ଖଣ୍ଡା କହିଥିଲେ କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଲୋଚ଼ନାଚ଼କ୍ର ଆୟୋଜିତ ହୋଇଛି। କାର୍ଯ୍ୟକ୍ରମକୁ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଏସ. କେ. ରାଉଳ କର୍ମଶାଳାର ସଚ଼ିବ ଧନ୍ୟବାଦ ଦେଇଥିଲେ।

# ଆତ୍ମନିର୍ଭର ଭାରତ

ବିଦେଶରୁ ଆମଦାନୀ କରିବାକୁ ପଡ଼ିବନି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ବଡ଼ ଆହ୍ବାନ ହେଲା ସ୍ୱାବଲମ୍ବୀ ଭାରତ ଗଠନ କରିବା। ଏଥିପାଇଁ ସେ ମେକ୍ ଇନ ଇଣ୍ଡିଆ ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ସଫଳତା ମଧ୍ୟ ମିଳୁଛି। ପ୍ରଥମତଃ ପ୍ରତିରକ୍ଷା କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବାକୁ କେନ୍ଦ୍ର ସରକାର ନିରନ୍ତର ପ୍ରୟାସ କରିଆସୁଛନ୍ତି। ଏହା ଦ୍ୱାରା ପ୍ରତିରକ୍ଷା ଶିଳ୍ପ ବା ଡିଫେନ୍ସ ଇଣ୍ଡଷ୍ଟ୍ରି ସଶକ୍ତ ହେଉଛି। ପୂର୍ବରୁ ରୁଗ୍‌ଣ ହୋଇ ଯାଇଥିବା ହାଲ ଏବେ ଏକ ଲାଭଜନକ ସଂସ୍ଥାରେ ପରିଣତ ହୋଇଛି। ଏଥିପାଇଁ କ୍ଷେପଣାସ୍ତ୍ର, ହାଲୁକା ଯୁଦ୍ଧ ବିମାନଠାରୁ ଆରମ୍ଭ କରି ଶକ୍ତିଶାଳି ରାଇଫଲ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ପର୍ଯ୍ୟନ୍ତ ସବୁ କିଛି ଭାରତ ଏବେ ନିର୍ମାଣ କରିବା ଆରମ୍ଭ କରିଛି। ଫଳରେ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦ ବ୍ୟୟ ହ୍ରାସ ପାଇବା ସହିତ ଭାରତ ଏହାକୁ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବ। ଗତ ଦୁଇଦିନ ଭିତରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦୁଇଟି ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ରଥମ ଚୁକ୍ତି ଅନୁଯାୟୀ ଭାରତ ସରକାର ୬୯୦୦ କୋଟି ଟଙ୍କାର ଅତ୍ୟାଧୁନୀକ କମାଣ କ୍ରୟ କରିବେ। ଦ୍ୱିତୀୟ ଚୁକ୍ତି ମୁତାବକ ଭାରତ ସରକାର ୨୫୦୦ କୋଟି ଟଙ୍କାର ଆ□ ଟ୍ୟାଙ୍କ ସିଷ୍ଟମ ଏବଂ ସେନା ବାହିନୀରେ ବ୍ୟବହାର ହେଉଥିବା ହାଲୁକା ଯାନ କ୍ରୟ କରାଯିବ। ଏହା ଦାରେ ସ୍ଥଳ ସେନା ଅଧିକ ଶକ୍ତିଶାଳି ହେବ। ଉଭୟ ଚୁକ୍ତି ୪ଟି ଘରୋଇ କମ୍ପାନୀ ସହ ହୋଇଛି। ଅର୍ଥାତ ଏହିସବୁ ପ୍ରତିରକ୍ଷା ସାମଗ୍ରୀ କ୍ରୟ ନିମନ୍ତେ ଭାରତ ସରକାର କୌଣସି ବିଦେଶୀ ସଂସ୍ଥାକୁ ଟଙ୍କା ଦେବେ ନାହିଁ। ଏହି ଟଙ୍କା ଭାରତରେ ରହିବ ଏବଂ ଭାରତୀୟ କମ୍ପାନୀ ଏଥିରେ ଉପକୃତ ହେବେ। ଏହିସବୁ କମ୍ପାନୀରେ ନିୟୋଜିତ କର୍ମଚାରୀମାନେ ଉପକୃତ ହେବେ। ଉଲ୍ଲେକ ଯୋଗ୍ୟ ଯେ, ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ୫୪ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। ଏହା ସହିତ ଚଳିତ ଆର୍ଥିକ ବର୍ଷ ଅର୍ଥାତ ୨୦୨୪-୨୫ରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ପରିମାଣ ୧.୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହିସବୁ ପ୍ରସ୍ତାବିତ ପ୍ରତିରକ୍ଷା ସାମଗ୍ରୀ ମଧ୍ୟରୁ ଅଧିକାଂଶ ସ୍ୱଦେଶୀ ହେବ। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏକ ବହୁତ ବଡ଼ ସଫଳତା। ଏହା ଦ୍ୱାରା ସୁରକ୍ଷା ବ୍ୟବସ୍ଥା କେବଳ ସୁଦୃଢ଼ ହେବ ନି, ପ୍ରତିରକ୍ଷା ଶିଳ୍ପ ମଧ୍ୟ ସମୃଦ୍ଧ ହୋଇପାରିବ। ଭାରତ ଚାରିପଟେ ଚୀନ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଶତ୍ରୁ ରହିଛନ୍ତି। ସେମାନଙ୍କ ସହିତ ଭାରତର ଯୁଦ୍ଧ ସମ୍ଭାବନା ସବୁ ବେଳେ ରହିଛି। ତେଣୁ ଭାରତକୁ ସବୁ ବେଳେ ବିପୁଳ ଅର୍ଥ ପ୍ରତିରକ୍ଷା ବ୍ୟବସ୍ଥା ଲାଗି ବ୍ୟୟ କରିବାକୁ ପଡୁଛି। କିନ୍ତୁ ବିଦେଶରୁ ଲଢୁଆ ବିମାନ, ସବମେରିନ ଓ ମିସାଇଲ ସିଷ୍ଟମ ଆଣି ଭାରତ ଶକ୍ତିଶାଳୀ ଚୀନର ମୁକାବିଲା କରିପାରିବ ନାହିଁ। ଏଥିଲାଗି ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ନିଜକୁ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ ଓ ଲଢୁଆ ବିମାନ ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବା, ସାମରିକ କ୍ଷେତ୍ରରେ ଶକ୍ତିଶାଳୀ ହୋଇପାରିବା ଏବଂ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା କରିପାରିବା। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଆସିବା ପରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଭାରତ ପ୍ରୟାସ କରିଆସୁଛି। ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ ଓ କ୍ଷେପଣାସ୍ତ୍ର ପ୍ରସ୍ତୁତ ହେଉଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଆଗାମୀ ୫ ବର୍ଷ ଭିତରେ ଭାରତ ସରକାର ୫ଲକ୍ଷ କୋଟି ଟଙ୍କାର ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଯୋଜନା କରିଛନ୍ତି।

# ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା

॥ ଡାକ୍ତର ସମ୍ରାଟ କର ॥

> “ ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ। ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି। ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ। ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ। ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି। ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ।

ଜଳବାୟୁ ପରିବର୍ତ୍ତନ ହେତୁ ପ୍ରବଳବର୍ଷା, ଭୂସ୍ଖଳନ, ଘୂର୍ଣ୍ଣିବଳୟ, ମରୁଡ଼ି ଇତ୍ୟାଦି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖା ଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍‌ଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୁ ପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ ଆଦି ଯୋଗୁଁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ। ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମ ସାମ୍ନା କରିବେ।

ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁଁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ। ମୁଖ୍ୟତଃ ଏହାଦ୍ୱାରା ସଂକ୍ରାମକ ରୋଗ ବୃଦ୍ଧି ପାଉଛି। ଯଦି ତାପମାତ୍ରା ବୃଦ୍ଧି ନିୟନ୍ତ୍ରିତ ନ ହୁଏ, ତେବେ ଆଗାମୀ ଦିନରେ ଅର୍ଥାତ ୧୦-୨୦ ବର୍ଷ ମଧ୍ୟରେ ଭୟଙ୍କର ବିନାଶ ମଧ୍ୟ ଘଟିପାରେ। ସେହିପରି ଶରୀରର ଟିସୁ ଭାବେ କାମ କରିବ ନାହିଁ। ମୁଖ୍ୟତଃ ଶୀତରେ ଅତ୍ୟଧିକ ଗରମ ହେଉଥିବାରୁ ମଶା ସଂଖ୍ୟା ବୃଦ୍ଧି ପାଉଛି। ଫଳରେ ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ବଡ଼ କଥା ହେଉଛି କ୍ୟାନସର ଆଶଙ୍କା ମଧ୍ୟ ବଢ଼ିବ। କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନର ମଧ୍ୟ ଅନ୍ୟତମ କାରଣ। ନାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏନଭରନମେଣ୍ଟାଲ ହେଲଥ ସାଇନ୍ସରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ। ଯଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହି କଣିକା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ସେହିପରି ବାୟୁ ପ୍ରଦୂଷଣର ପ୍ରଭାବ ମଧ୍ୟ କ୍ୟାନସରର ଅନ୍ୟତମ କାରଣ। ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ଓଜୋନ ସ୍ତରରେ ଛେଦ ସୃଷ୍ଟି ହୁଏ। ଫଳରେ ଅତିବାଇଗଣୀ ରଶ୍ମି ଚର୍ମକୁ କର୍କଟର କାରଣ ହୋଇଥାଏ। ସେହିପରି ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ିବ। ଅନ୍ୟପଟେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଲେ ବାୟୁ ପ୍ରଦୂଷଣ ବଢ଼ିବ। ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିବ। ତା ସହ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦେଖାଦେବ। କେବଳ ଏତିକି ନୁହେଁ ଶ୍ୱାସ ରୋଗୀଙ୍କ ସଂଖ୍ୟା ବି ବୃଦ୍ଧି ପାଇବ। ଏଭଳି ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼୍‌ଚିଡ଼ାପଣ ଆଦି ସମସ୍ୟା ଦେଖାଦେବ। ଅନ୍ୟପଟେ ତମାମ ସମସ୍ୟା ପିଲାଙ୍କ ମସ୍ତିଷ୍କ ବିକାଶ ଉପରେ ପ୍ରଭାବ ପକାଇବ।

ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ। ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି। ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ। ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ। ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି। ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ। ଏହା ସହ ପିଲାମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି। ମନୋବିଜ୍ଞାନୀଙ୍କ ଅନୁସାରେ, ଛୋଟ ପିଲାଙ୍କ ଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି। ସେହିପରି ପିଲାଙ୍କ ଠାରେ ଦେଖା ଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନଜାଇଟିଂ ବୋଲି କହିଥାନ୍ତି। ଏବେ ପୃଥିବୀ ବସବାସ କରିବା ଯୋଗୁଁ ନୁହେଁ ବୋଲି ସେମାନେ ଭାବୁଛନ୍ତି। ଆଉ ଏ କଥା ସେମାନଙ୍କ ମନରେ ବସା ବାନ୍ଧି ଗଲାଣି। ଯେତେବେଳେ ସେମାନେ ବଡ଼ ହେବେ, ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀ ଧ୍ୱଂସ ହୋଇଯିବ। ଅନ୍ୟପଟେ ପିଲାଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ପାଇଁ ଅନେକାଂଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। ତେବେ ଦୁଃଖର ବିଷୟ ହେଉଛି କେବଳ ବଡ଼ ଲୋକ ନୁହଁନ୍ତି ବରଂ ଛୋଟ ଛୋଟ ପିଲାମାନେ ମଧ୍ୟ ମାନସିକ ରୋଗର ଶିକାର ହେଉଛନ୍ତି। ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ି ଯିବା, ହତାଶ ହେବା, ଦୁଃଖ କରିବା ଆଦି ଲକ୍ଷଣ ସେମାନଙ୍କ ଠାରେ ଦେଖାଦେଉଛି। ଯାହାକି ମାନସିକ ରୋଗକୁ ହିଁ ଇଙ୍ଗିତ କରୁଛି। ପୁଣି ପ୍ରଦୂଷିତ ସହରରେ ପିଲାଙ୍କ ଠାରେ ଅବସାଦ ଓ ମାନସିକ ରୋଗ ବୃଦ୍ଧି ପାଉଛି।

ଏଣିକି ଲୋକେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରପିଡ଼ିତ ହେବେ। ଅର୍ଥାତ୍ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପ୍ରକୃତି ଉପରେ ନୁହେଁ ବରଂ ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡୁଛି। ସମ୍ପ୍ରତି ଏହା ଏକ ନୂଆ ରୋଗ ଭାବେ ଉଭା ହୋଇଛି। ଏପରିକି ପାଖାପାଖି ଏହାଦ୍ୱାରା ସବୁ ଦେଶ ମଧ୍ୟ ପ୍ରଭାବିତ ହେଲେଣି। ଏହି କ୍ରମରେ ନିକଟରେ କାନାଡ଼ାରେଜଣେ ୭୦ ବର୍ଷୀୟା ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହୋଇଛନ୍ତି। ତା ସହ ଏହା ହେଉଛି ବିଶ୍ୱର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଥମ ମାମଲା। କାନାଡାର ବ୍ରିଟିଶ କଲମ୍ବିଆର ଜଣେ ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ। ଅବଶ୍ୟ ମହିଳାଙ୍କ ନାଁ ଏବେ ସାମ୍ନାକୁ ଆସିନାହିଁ। ସମ୍ପୃକ୍ତ ମହିଳାଙ୍କର ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଥିବା ନେଇ କାନାଡ଼ାର କୁଟନି ଲେକ ହସ୍ପିଟାଲର ଡାକ୍ତର କାଇଲ ମେରିଟ୍‌ଙ୍କ ପାଖକୁ ଚିକିତ୍ସିତ ହେବାକୁ ଆସିଥିଲେ। କାଇଲ ତାଙ୍କର ଚିକିତ୍ସା କରିବା ପରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିବା କହିଥିଲେ। ସାଧାରଣତଃ କାନାଡାକୁ ସବୁଠୁ ଥଣ୍ଡା ଦେଶ ବୋଲି କୁହାଯାଏ। ଏଠାରେ ତୁଷାରପାତ ହେବା ସହ ତାପମାତ୍ରା ମାଇନସ ଡିଗ୍ରୀକୁ ଚାଲିଯାଏ। ମାତ୍ର ଏଥର ଜୁନ-ଜୁଲାଇରେ ଦେଖା ଦେଇଥିବା ହିଟ୍ ୱେଭ ଯୋଗୁଁ କାନାଡା ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ହିଟ୍ ୱେଭ ଯୋଗୁଁ କାନାଡାର ତାପମାତ୍ରା ଥିଲା ୪୯.୬ ଡିଗ୍ରୀ ସେଲସିୟସ। ଯାହାକି କାନାଡ଼ା ଇତିହାସରେ ସର୍ବାଧିକ ତାପମାତ୍ରା। ହିଟୱେଭ ଯୋଗୁଁ ଜଙ୍ଗଲରେ ନିଆଁ ଲାଗିବା ଓ ଧୂଆଁ ଯୋଗୁଁ ପବନର ଗୁଣବତ୍ତା ମଧ୍ୟ ଖରାପ ହେଲା। ଯେଉଁଥି ପାଇଁ ମହିଳାଙ୍କ ଠାରେ ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଓ ସେ ଏବେ ସୁଦ୍ଧା ଏଥିରୁ କାନାଡାରେ ୫୦୦ ଜଣ ପ୍ରାଣ ହରାଇଛନ୍ତି। ଯଦିଓ ମହିଳା ଜଣକ ହାଇଡ୍ରେଟ ରହିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ଲୁ' ତାଙ୍କ ଶରୀରକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିଛି। ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ ତାହା ମଧ୍ୟ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଥିବା ସେ କହିଛନ୍ତି। ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋକମାନେ ଘରଛାଡ଼ି ପଳାୟନ କରିବାକୁ ବାଧ୍ୟ ହେବେ। ବିଶେଷଜ୍ଞଙ୍କ ଅନୁସାରେ ୨୦୫୦ ସୁଦ୍ଧା ପ୍ରାୟ ୨୦ କୋଟି ଲୋକ ଏହା ଯୋଗୁଁ ନିଜ ଭିଟାମାଟି ଛାଡ଼ିବେ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ସତ୍ୟାନୁସରଣରେ ଜୀବନ

॥ ଉମେଶ ଚନ୍ଦ୍ର ପାତ୍ର ॥

ପରମପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟଜୀବନ କେବଳ ରକ୍ତମାଂସ ଗଠିତ ଶରୀର ଭିତରେ ସୀମିତ ନୁହେଁ । ଯାହାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ମୁକ୍ତି ଅନ୍ୱେଷୀମାନଙ୍କୁ ଉଦ୍‌ବୁଦ୍ଧ କରିବା ସହ ଦିବ୍ୟ ଜୀବନ ଅଧିକାରୀ ହେବା ପାଇଁ ପ୍ରେରଣା ଯୋଗାଇ ଅନୁପ୍ରାଣିତ କରୁଛି । ଯେପରି ସୀମାହୀନ ମହାସିନ୍ଧୁର ନୀଳ ଜଳରାଶି, ଫେନିଳ ତରଙ୍ଗାଳା ଅବଲୋକନ କରି ଭାବବିହ୍ୱଳ ହେବା ଛଡ଼ା କାହାର ସାଧ ନାହିଁ ଜଳରାଶିର ଗଭୀରତା ଓ ବିସ୍ତୀର୍ଣ୍ଣତାର ପରିସୀମାକୁ ମାପିବାକୁ । କେବଳ ମାତ୍ର ଭାବନାହୀନ ତନ୍ମୟତାରେ ସାଗରର କୂଳ ଦେଶର ମୃତ ବାଲୁକା ଶଯ୍ୟାରେ ପଦାଚାରଣା କରିବା ଛଡ଼ା ଆଉ କିଛି ସମ୍ଭବ ନୁହେଁ । ପୂର୍ଣ୍ଣବ୍ରହ୍ମ ଶ୍ରୀ ଶ୍ରୀ ପୁରୁଷୋତ୍ତମଙ୍କ ଦିବ୍ୟଲୀଳା ମାଧୁରୀକୁ ଅବତରଣ କରି ଏହା କୁହାଯାଇପାରେ ସାଗରର ମଧ୍ୟ ଶେଷ ଅଛି ସୀମା ମଧ୍ୟ ଅଛି । ତେଣୁ ସାଗର ଅନନ୍ତ ନୁହେଁ କି ଅସୀମ ନୁହେଁ । ଜଣେ ହିଁ ଅନନ୍ତ ଓ ଅସୀମ, ସେ ହେଉଛନ୍ତି ପୁରୁଷୋତ୍ତମ । ଆଶ୍ରିତଜନଙ୍କୁ କୃପା କରି ସସୀମ ରୂପରେ ଲୀଳା ପ୍ରକଟ କରିଛନ୍ତି । ଅବିଭକ୍ତ ବଂଗଭୂମିର ପାବନା ଜିଲ୍ଲାର ଗୋୟାଁଖାନା ନିବାସୀ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ମନମୋହିନୀଙ୍କର କୋଳମଣ୍ଡନ କରିଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର । ସେ ମାହେନ୍ଦ୍ର ମୁହୂର୍ତ୍ତ ଥିଲା ୧୨୯୫ ବଙ୍ଗଳା ସାଲର ଭାଦ୍ରବ ମାସର ୩୦ ଦିନ ଶୁକ୍ଳପକ୍ଷ, ଇଂରାଜୀ ବର୍ଷ ଅନୁଯାୟୀ ୧୮୮୮ ମସିହା। ଜନ୍ମ ହେବାର ନବମ ମାସରେ ଅନ୍ନପ୍ରାଶନ୍ନ ଉତ୍ସବରେ ମାତା ମନମୋହିନୀ ଦେବୀ କବିତାଟିଏ ଲେଖିଥିଲେ ଯାହାର ପ୍ରଥମ ଅକ୍ଷରଗୁଡ଼ିକ ସମ୍ମିଳନରେ ଥିଲା 'ଅନୁକୂଳ'

ସତ୍ୟାନୁସରଣର ରଚୟିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଜୀବନବାଦର ପୁରୋଧା ଥିଲେ । ମଣିଷର ଜୀବନ ତାଙ୍କ ପାଖରେ ସର୍ବୋପରି ମୂଲ୍ୟବାନ ବସ୍ତୁ ହିସାବରେ ପରିଗଣିତ ହୋଇଆସୁଥିଲା । ସତ୍ୟାନୁସରଣ ହେଉଛି ଜୀବନର ଆସ୍ଥା । ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଜୀବନ ଅତ୍ୟନ୍ତ ମୂଲ୍ୟବାନ । ଜୀବନର ସ୍ୱରୂପ, ଗଭୀରତା ଏବଂ ଜ୍ୟୋତିର ପ୍ରକାଶ ଏକପ୍ରକାର ବିସ୍ମୟକର ଅଭିବ୍ୟକ୍ତ । ପ୍ରତ୍ୟେକ ବ୍ୟକ୍ତି ବିଶେଷ ପାଇଁ ଜୀବନର ରୂପ ଓ ପ୍ରକାଶ ଭିନ୍ନ ପ୍ରକାର । ସେହି ଦୃଷ୍ଟିରୁ ବ୍ୟକ୍ତିର ବ୍ୟକ୍ତିଗତ ଅନୁଭୂତି ଏବଂ ନିଜସ୍ୱ ଦୃଷ୍ଟିଭଙ୍ଗିର ଏକ ଅନନ୍ୟ ମୂଲ୍ୟ ରହିଛି । ବ୍ୟକ୍ତି ଜୀବନର ଏହି ଘନୀଭୂତ ଓ କେନ୍ଦ୍ରାୟିତ ପୃଷ୍ଠଭୂମିରେ ସତ୍ୟାନୁସରଣ ହେଉଛି ଏକ ଅଭ୍ରାନ୍ତ ମାର୍ଗଦର୍ଶକ ଏବଂ ନିୟାମକ । ସତ୍ୟାନୁସରଣ ଭିତରେ ଜୀବନର ଦର୍ଶନ ଓ ଆଧ୍ୟାତ୍ମବିଦ୍ୟା ନିଶ୍ଚୟ ରହିଛି । କିନ୍ତୁ ସତ୍ୟାନୁସରଣର ମହତ୍ୱ ହେଉଛି ଜୀବନ ଦର୍ଶନକୁ ସୂତ୍ରାକାରରେ ପାଳନ କରିବାର ଏକ ପନ୍ଥା । ମଣିଷ କିଭଳି ନିଜର ଦୈନନ୍ଦିନ ଜୀବନରେ କର୍ମ ସମ୍ପାଦନା କରିବା ସହିତ ସାର୍ଥକତାର ପଥ ଅବଲମ୍ବନ କରିପାରିବ; ସତ୍ୟାନୁସରଣ ହେଉଛି ସେଥିପାଇଁ ଏକ ନିତି ନୀୟମ ସମ୍ବଳିତ ଏକ ନିର୍ଦ୍ଦେଶନାମା । ଧର୍ମର ସଂଜ୍ଞା ବର୍ଣ୍ଣନା କରି ଶ୍ରୀ ଶ୍ରୀ ଠାକୁର କହିଥିଲେ - 'ଯେନାତ୍ମନଂ ତଥାନ୍ୟେଷାଂ ଜୀବନବର୍ଦ୍ଧନାଞ୍ଚପି ଧ୍ରିୟତେ ସ ଧର୍ମଃ' ଅର୍ଥାତ୍ ଯାହାଦ୍ୱାରା ନିଜର ଓ ଅନ୍ୟର ଜୀବନ ଓ ବୃଦ୍ଧି ବିକଶିତ ହୁଏ, ତାକୁ ହିଁ ଧର୍ମ କୁହାଯାଏ । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏକ ପରିମାର୍ଜିତ ରୂପରେ ମୁଗ୍ଧ ହୋଇ ମନୁଷ୍ୟର ଚରିତ୍ରବତ୍ତା, ଈଶ୍ୱରାଭିମୁଖୀ ଚେତନା, ପିତୃମାତୃ କେନ୍ଦ୍ରିକତା, ଅନୁଚିନ୍ତନର ପ୍ରୟାସରେ ଆରମ୍ଭ କରିଥିଲେ 'ସତ୍‌ସଙ୍ଗ ତପୋବନ ବିଦ୍ୟାଳୟ' । 'ସତ୍‌ସଙ୍ଗ' ପ୍ରତିଷ୍ଠାନର ଆଭିମୁଖ୍ୟ ଓ କାର୍ଯ୍ୟ ପରିସର ବ୍ୟାପକ ହେବା ପରେ ଶ୍ରୀ ଶ୍ରୀ ଠାକୁର ତାଙ୍କର ଆଶ୍ରିତ ଓ ସେବକମାନଙ୍କୁ ଯାଜକ, ଅଧ୍ୱର୍ଯ୍ୟ, ସହପ୍ରତିଋତ୍ୱିକ ନାମରେ ନାମିତ କରି ଦୀକ୍ଷାଦାନ ପାଇଁ ପ୍ରେରିତ କରିଥିଲେ ।

ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିଭଙ୍ଗିରେ ଜୀବନର ଦୁଇଟି ଅପରିହାର୍ଯ୍ୟ ଦିଗ ରହିଛି । ପ୍ରଥମ ହେଉଛି - ବଞ୍ଚିବା ଓ ଦ୍ୱିତୀୟ ହେଉଛି ବୃଦ୍ଧି, ଆନନ୍ଦ କିମ୍ବା ବିସ୍ତାରିତ ଅନୁଭୂତି । ଏହି ଦୁଇଟି ଦିଗକୁ ପରିପୂରଣ କରିବାର ଉପାୟ ସତ୍ୟାନୁସରଣର ପ୍ରତ୍ୟେକ ପରିଚ୍ଛଦରେ ଦିଆଯାଇଛି । ଉଦାହରଣ ସ୍ୱରୂପ - 'ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ । ସାବଧାନ ହୁଅ - ଠକିଯିବ, ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ' । ମନୁଷ୍ୟ ଭିତରେ ଦେବତ୍ୱକୁ ଜାଗ୍ରତ କରିବା, ଆତ୍ମା ସହିତ ପରମାତ୍ମାର ମିଳନ କରାଇବା, ମନୁଷ୍ୟକୁ ତା'ର ଲକ୍ଷ୍ୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ଏହି ବାଣୀ ଏକ ଅମୋଘ ଅସ୍ତ୍ର । ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଭଗବାନ କୃଷ୍ଣ ଅର୍ଜୁନଙ୍କୁ ଆହ୍ୱାନ ଦେଲାଭଳି ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣ ପ୍ରଥମ ପରିଚ୍ଛଦରେ କହିଛନ୍ତି 'ସର୍ବ ପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତଡ଼, ଯେତେ ଶୀଘ୍ର ପାର, ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଠବଙ୍କକ୍ରସବ୍ବରକୁ । ସ୍ମରଣ କର ତୁମେ ସାହସୀ, ସ୍ମରଣକର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାର ସନ୍ତାନ । ଆଗେ ସାହସୀ ହୁଅ, ଅକପଟ ହୁଅ, ତେବେ ଜଣାଯିବ, ତୁମର ଧର୍ମରାଜ୍ୟରେ ପଶିବାର ଅଧିକାର ଜନ୍ମିଛି । ଭାରତବାସୀଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କର ବୈପ୍ଳବିକ ଆହ୍ୱାନ ହେଉଛି - 'ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇଉଠିଛନ୍ତି । ଋଷିଙ୍କୁ ବାଦ ଦେଇ ଋଷିବାଦର ଉପାସନା ଆରମ୍ଭ ହୋଇଛି । ଭାରତ, ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସଂପ୍ରଦାୟ ଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ, ଆଉ ତୁମର ମୂର୍ତ୍ତି ବା ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି, କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କ ଆବିର୍ଭାବ । ଅନ୍ୟତ୍ର ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁର କହିଲେ - 'କର୍ମ କରିଯାଓ, ଅଦୃଷ୍ଟ ଭାବି ଭାଙ୍ଗି ପଡ଼ନାହିଁ, ଅଳସୁଆ ହୁଅନାହିଁ । ତୁମେ ଯେପରି କାର୍ଯ୍ୟ କରିବ, ତୁମର ଅଦୃଷ୍ଟ ସେହିପରି ହୋଇ ଦୃଷ୍ଟ ହେବ ।' ଜୀବନର ଗତି ପଥରେ, ବିପଦ ଓ ବାଧା ଆସି ଛିଡ଼ା ହୁଏ । ଶ୍ରୀ ଶ୍ରୀ ଠାକୁର ଜୀବନରେ ବିଜୟ ଓ ସାଫଲ୍ୟର ଜୟ ଜୟକାର କରି ସତ୍ୟାନୁସରଣର ପୃଷ୍ଠାରେ କହିଲେ, 'ବିପଦକୁ ଫାଙ୍କି ଦେଇ ଓ ପରାସ୍ତ କରି ସଫଳତା ଲକ୍ଷ୍ମୀ ଲାଭ କର; ବିପଦ ଯେପରି ତୁମକୁ ସଫଳତାରୁ ବଞ୍ଚିତ ନକରେ ।' ସତ୍ୟାନୁସରଣ ଅଧ୍ୟୟନ କଲାବେଳେ ମଣିଷର ଅନ୍ତର୍ରାଜ୍ୟରେ ଏକପ୍ରକାର ଆଲୋଡ଼ନ ସୃଷ୍ଟି ହୁଏ । ସତ୍ୟାନୁସରଣର ପ୍ରତ୍ୟେକ ବାକ୍ୟ କିମ୍ବା ପରିଚ୍ଛେଦରେ ଏକ ଚିରନ୍ତନ ସତ୍ୟ ଏବଂ ଏକ ଜୀବନୀୟ ନିର୍ଦ୍ଦେଶ ପ୍ରସ୍ଫୁଟିତ ହୋଇଅଛି । ଅଧିକାଂଶ, ଅଧ୍ୟାୟରେ ମନସ୍ତାତ୍ତ୍ୱିକ, ଆତ୍ମିକ, ବ୍ୟବହାରିକ ଏବଂ ଦାର୍ଶନିକ ତତ୍ତ୍ୱର ବାସ୍ତବ ପ୍ରୟୋଗର କୌଶଳ ଓ ଉପାୟ ଦର୍ଶାଯାଇଛି । ପରିଶେଷରେ ଏକଥା କହିବାକୁ ପଡ଼େ, ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନ ଜାଗ୍ରତ ରହିଛି । ସତ୍ୟାନୁସରଣର ଭକ୍ତି ମାଧ୍ୟମରେ ସେ ଆମକୁ ନିରନ୍ତର ମାର୍ଗଦର୍ଶନ କରାଇଛନ୍ତି । ଜୀବନର ଜୟ ହେଉ - ଶ୍ରୀ ଶ୍ରୀ ଠାକୁରଙ୍କ ଜୟ ହେଉ -

ସହପ୍ରତିଋତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# 'ଇ-ଆବର୍ଜନାର ସଂକଟ'

॥ ବିପିନ ବିହାରୀ ରାଉତ ॥

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି । ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ । ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୧୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୧୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ବିଜ୍ଞାନର ଦ୍ରୁତ ବିକାଶ ଫଳରେ ମଣିଷ ହାତମୁଠାରେ ସବୁକିଛି ପାଇଯାଉଛି ଭାବନା ରଖି ଦିନକୁ ଦିନ ଜନସଂଖ୍ୟାର ବୃଦ୍ଧି, ଜଙ୍ଗଲ ସମ୍ପଦର କ୍ଷୟ, କୀଟନାଶକର ପ୍ରୟୋଗ ଓ ବ୍ୟାପକ ଯାନବାହାନ ଚଳାଚଳ ପାଇଁ ପରିବେଶକୁ ପ୍ରଦୂଷିତ କରିବା ସହ ଇ-ଆବର୍ଜନାର ସଙ୍କଟକୁ ବଢ଼ାଉଛି ମଧ୍ୟ ତେଣୁ ଆଜି ଏହି ଦିବସରେ ଆମେ ସମସ୍ତେ ସଚେତନ ହେବାପାଇଁ ନିଜ ଦାୟିତ୍ୱକୁ ନିର୍ବାହ ପାଇଁ ପ୍ରତିଜ୍ଞାବଦ୍ଧ ହେବା ଅତ୍ୟନ୍ତ ଜରୁରୀ।

ଦୂରଭାଷ : ୯୪୩୭୬୬୬୪୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ପଦାର୍ଥ ବିଜ୍ଞାନର ଅଧ୍ୟାପକଙ୍କ ମାଡ଼ରେ ଛାତ୍ର ଲହୁ ଲୁହାଣ ଅଭିଯୋଗ



ନୂଆଗାଁ, (ମହାଭାରତ ) : ସରକାର ଗୋଟିଏ ପଟେ ଛାତ୍ରଛାତ୍ରୀଙ୍କୁ ମାଡ଼ ନ ମାରିବା ପାଇଁ ବିଦ୍ୟାଳୟ ପରିସରକୁ ଦଣ୍ଡମୁକ୍ତ ଅଞ୍ଚଳ କରିଥିବା ବେଳେ କିନ୍ତୁ ପଦାର୍ଥ ବିଜ୍ଞାନର ଅଧ୍ୟାପକଙ୍କ ମାଡ଼ରେ ଛାତ୍ର ଲହୁ ଲୁହାଣ ।ଯେଉଁଠି ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ହୋଇଛି ସେଠାରେ ଛାତ୍ର ଜଣଙ୍କୁ କିପରି ଅଧ୍ୟାପକ ମାଡ଼ ମାରିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।ପୀଡିତ ଛାତ୍ର ଜଣଙ୍କ କହିବା ଅନୁଯାୟୀ ଦେହ ଅସୁସ୍ଥ ଥିବା କାରଣରୁ ହୋମ ୱାର୍କ ନ କରିଥିବା ଯୋଗୁଁ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଭାଗର ପଦାର୍ଥ ବିଜ୍ଞାନର ଅଧ୍ୟାପକ ହିଦ୍ରାନ୍ଦ ଜ୍ୟୋତିପ୍ରକାଶ ରାଗିଯାଇ ମୋତେ ମାଡ଼ ମାରିଥିବା କହିଥିଲେ । ଅଧ୍ୟାପକ ଛାତ୍ର ଜଣଙ୍କୁ ଏମିତି ମାଡ଼ ମାରିଛନ୍ତି ଯେ ଦେହ ସାରା ବେତ ପାହାର ଚିହ୍ନ ସ୍ପଷ୍ଟ ବାରି ହୋଇପଡୁଛି । ଯାହାକୁ ନେଇ ବୁଦ୍ଧିଜୀବୀ ଙ୍କ ମହଲରେ ଘୋର ନିନ୍ଦା କରାଯାଉଥିବା ଦେଖିବାକୁ ମିଳିଛି ଏନେଇ କଲେଜ ଅଧ୍ୟକ୍ଷ ବିଜୟ କୁମାର ସାହୁଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ରିସିଭ କରି ନଥିବା ପରିବାର ଲୋକେ ପ୍ରକାଶ କରିଥିଲେ । ତେଣୁ ପରିବାର ଲୋକେ ଉପାୟ ନପାଇ ନୂଆଗାଁ ଗ୍ରାମର ପୀଡିତ ଛାତ୍ର ଆଶିଷ କୁମାର ପ୍ରଧାନଙ୍କ ବାପା ମନମୋହନ ପ୍ରଧାନ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ହିଦ୍ରାନ୍ଦ ଜ୍ୟୋତିପ୍ରକାଶ ଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ ।ଏହାକୁ ନେଇ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସାହୁ ଙ୍କୁ ପଚାରିଥିବାରୁ ଯେଉଁ ଠାରେ ଦଣ୍ଡମୁକ୍ତ ଅଞ୍ଚଳରେ ଛାତ୍ର ଜଣଙ୍କୁ ମାଡ଼ ମାରିବା ସମ୍ପୂର୍ଣ୍ଣ ଅଧ୍ୟାପକ ଙ୍କ ଭୁଲ ବୋଲି ପ୍ରତିକ୍ରିୟା ରଖିଥିଲେ ।ପରବର୍ତ୍ତୀ ସମୟରେ କଲେଜ ଅଧ୍ୟକ୍ଷ ପୀଡିତ ଛାତ୍ରଙ୍କ ପରିବାରଙ୍କୁ ଡାକି ଉଭୟଙ୍କ ମଧ୍ୟରେ ଆପସ ବୁଝାମୁଣା ହେବା ସହ ଥାନାରେ ପହଞ୍ଚି ମୀମାଂସା କରିଥିଲେ ।ଆଗାମୀ ଦିନରେ କଲେଜରେ କୌଣସି ଛାତ୍ରଛାତ୍ରୀଙ୍କୁ ମାଡ଼ ଦିଆଯିବ ନାହିଁ ବୋଲି କଲେଜ ଅଧ୍ୟକ୍ଷ ପ୍ରକାଶ କରିଥିଲେ ।ଯଦି ପୁନରାବୃତ୍ତି ହୁଏ ତେବେ ଜିଲ୍ଲା ପ୍ରଶାସନ ଏଥିପ୍ରତି କଣ ପଦକ୍ଷେପ ନେଉଛି ତାହା ଆଗାମୀ ଦିନରେ ଦେଖିବା ପାଇଁ ବାକି ରହିଲା ।

## କୁନ୍ଦୁରା ବ୍ଲକର ୭ ଟି ପରୀକ୍ଷା କେନ୍ଦ୍ର ରେ ଆଜିଠାରୁ ୧୦ମ ପରୀକ୍ଷା ଆରମ୍ଭ

କୁନ୍ଦୁରା, (ମହାଭାରତ) : କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ୧୫ ଟି ଉଚ୍ଚ ବିଦ୍ୟାଳୟ ର ୧୦ ମ ଛାତ୍ର ଛାତ୍ରୀଙ୍କ ବୋର୍ଡ ପରୀକ୍ଷା ନିମନ୍ତେ ୭ ଟି ପରୀକ୍ଷା କେନ୍ଦ୍ର ର ବ୍ୟବସ୍ଥା କରାଯାଇଛି । ପୂର୍ବରୁ ୬ ଟି ପରୀକ୍ଷା କେନ୍ଦ୍ର ରହିଥିବା ବେଳେ ଚଳିତ ବର୍ଷ ଠାରୁ ଲିମା ଆବାସିକ ବିଦ୍ୟାଳୟ ଠାରେ ନୂତନ ପରୀକ୍ଷା କେନ୍ଦ୍ର ଆରମ୍ଭ କରାଯାଇଛି । ଚଳିତ ବର୍ଷ କୁନ୍ଦୁରା ବ୍ଲକର ୭ ଟି ପରୀକ୍ଷା କେନ୍ଦ୍ର ରେ ମୋଟ ୧୪୪୬ ଜଣ ଛାତ୍ର ଛାତ୍ରୀ ୧୦ମ ପରୀକ୍ଷା ଦେଉଥିବା ବେଳେ ଜୟପୁର ବ୍ଲକର ବାମୁଣୀପୁଟ ଆବାସିକ ଉଚ୍ଚ ବିଦ୍ୟାଳୟ ର ୧୬୭ ଜଣ ଛାତ୍ର ଛାତ୍ରୀ କୁନ୍ଦୁରା ବ୍ଲକ ଅନ୍ତର୍ଗତ ଦିଗାପୁଟ ଆବାସିକ ଉଚ୍ଚ ବିଦ୍ୟାଳୟ ର ପରୀକ୍ଷା କେନ୍ଦ୍ର ରେ ପରୀକ୍ଷା ଦେବାକୁ ଆସିଛନ୍ତି । କୁନ୍ଦୁରା ବ୍ଲକ ର ୭ ଟି ପରୀକ୍ଷା କେନ୍ଦ୍ର ରେ କେବଳ କୁନ୍ଦୁରା ବ୍ଲକ ର ୧୫ ଟି ଉଚ୍ଚ ବିଦ୍ୟାଳୟ ର ମୋଟ ୧୨୭୯ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେବା ନିମନ୍ତେ ବ୍ୟବସ୍ଥା ହୋଇଥିବା ବେଳେ ସେଥି ମଧ୍ୟରୁ ୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ରହିଛି । କୁନ୍ଦୁରା ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ବିଦ୍ୟାଳୟ ରେ ୨୫୬ ଜଣ ପରୀକ୍ଷାର୍ଥୀ ଙ୍କ ମଧ୍ୟରେ ୨୫୪ ଜଣ, କାଉଡ଼ିଆଗୁଡା ବାଳିକା ଆବାସିକ ବିଦ୍ୟାଳୟ ରେ ୨୦୧ ଜଣ, ଲିମା ଆବାସିକ ବିଦ୍ୟାଳୟ ରେ ୧୭୬ ମଧ୍ୟରୁ ୧୭୫ ଜଣ, ଦିଗାପୁର ଆବାସିକ ବିଦ୍ୟାଳୟ ରେ ୨୨୯ ଜଣ, ଲାଛନାଗୁଡା ବିଦ୍ୟାଳୟ ରେ ୨୨୦ ରୁ ୨୧୯ ଜଣ, ଡ଼ଙ୍ଗରପାଉସୀ ଅନନ୍ତ ବିଦ୍ୟାପୀଠ ରେ ୧୭୩ ଜଣ ଓ ଖଟଲାପଦର ବିଦ୍ୟାଳୟ ରେ ୧୯୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ପ୍ରତେକ ପରୀକ୍ଷା କେନ୍ଦ୍ର ରେ କୁନ୍ଦୁରା ପୋଲିସ ମୁତୟନ ରହିଥିବା ବେଳେ କୁନ୍ଦୁରା ବିଡ଼ିଓ ପ୍ରତେକ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିଥିବା ଦେଖିବାକୁ ମିଳିଛି । ଆବାସିକ ବିଦ୍ୟାଳୟ ମାନଙ୍କ ପରୀକ୍ଷାର୍ଥୀ ଙ୍କ ପାଇଁ ବସ୍ ର ସୁବିଧା କରାଯାଇଥିବା ବେଳେ ଶିକ୍ଷା ବିଭାଗୀୟ ବିଦ୍ୟାଳୟ ମାନଙ୍କର ପରୀକ୍ଷାର୍ଥୀ ଏବଂ ଆବାସିକ ବିଦ୍ୟାଳୟ ମାନଙ୍କରେ ଡେସ୍ କୋଲାର୍ ଭାବେ ପଢୁଥିବା ପରୀକ୍ଷାର୍ଥୀ ମାନେ ବହୁତ ଅସୁବିଧାରେ ଯାତାୟତ କରୁଥିବା ଏବଂ କିଛି ପରୀକ୍ଷାର୍ଥୀ ଯାତାୟତ ପାଇଁ ସମସ୍ୟା ଯୋଗୁଁ ଠିକ ସମୟରେ ପହଞ୍ଚି ପାରୁନଥିବା କଥା କିଛି ଅଭିଭାବକ କହିଛନ୍ତି । ଆଉ କିଛି ପରୀକ୍ଷାର୍ଥୀ ବାଇକ୍ ଯୋଗେ ଆସୁଥିବା ଦେଖି ପଲିସ କର୍ମି ଙ୍କ ତରଫରୁ ନାବାଳକ ପିଲାଙ୍କୁ ତାଗିଦ୍ କରିଥିବା ଦେଖିବାକୁ ମିଳିଛି । ସରକାର ପ୍ରଥମ ଶ୍ରେଣୀ ଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଠ ପଢା ପାଇଁ ସବୁ ବ୍ୟବସ୍ଥା କରୁଛନ୍ତି କିନ୍ତୁ ଶେଷ ମୁହୂର୍ତ୍ତ ରେ ୧୦ମ ଶ୍ରେଣୀ ପରୀକ୍ଷା ସମୟରେ ବାଛ ବିଚାର ନୀତି ଭଳି ଆବାସିକ ବିଦ୍ୟାଳୟ ର ଅନ୍ତବାସୀ ଙ୍କ ପାଇଁ ହିଁ ପରୀକ୍ଷା କେନ୍ଦ୍ର କୁ ଯାତାୟତ ନିମନ୍ତେ ବ୍ୟବସ୍ଥା କରୁଛନ୍ତି କିନ୍ତୁ ଡେସ୍ କୋଲାର୍ ପିଲା ଏବଂ ଶିକ୍ଷା ବିଭାଗୀୟ ବିଦ୍ୟାଳୟ ର ପରୀକ୍ଷାର୍ଥୀ ଙ୍କ ଯାତାୟତ ଦାଇତ୍ୱ ରୁ ଓହରୀ ଯାଉଛନ୍ତି ଯାହା ସରକାର ଙ୍କ ଏକ ପାତର ଅନ୍ତର ନୀତି ବୋଲି କିଛି ଅଭିଭାବକ କ୍ଷୋଭ ପ୍ରକାଶ କରି କହିଛନ୍ତି ।

## ପଞ୍ଚଦିବସୀୟ ପ୍ରବୋଧନ ପ୍ରଶିକ୍ଷଣ ଶିବିର ଉଦଯାପିତ

କାକଟପୁର, (ମହାଭାରତ) : ସୁରେନ୍ଦ୍ରନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ପାଞ୍ଚ ଦିନ ଧରି ଚାଲିଥିବା ଓସିଏଫ –ସି ଇ ୨୦୨୫ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ଆଜି ଉଦଯାପିତ ହୋଇଯାଇଛି । ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟର ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିଲେ । ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ସହ ଶିକ୍ଷା ଅଧିକାରୀ ପ୍ରିୟବ୍ରତ ବିଶ୍ୱାଳ ଏବଂ ମଙ୍ଗୁଳି ଚରଣ ଦାସ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ କୁମାର ଦାସ ମହୋଦୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ସୂଚାରୁ ରୂପେ ସମ୍ପାଦିତ ହୋଇଛି ଓ ସାଧନ କର୍ମୀ ସଞ୍ଜୟ କୁମାର ନାୟକ, ଧୀରେନ୍ଦ୍ର ପ୍ରଧାନ, ଆଲୋକ ରଞ୍ଜନ ମହାନ୍ତି ଏବଂ ଅଭିମନ୍ୟୁ ନାୟକ ବିଭିନ୍ନ ତଥ୍ୟ ଫର୍ଦ ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ପ୍ରଶିକ୍ଷଣ ଶିବିରଟିକୁ ସାର୍ଥକ କରିଥିଲେ। ଶିଶୁ କୈନ୍ଦ୍ରିକ ଶିକ୍ଷଣ ପ୍ରକ୍ରିୟାରେ ପଞ୍ଚପଦୀ ଆଧାର, ତ୍ରିଭାଷୀ ବ୍ୟବସ୍ଥା, ସଂସ୍କୃତି ଓ ପରମ୍ପରା ସମୃଦ୍ଧ ପାଠ୍ୟକ୍ରମ ଆଦି ବେଶ୍ ରୋଚକ ସାବ୍ୟସ୍ତ ହୋଇଥିଲା । ପ୍ରଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ପ୍ରମୋଦ ବେହେରା, ରାମକୃଷ୍ଣ କର, ଜେନାମଣି ରାଜଲକ୍ଷ୍ମୀ, ଯାଜ୍ଞସେନୀ ପ୍ରଧାନ, ହରିହର ସ୍ୱାଇଁ, ନୃସିଂହ ପୋଲେଇ, ସୋନାଲି ସ୍ୱାଇଁ, ରମାକାନ୍ତ ମହାପାତ୍ର, ଅନିତା ରାୟ, ବସନ୍ତ ଦାସ, ଯଶୋବନ୍ତ ବେହେରା, ଦୀପ୍ତିମୟୀ ନାୟକ, ରମେଶ ମିଶ୍ର, ଅକ୍ଷୟ ପରିଡା, ସ୍ୱାଧୀନ ବେହେରା ପ୍ରମୁଖଙ୍କର ନିଜ ନିଜର ସୃଜନଶୀଳତା ଓ ସକ୍ରିୟ ଭାଗୀଦାରୀତା ପାଇଁ ଶିବିରଟି ଚଳଚଞ୍ଚଳ ହେଉଥିଲା । ଆସନ୍ତା ଶିକ୍ଷାବର୍ଷରୁ ନୂତନ ପାଠ୍ୟ ପୁସ୍ତକ, ନୂତନ ପାଠ୍ୟକ୍ରମ ପ୍ରଚଳନ ହେବାକୁ ଥିବାରୁ ଜାତୀୟ ଶିକ୍ଷା ନୀତିର ସଫଳ କାମନା କରି ଶିକ୍ଷା ଦାନରେ ବ୍ରତୀ ହେବାକୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସଂକଳ୍ପ ବଦ୍ଧ ହୋଇଥିଲେ ।

# ଲକ୍ଷ୍ମୀପୁରର ଖଣି ପ୍ରଭାବିତ ଅଞ୍ଚଳରେ ମାନବିକତାର ସ୍ପର୍ଶ: ଓଏମସି ଏବଂ ଆନ୍ତର୍ଜାତୀୟ ମାନବାଧିକାର ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ



ଲକ୍ଷ୍ମୀପୁର, (ମହାଭାରତ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର କାଡ଼ିଙ୍ଗାମାଲି ବକ୍ସାଇଟ୍ ଖଣି ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଶୀତର ପ୍ରକୋପରୁ ଅସହାୟମାନଙ୍କୁ ରକ୍ଷା କରିବା ପାଇଁ ଏକ ଅଭିନବ ପ୍ରୟାସ କରାଯାଇଛି। ଆନ୍ତର୍ଜାତୀୟ ମାନବାଧିକାର ସୁରକ୍ଷା ସଂଗଠନ (ଓଡ଼ଂଐଜଚ), ଓଡ଼ିଶା ପକ୍ଷରୁ ଏବଂ ଓଡ଼ିଶା ଖଣି ନିଗମ (ଡଗଉ), ଲକ୍ଷ୍ମୀପୁରର ପ୍ରାୟୋଜନାରେ ଏକ ବୃହତ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ?ଏହି ସେବା ମୂଳକ ଅଭିଯାନରେ କାଡ଼ିଙ୍ଗାମାଲି ଖଣି ପ୍ରଭାବିତ ଅଞ୍ଚଳର ନର୍ସିକାଇପଦର, ତଳ କାଇପଦର, ରାଜନ ପଣସଗୁଡ଼ା, ବିରିଗୁଡ଼ା, ରାଉଲିପଦର, ଟିଟିଝୋଲା, ଝୋଲାଗୁଡ଼ା ଏବଂ ତୋୟାପୁଟ ଭଳି ଆଠଟି ଗ୍ରାମର ଶତାଧିକ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ବିଶେଷ କରି ସମାଜର ଅବହେଳିତ ବର୍ଗ ଯଥା ବିଧବା, ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଉଚ୍ଚମାନର କମ୍ବଳ ପ୍ରଦାନ କରାଯାଇଛି।

ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା: ଏହି କାର୍ଯ୍ୟକ୍ରମରେ ଓଏମସି (ଡଗଉ) ପକ୍ଷରୁ ମାଇନ୍ସ ମ୍ୟାନେଜର ବିଭୀଷଣ ମାଝୀ ଏବଂ ସିଏସଆର ମୁଖ୍ୟ ରତ୍ନ ପ୍ରସାଦ ସାଗରିଆ ଉପସ୍ଥିତ ରହି ଖଣି ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କ କଲ୍ୟାଣ ପାଇଁ ନିଗମର ପ୍ରତିବଦ୍ଧତା ଦୋହରାଇଥିଲେ। ସେହିପରି ଆନ୍ତର୍ଜାତୀୟ ମାନବାଧିକାର ସୁରକ୍ଷା ସଂଗଠନ ପକ୍ଷରୁ ସଂଗଠନ ସମ୍ପାଦକ ଉଇଲିୟମ୍ସ ଗରାଡ଼ା, କୋରାପୁଟ ଜିଲ୍ଲା ସମ୍ପାଦକ ଯୀଶୁଦାନ ମାଛ, ସକ୍ଷକ୍ସକ୍ତ ସାମ୍ବାଦିକ ମାନସ ଖୋସଲା,ଡିସିସି ସମ୍ପାଦକ ମହେନ୍ଦ୍ର କ୍ଷେତ୍ରୀୟ ଏବଂ ସଦସ୍ୟ ଲଳିତ ଖୋସଲା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ସଂଗଠନ ପକ୍ଷରୁ ଶ୍ରୀ ଗରାଡ଼ା ପ୍ରକାଶ କରିଥିଲେ ଯେ, ମାନବିକ ଅଧିକାରର ସୁରକ୍ଷା କେବଳ ଆଇନଗତ ଲଢ଼େଇ ନୁହେଁ, ବରଂ ଅସହାୟ ଲୋକଙ୍କ ଦୁଃଖ ସମୟରେ ସେମାନଙ୍କ ସାଥିରେ ଠିଆ ହେବା ହେଉଛି ଆମର ପ୍ରାଥମିକତା। ?ଜନସାଧାରଣଙ୍କ ପ୍ରତିକ୍ରିୟା: କାଡ଼ିଙ୍ଗାମାଲି ପାଦଦେଶରେ ଥିବା ଏହି ଦୁର୍ଗମ ଗ୍ରାମଗୁଡ଼ିକରେ ଶୀତ ଦିନେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଥାଏ। ଏହି ସମୟରେ ଓଏମସି ଏବଂ ଓଡ଼ଂଐଜଚ ର ଏହି ପ୍ରୟାସ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳାଇ ଦେଇଛି। ହିତାଧିକାରୀମାନେ ଏହି ମହତ କାର୍ଯ୍ୟ ପାଇଁ ସଂଗଠନ ଓ ଖଣି କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି। ଆଗାମୀ ଦିନରେ ଏହି ଅଞ୍ଚଳରେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନୁରୂପ ସହଯୋଗ ଯୋଗାଇ ଦିଆଯିବ ବୋଲି ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି।

## ବିଜୁ ପଟ୍ଟନାୟକ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଦୁର୍ନୀତିର ଗନ୍ଧ



କୃଷ୍ଣପ୍ରସାଦ, (ମହାଭାରତ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସିଆଣ୍ଡି ପଞ୍ଚାୟତ ଠାରେ ଅବସ୍ଥିତ ବିଜୁ ପଟ୍ଟନାୟକ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ବାସୁଛି ଦୁର୍ନୀତିର ଗନ୍ଧ । ତାଲିମ କେନ୍ଦ୍ରର ଅଧ୍ୟକ୍ଷଙ୍କ ମନମାନୀରେ ଚାଲିଛି ଉକ୍ତ ପ୍ରତିଷ୍ଠାନ । ପିଇବା ପାଇଁ ପାଣି ମିଳୁନଥିବା ବିଶେଷ ସୂତ୍ରରୁ ଜଣାପଡିଛି । ମହିଳା ଛାତ୍ରାବାସରେ ଦୀର୍ଘ ଦିନ ଧରି ପିଇବା ପାଣି ଅଚଳ ହେବା ଯୋଗୁ ଛାତ୍ରୀ ମାନେ ପୁରୁଷ ଛାତ୍ରାବାସକୁ ଯାଇ ପିଇବା ପାଣି ଆଣୁଥିବା ଜଣାଯାଇଛି । ଶୌଚାଳୟ, ପାଇଖାନା କବାଟ ଭାଙ୍ଗି ଯାଇଥିବାରୁ ମରାମତି ପାଇଁ ଅର୍ଥ ଆସିଥିଲା । ମରାମତି ହେବାର ୬ମାସ ନପୂରୁଣୁ ନିମ୍ନ ମାନର କାର୍ଯ୍ୟ ଯୋଗୁଁ କବାଟ ଭାଙ୍ଗି ଝୁଲୁଥିବା ଜଣାଯାଇଛି । ସିଲେଇ ଶିକ୍ଷା ପାଇଁ ଆସିଥିବା ଡ୍ରେସ ମେକିଙ୍ଗ ଟ୍ରେଡ଼ର ଓଭର ଲକ ମେସିନର କାର୍ଯ୍ୟ ଉପରେ ଶିକ୍ଷାର୍ଥୀ ମାନଙ୍କୁ ତାଲିମ ଦିଆଯାଉନଥିବା ଅଭିଯୋଗ ହେଉଛି । ମେସିନ କାର୍ଯ୍ୟକାରୀ ନହେବା ଯୋଗୁଁ ବର୍ତ୍ତମାନ ଅଚଳ ହୋଇ ପଡ଼ିରହିଛି । ନାମ ଲେଖାଇଥିବା ଶିକ୍ଷାର୍ଥୀ ମାନେ ଅନୁପସ୍ଥିତ ରହିଲେ ସେମାନଙ୍କ ଠାରୁ ଦଣ୍ଡ ବାବଦରେ ଫାଇନ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି । ଏ ଭଳି ଦୁର୍ନୀତି କାର୍ଯ୍ୟକୁ ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ଅଭିଯୋଗରେ ଡ୍ରେସ ମେକିଙ୍ଗ ଟ୍ରେଡ଼ରେ କାର୍ଯ୍ୟ କରୁଥିବା ଶିକ୍ଷୟତ୍ରୀ ନିବେଦିତା ନନ୍ଦଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ନିଜେ ଶ୍ରୀମତୀ ନନ୍ଦ ପ୍ରକାଶ କରିଛନ୍ତି । କାର୍ଯ୍ୟରୁ ନିଲମ୍ବନ ପରେ କାର୍ଯ୍ୟ କରିଥିବା ଦିନର ପ୍ରମାଣ ପତ୍ର ଅଧ୍ୟକ୍ଷଙ୍କୁ ମାଗିବାରେ ଅଧ୍ୟକ୍ଷ ଦେବେ ନାହିଁ ବୋଲି ମନା କରିଥିବା ବହିସ୍କୃତ ନନ୍ଦ ପ୍ରକାଶ କରିଛନ୍ତି । ପ୍ରତିଷ୍ଠାନର ବିଭିନ୍ନ ସଚେତନତା କାର୍ଯ୍ୟ ଅଞ୍ଚଳର ବିଭିନ୍ନ ସ୍ଥାନରେ କରାଯାଉଥିବା ବେଳେ ଲୋକଙ୍କୁ ସଚେତନତା କରାଇବା ପାଇଁ କୌଣସି ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଦୃଷ୍ଟି ଗୋଚର କରୁନଥିବା ଜଣାଯାଇଛି । ଅଧ୍ୟକ୍ଷଙ୍କ ମନମାନି ଯୋଗୁଁ ଶିକ୍ଷାର୍ଥୀ ମାନଙ୍କର ଶିକ୍ଷାଦାନ ପ୍ରତି ବିମୁଖ ହେଉଥିବା ଜଣାଯାଇଛି । ଏନେଇ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## ନୀଳକଣ୍ଠେଶ୍ୱରଙ୍କ ପୀଠରେ ୨୪ ତମ ପ୍ରହର ନାମ ସଙ୍କୀର୍ତ୍ତନ ଶେଷ



ବାଲିପାଟଣା (ମହାଭାରତ ) : ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ସରାଟ ମୌଜାର ଆରାଧ୍ୟ ଦେବତା ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ପୀଠରେ ୨୪ ପ୍ରହର ନାମ ସଂକୀର୍ତନ ସମାପନ ହୋଇଛି । ରବିବାର ପବିତ୍ର ଶିବରାତ୍ରି ଓ ଜାଗର ଅମାବାସ୍ୟା ଅବସରରେ ଏକଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ୨୪ ପ୍ରହର ଲାଗି କଳସ ସ୍ଥାପନ ଓ ଶୁଭାଧିବାସ ହୋଇଥିଲା । ସୋମବାର , ମଙ୍ଗଳବାର , ବୁଧବାର ୩ ଦିନ ' ହରେ କୃଷ୍ଣ ହରେ ରାମ ' ଅଖଣ୍ଡ ମହାମନ୍ତ୍ର ଜପରେ ପୀଠ କମ୍ପି ଉଠିଥିଲା । ବାଗଲପୁର ସଂକୀର୍ତନ ମଣ୍ଡଳୀ ଅଧିବାସ ଓ ନଗର କୀର୍ତନ ନାମ ତୁଲାଇ ଥିଲେ । ଖୋର୍ଦ୍ଧା ନିରାକାରପୁର ସୀତାରାମ ରାମ ମଣ୍ଡଳୀ ,କାଶୀପୁର ରଘୁନାଥ କୀର୍ତନ ମଣ୍ଡଳୀ , ବୋଲଗଡ଼ ମାନକୁମାରୀ ମଣ୍ଡଳୀ , ବୋଲଗଡ଼ ଏକ ଡାଳିଆ ମଣ୍ଡଳୀ , ମଦୁରା ବାବା ଲକ୍ଷ୍ମୀ ନୃସିଂହ , ଛେନୁଅ ବାବା ବେଲେଶ୍ୱର , ଦହିଜଙ୍ଗ , ରେଙ୍ଗିଟା , ବେରୁଆଁ ଶାସନ ବାସୁଦେବ ସଂକୀର୍ତନ ମଣ୍ଡଳୀ , ଚିଲିକା ଶ୍ରୀ ଚୈତନ୍ୟ ମହିଳା ମଣ୍ଡଳୀ , ଗଡିସା ଗଦା ଲକ୍ଷ୍ମୀ ନୃସିଂହ କୀର୍ତନ ମଣ୍ଡଳୀ , କାସିଆ ଶାସନ , ବଳଙ୍ଗା ଭଗବତ ବାସୁଦେବ ମଣ୍ଡଳୀ , ସୀତାରାମ ମଣ୍ଡଳୀ , ବଳଙ୍ଗା ଗଡ଼ବନ୍ତପୁର , ତୋଟା ପଲ୍ଲୀ ମା ମଙ୍ଗଳା , ରଣପୁର ଆମ୍ବ ଝର ନିମାପଡା, କୋଣାର୍କ ବେରବୋଇ , ବିଲସାହି , କେତକୀ ପାଟଣା , ପଦ୍ମପୁର ବାଇଶି ବାଟି ପ୍ରଭୃତି ପ୍ରାୟ ୩୦ ଉର୍ଦ୍ଧ ମଣ୍ଡଳୀ ନାମ କୀର୍ତନ ରେ ଯୋଗ ଦେଇଥିଲେ । ଗୁରୁବାର ନଗର ସଂକୀର୍ତନ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବେ ଗୌରୀ ଶଙ୍କର ସାହାଣୀ ଏବଂ କର୍ତ୍ତି ସରୋଜିନୀ ସାହାଣୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ସତ୍ୟ ନାରାୟଣ ଛାଟୋଇ , ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଳି , ସତ୍ୟପ୍ରିୟ ବେହେରା , ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀ , ରମାକାନ୍ତ ପଣ୍ଡା , ମନୋଜ ପ୍ରଧାନ , ନରେଶ ବେହେରା , ଭାରତ ଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ମହାଦେବଙ୍କ ପୂଜକ ପ୍ରାଣକୃଷ୍ଣ ପଣ୍ଡା , ରବି ନାରାୟଣ ପଣ୍ଡା , କଲ୍ୟାଣ କୁମାର ପଣ୍ଡା , ମାନସ ପଣ୍ଡା , ରଶ୍ମି ରଞ୍ଜନ ପଣ୍ଡା , ଅରୁଣ ପଣ୍ଡା , ଅମୀୟ ଭୁଷଣ ପଣ୍ଡା , ରାଜେଶ ପଣ୍ଡା , ମୋହନ ପଣ୍ଡା , ତୁଷାର ରଞ୍ଜନ ପଣ୍ଡା ପୂଜା କାର୍ଯ୍ୟ ତୁଲାଇ ଥିଲେ । କର୍ମକର୍ତା ସତ୍ୟଜିତ ରାୟ , ବସନ୍ତ କୁମାର ଦାଶ , ଅବକାଶ ସ୍ୱାଇଁ , ସଞ୍ଜୟ ବେହେରା , ଶିବ ପ୍ରସାଦ ଜେନା ,ରବିନ୍ଦ୍ର ଜେନା , ଅରବିନ୍ଦ ସ୍ୱାଇଁ , ଦେବେନ୍ଦ୍ର ସ୍ୱାଇଁ , ରବିନ୍ଦ୍ର ପରିଡା , ଧର୍ମେନ୍ଦ୍ର ଜେନା , ସରତ ଚନ୍ଦ୍ର ପରିଡା , ବଂଶୀବାଦକ ଗୁରୁ ରାଜକିଶୋର ଦଳ ବେହେରା , ସୁକାନ୍ତ ଦାଶ , କୈଳାଶ ମହାପାତ୍ର , ଲିଙ୍ଗରାଜ ବେହେରା , ବଦ୍ରିନାରାୟଣ ଦାସ , ଜନ୍ମଜୟ ବେହେରା , ଚିନ୍ମୟ ବେହେରା , ପ୍ରମୋଦ ସ୍ୱାଇଁ , ଉମାକାନ୍ତ ସାହାଣୀ , ପ୍ରେମାନନ୍ଦ ମହାନ୍ତି , ଆଶୀର୍ବାଦ ପଣ୍ଡା , ବିଶ୍ୱ ରଞ୍ଜନ ସ୍ୱାଇଁ ,ଅମର କୁମାର ମହାପାତ୍ର, ବାଦଲ ସାହୁ , ସୋମନାଥ ସାହୁ , ସତ୍ୟଜିତ ପଣ୍ଡା , ରାହୁଲ ଜେନା , ରଶ୍ମି ରଞ୍ଜନ ସାହୁ , ପ୍ରଳୟ ଦର୍ଶନ ପଣ୍ଡା , ପ୍ରିୟ ଦର୍ଶନ ପଣ୍ଡାଙ୍କ ସମେତ ସରାଟ ମୌଜାର ଜନ ସାଧାରଣ ସହଯୋଗ କରିଥିଲେ ।

## କେନ୍ଦୁଝର ବନଖଣ୍ଡରେ ଲକ୍ଷାଧିକ ଟଙ୍କାର ଅଫିମ ଗଛ ନଷ୍ଟ

କେନ୍ଦୁଝର, (ମହାଭାରତ): କେନ୍ଦୁଝର ସଦର ଥାନା ର ତଳକମ୍ପଡିହୀ ଗାଁର ଜହ୍ଲା ସାହୀ ରେ ବ୍ୟାପକ ପରିମାଣର ଅଫିମ ଚାଷକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତ ରେ ପୁଲିସ , ବନ ଓ ଅବକାରୀ ବିଭାଗ ନଷ୍ଟ କରାଯାଇଛି । ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି କହିଛନ୍ତି ଅବକାରୀ ଅଧିକ୍ଷକ । ଜିଲାର ଦୁର୍ଗମ ଅଞ୍ଚଳରେ ସୁଚିନ୍ତିତ ଏବଂ ସୁପରିକଳ୍ପିତ ଭାବେ ଅଫିମ ଚାଷ କରାଯାଇଥିବା ବେଳେ ଖବର ପାଇ ଏହାକୁ ବନ ବିଭାଗ, ଅବକାରୀ ବିଭାଗ ଏବଂ ପୁଲିସ ମିଳିତ ଭାବେ ଚଢ଼ାଉ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହାଜାର ହଜାର ଗଛ ନଷ୍ଟ କରି ଦେଇଛନ୍ତି । ଯାହା ଜିଲାରେ ଏକ ବଡ଼ ସଫଳତା ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, କେନ୍ଦୁଝର ସଦର ଥାନାର ତଳକମ୍ପଡିହୀ ଗାଁର ଜହ୍ଲା ସାହୀରେ ଅଫିମ ମାଫିଆ ମାନ ନିରୀହ ଗରିବ ଆଦିବାସୀ ମାନଙ୍କୁ ଏହା ଚାଇନା ଶାଗ ଓ ଏହାକୁ ଚାଷ କଲେ ବ୍ୟାପକ ରୋଜଗାର ହେବା ର ପ୍ରଲୋଭିତ କରି ଫିମ ଚାଷ କରିଥିଲେ ।ଏପରିକି ଏହାର ମଞ୍ଜି ମଧ୍ୟ ସେମାନେ ଯୋଗାଇ ଦେଇଥିଲେ ଓ ଗାଁ ସାରା ଲୋକ ଙ୍କୁ ଏହା ଚାଷ କରିବାରୁ ପ୍ରବତାଇ ଥିଲେ । ଗୁରୁବାର ଯେତେବେଳେ ଗାଁ ରେ ପୁଲିସ୍ , ବନ ଓ ଅବକାରୀ ବିଭାଗ ର ଟିମ୍ ପହଞ୍ଚିଥିଲା ତାଙ୍କୁ ଦେଖି ଗାଁ ଲୋକେ ତାଜୁବ ହୋଇ ଯାଉଥିଲେ । ଏଠାରେ ଅଫିମ ଚାଷ ଏକଦମ ସୁଚିନ୍ତିତ ଏବଂ ସୁପରିକଳ୍ପିତ ଉପାୟ ରେ ଏହି ଚାଷ କରାଯାଇଛି ଆପଣ ବି ଦେଖିଲେ ଆଶ୍ଚର୍ଯ୍ୟ ହୋଇ ଯିବେ । ଆଫିମ ଚାଷ ପାଇଁ ଗଛ ସବୁ କୁ ଧାଡ଼ି ଧାଡ଼ି କରି ଲାଗାଯାଇଛି। ସେଥିରେ ପାଣି ଦେବା ପାଇଁ ସିଆର କରାଯାଇଛି ଓ ପାଖ ପାହାଡ଼ ରୁ ବୋହି ଆସିଥିବା ଚିରସ୍ରୋତା ଧୂମକାଶା ନାଳରୁ ପାଣି ଆଣି ମାଡା ଯାଉଛି । ଫଳର ଅଫିମ ଗଛ ସବୁ ହୃଷ୍ଟ ପୃଷ୍ଟ ହୋଇ ଫୁଲ ଓ ଫଳ ହେଲାଣି ଆଉ କିଛି ଦିନ ପରେ ଅମଳ ହୋଇଥାନ୍ତା ଓ ମାଫିଆ ମାନେ ମାଲେ ମାଲ ହୋଇଥାନ୍ତେ । ଗୁରୁବାର ବନ ବିଭାଗ, ଅବକାରୀ ବିଭାଗ ଏବଂ ପୁଲିସ୍ ମିଳିତ ଭାବେ ଏସବୁ ଅଫିମ ଗଛ ସବୁକୁ କାଟି ଓପାଡ଼ି ନଷ୍ଟ କରି ଦେଇଛନ୍ତି । ଆଗକୁ ବିଭାଗ ତରଫରୁ ଏଭଳି ବେଆଇନ ଅଫିମ ଚାଷ ନଷ୍ଟ କରାଯିବ ବୋଲି ସୂଚନା ଦେଇଛି ।

## ସିଦ୍ଧି ବିନାୟକ ଚାରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ବାଲିପାଟଣା, (ମହାଭାରତ) : ବାଲିପାଟଣା ଆଳେଶି ଶାସନ ଗୋପୀନାଥ କ୍ଲବ ପରିସରରେ ସିଦ୍ଧି ବିନାୟକ ଚାରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆଜି ଏକ ମାଗଣା ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ଅନୁଭବୀ ଡାକ୍ତରମାନଙ୍କ ଦ୍ୱାରା ସାଧାରଣ ରୋଗ, ରକ୍ତଚାପ, ଡାଇବେଟିସ, ଚକ୍ଷୁ ଓ ଦାନ୍ତ ସମ୍ପର୍କିତ ରୋଗର ପରୀକ୍ଷା କରାଯାଇଥିଲା। ରୋଗୀମାନଙ୍କୁ ମାଗଣା ଔଷଧ ବଣ୍ଟନ ସହ ଆବଶ୍ୟକୀୟ ପରାମର୍ଶ ମଧ୍ୟ ଦିଆଯାଇଥିଲା , ଚକ୍ଷୁ ରୋଗୀ ମାନଙ୍କୁ ମାଗଣାରେ ଆବଶ୍ୟକ ଚଷମା ପ୍ରଦାନ କରାଯାଇଥିଲା । ଶିବିରରେ ଶତାଧିକ ଲୋକ ଉପସ୍ଥିତ ରହି ଏହି ସେବାର ଲାଭ ନେଇଥିଲେ। ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ସାଧାରଣ ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବା ବୋଲି ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା କହିଛନ୍ତି। ଟ୍ରଷ୍ଟର ସଭାପତି ଓ କର୍ମକର୍ତ୍ତାମାନେ କହିଥିଲେ ଯେ ଭବିଷ୍ୟତରେ ମଧ୍ୟ ଏପରି ସାମାଜିକ ସେବାମୂଳକ କାର୍ଯ୍ୟକ୍ରମ ଜାରି ରଖାଯିବ ।ଏହି ଅବସରରେ ଟ୍ରଷ୍ଟ ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସେବାଭାବୀମାନଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ସଫଳ କରିଥିଲା।

## ଲାଞ୍ଜିଗଡ ବ୍ଲକରେ ୮ ଗୋଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଚୟନ ୧୩୬୪ ଛାତ୍ର ଛାତ୍ରୀ




ଲାଞ୍ଜିଗଡ, (ମହାଭାରତ): ଲାଞ୍ଜିଗଡ ବ୍ଲକର ୮ ଗୋଟି ପରୀକ୍ଷା କେନ୍ଦ୍ରରେ ଗୁରୁବାର ମାଟ୍ରିକ ପରୀକ୍ଷା ଦେଲେ ୧୩୬୪ ଜଣ ଛାତ୍ର ଛାତ୍ରୀ ଓ କପି ରୋକିବାକୁ ନୂଆ ଫର୍ମୁଲା ସ୍ୱରୂପ ଦେଢଘଣ୍ଟା ପୂର୍ବରୁ ପରୀକ୍ଷା ହଲକୁ ଯାଇଥିଲେ ପରୀକ୍ଷାର୍ଥୀ ଓ ଅର୍ଥାତ ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ସାଢ଼େ ୭ଟାରେ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ହଲକୁ ଛଡାଯାଇଥିଲା ଓ ଲାଞ୍ଜିଗଡ ବ୍ଲକର ୮ ଗୋଟି ପରୀକ୍ଷା କେନ୍ଦ୍ର ମଧ୍ୟରେ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଲାଞ୍ଜିଗଡ , ପୋଖରିବନ୍ଧ ଓ ଲାଞ୍ଜିଗଡ଼ ରୋଡ ଉଚ୍ଚ ବିଦ୍ୟାଳୟର ୧୮୩ ଜଣ ଛାତ୍ରଛାତ୍ରୀ, ଲାଞ୍ଜିଗଡ ଉଚ୍ଚ ବିଦ୍ୟାଳୟରେ ୧୬୭ ଜଣ ଛାତ୍ରଛାତ୍ରୀ, ଲାଞ୍ଜିଗଡ ଏସଏସଡି ଉଚ୍ଚ ବିଦ୍ୟାଳୟରେ ୨୬୪ ଜଣ ଛାତ୍ର ଛାତ୍ରୀ, ଲାଞ୍ଜିଗଡ ରୋଡ ଉଚ୍ଚ ବିଦ୍ୟାଳୟରେ ୧୪୪ ଜଣ ଛାତ୍ର ଛାତ୍ରୀ, ବେନଗାଁ ଉଚ୍ଚ ବିଦ୍ୟାଳୟରେ ୧୧୬ ଜଣ ଛାତ୍ରଛାତ୍ରୀ, ମୂଷାନାଳ ଉଚ୍ଚ ବିଦ୍ୟାଳୟରେ ୧୧୫ ଜଣ ଛାତ୍ରଛାତ୍ରୀ, ମଧୁପୁର ଉଚ୍ଚ ବିଦ୍ୟାଳୟରେ ୧୯୨ ଜଣ ଛାତ୍ର ଛାତ୍ରୀ ଏବଂ ଯୋଡ଼ାବନ୍ଧ ଉଚ୍ଚ ବିଦ୍ୟାଳୟରେ ୧୮୩ ଜଣ ଛାତ୍ରଛାତ୍ରୀ ସମେତ ମୋଟ ୧୩୬୪ ଜଣ ପରୀକ୍ଷାର୍ଥୀଙ୍କ କେନ୍ଦ୍ର ଚୟନ ହୋଇଥିଲା ଓ ଶୁକ୍ରବାର ପ୍ରଥମ ଦିନରେ ଓଡ଼ିଆ ପରୀକ୍ଷା ଥିବାବେଳେ ୧୩୬୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୨୫ ଜଣ ପରୀକ୍ଷା ଦେଇଥିବା ବେଳେ କୌଣସି କାରଣରୁ ୩୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ ଓ ଲାଞ୍ଜିଗଡ଼ ବ୍ଲକର ୮ ଗୋଟି ପରୀକ୍ଷା କେନ୍ଦ୍ରର ନୋଡାଲ ସେଣ୍ଟର ଭାବେ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, କରା ଯାଇଥିବା ବେଳେ ନୋଡାଲ ଅଫିସର ଭାବେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ ତହସିଲଦାର ବନମାଳୀ ମେହେର ଏବଂ ଶିକ୍ଷା ବିଭାଗ ବିଇଓ ରୁଷିଆ ମେହେର ଦାୟିତ୍ୱରେ ଥିବା ବେଳେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୨୪ ଘଣ୍ଟିଆ ପୋଲିସ ପହରା ଦେଉଥିବା ଲାଞ୍ଜିଗଡ଼ ଶିକ୍ଷା ବିଭାଗ ବିଇଓ ରୁଷିଆ ମେହେରଙ୍କ ଠାରୁ ସୂଚନା ମିଳିଛି ଓ ଏହି ପରୀକ୍ଷା କେନ୍ଦ୍ର ଗୁଡ଼ିକର ସୁରକ୍ଷାକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ଼ , ବିଶ୍ୱନଓଥପୁର, ବିଜେପୁର ଏବଂ ସିକେରକୁପା ପୋଲିସ ପକ୍ଷରୁ ପୋଲିସ କର୍ମଚାରୀ ଏବଂ ପୋଲିସ ବଳ ମୃତୟନ କରଯାଇଥିଲା।

## ହଜାରେ ବସ୍ତା ଧାନ, ୪୦୦ ବସ୍ତା ସାର ଜବତ

ରାଇଘର, (ମହାଭାରତ) : ନବରଂଗପୁର ଜିଲ୍ଲା ରାଇଘର ବ୍ଲକ ହାଟଭରଣ୍ଡି ପଞ୍ଚାୟତ ଝଟିଆରପାରା ଗ୍ରାମ ବ୍ୟବସାୟୀଙ୍କ ଗୋଦାମରେ କୃଷି ଏବଂ ଯୋଗାଣ ବିଭାଗ ଚଢ଼ଉ କରିଛି । ଚଢ଼ଉରେ ପ୍ରାୟ ଏକ ହଜାର ବସ୍ତା ଧାନ ସହ ଉକ୍ତ ଗୋଦାମରେ ଗଚ୍ଛିତ ଥିବା ୪୦୦ ବସ୍ତାରୁ ଉର୍ଦ୍ଧ୍ୱ ସାର ଜବତ ହୋଇ ହାଇଛି । ଗ୍ରାମର ଗୋବିନ୍ଦ ସାହୁ ନାମକ ବେପାରୀ ଚାଷୀଙ୍କଠାରୁ ବେଆଇନ ଭାବେ ବ ଧାନ କିଣି ଗୋଦାମରେ ଗଚ୍ଛିତ ରଖିଥିଲେ । ଚଢ଼ଉରେ ନବରଙ୍ଗପୁର ଏସିଏସଓ ଗାୟତ୍ରୀ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ମୌସୁମୀ ସଜ୍ଜନ, କୃଷି ବିଭାଗ ଏଡିଓ ନିହାର ନାୟକ, ଏଏଓ ଗୀତାଞ୍ଜଳି ବୋରିଆ, ଏଓ ଆଲୋକ ସାମଲ, ତାପସ ସାମଲ, ଭିଏଡବ୍ଲ୍ୟୁ ଦୁର୍ଗେଶ ମାରକମ, ଦୁଃଖେନ୍ଦ୍ର ମାଝୀ, ଜହର ଲାଲ ସୋରି, ନଳିନୀକାନ୍ତ ପାଢ଼ୀ ପ୍ରମୁଖ ସାମିଲ ହୋଇଥିଲେ ।

## ପାଟଣା ବ୍ଲକ ରେ ୧୮୨୫ଜଣ ପରୀକ୍ଷାର୍ଥୀ ଦଶମ ପରୀକ୍ଷା ଦେଲେ



ପାଟଣା;-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଶିକ୍ଷା ମଣ୍ଡଳ ଅଧିନସ୍ଥ ୧୨ଟି ପରୀକ୍ଷା କେନ୍ଦ୍ର ରେ ଦଶମ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହୋଇଛି । ଏହି ଦଶମ ଶ୍ରେଣୀ ପରୀକ୍ଷା ଅତି ଗୁରୁତପୂର୍ଣ୍ଣ ରହିଥିବା ବେଳେ ପରୀକ୍ଷା କେନ୍ଦ୍ର ଗୁଡିକ ରେ କପି ରୋକି ବାକୁ ଶିକ୍ଷା ବିକାଶ ଦ୍ଵାରା ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ଗୁଡିକ ରେ ସିସି କ୍ୟାମେରା ଲଗାଯାଇ ଥିବା ଦେଖିବାକୁ ମିଳିଛିଏଥି ସହିତ ପାଟଣା ବ୍ଲକ ଶିକ୍ଷା ମଣ୍ଡଳ ଅଧିନ ରେ ୧୨ଟି ପରୀକ୍ଷା କେନ୍ଦ୍ର ଗୁଡିକ ପାଟଣା ସରକାରୀ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ମଲ୍ଲୀପଶି ସରକାରୀ ନେତାଜୀ ଉଚ୍ଚ ବିଦ୍ୟାଳୟ, ଟାଙ୍ଗରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ,କେନ୍ଦେଇପଶି ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ,ତୁରୁମୁଙ୍ଗା ଦଧି ବାବନ ସରକାରୀ ଉଚ୍ଚ ବିଦ୍ୟାଳୟ, ଅଙ୍ଗୀକଳା ଏବିସିଦି ସରକାରୀ ଉଚ୍ଚ ବିଦ୍ୟାଳୟ,ବାଉଁଶୁଳି ସରକାରୀ ଉଚ୍ଚ ବିଦ୍ୟାଳୟ, ଖିରେଇଙ୍ଗିରୀ ସରକାରୀ ଉଚ୍ଚ ବିଦ୍ୟାଳୟ,ବିଏସ୍ ସରକାରୀ ଉଚ୍ଚ ବିଦ୍ୟାଳୟ,ରାଜନଗର ସରକାରୀ ଉଚ୍ଚ ବିଦ୍ୟାଳୟ,ମୁରୁସୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ବିଭିନ୍ତ ପରୀକ୍ଷା କେନ୍ଦ୍ର ଗୁଡିକ ରେ ମୋଟ ୧୯୨୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ବେଳେ ୧୮୨୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଛନ୍ତି ।କୌଣସି କାରଣ ୧୦୦ଜଣ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ର ଉପସ୍ଥିତ ନ ଥିବା ବେଳେ ପରୀକ୍ଷା କେନ୍ଦ୍ର କୁ ଛାତ୍ରଛାତ୍ରୀ ପ୍ରବେଶ କରିବା ସମୟ ରେ ଫାଟକ ସମ୍ମୁଖରେ ରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ଵାରା କପି ଯାଞ୍ଚ କରି ପରୀକ୍ଷା କେନ୍ଦ୍ର ଛଡା ଯାଇ ଥିବା ସହ ଶାନ୍ତି ଶୃଙ୍ଖଳା କୁ ଆଖି ଆଗରେ ରଖି ପୋଲିସ ମୂତୟନ କରାଯାଇ ଥିବା ପାଟଣା ଶିକ୍ଷା ମଣ୍ଡଳ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ ସୂଚନା ଦେଇ ଛନ୍ତି ।

## ହିନ୍ଦୋଳ ବିଜେଡିର ନୂତନ କାର୍ଯ୍ୟକର୍ତା ଚୟନ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ର୍ନିବାଚନମଣ୍ଡଳୀ ବିଜୁ ଜନତା ଦଳର ନୂତନ କାର୍ଯ୍ୟକର୍ତା ଘୋଷଣା ହୋଇଯାଇଛି । ରାଜ୍ୟ ବିଜେଡି ମୁଖିଆ ବିରୋଧୀ ଦଳନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ହିନ୍ଦୋଳ ଏନଏସି ବିଜେଡି ନଗରସଭାପତି ଭାବରେ ବରିଷ୍ଠ ବିଜେଡି ନେତା, ଦୁଇଥରର ର୍ନିବାଚିତ କାଉନସିଲର,ସୁସଂଗଠକ ପ୍ରଦ୍ୟୁମ୍ନ କୁମାର ବେହେରା (ଦିଲୀପ),ବ୍ଲକ ସଭାପତି ଭାବରେ ପୂର୍ବତନ ରାଜ୍ୟ ଯୁବବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ,ଓଡାପଡା ବ୍ଲକସଭାପତି ଭାବରେ ସରପ□ ଜଟ୍ଟୀ ନାଏକ ଦଳପକ୍ଷରୁ ଘୋଷଣା କରାଯାଇଛି । ସେହିପରି ରାଜ୍ୟମହିଳା ସମ୍ପାଦକ ଭାବରେ ମମତା ସାହୁ,ଜିଲ୍ଲା ଉପସଭାପତି ଜିଲ୍ଲାପରିଷଦ ମମତାଞ୍ଜଳି ବେହେରା,ଜିଲ୍ଲାସମ୍ପାଦକ ହିନ୍ଦୋଳ ବ୍ଲକଅଧକ୍ଷା ସସ୍ମିତାରାଣୀ ନାୟକ,ଓଡାପଡା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ପୂର୍ବତନ କାଉନସିଲର ରମେଶ ସାହୁ,ବିଜେଡିନେତା ପ୍ରଶାନ୍ତ ଦାସ,ଚକ୍ରଧର ଦାସ ପ୍ରମୁଖ ମନୋନୀତ ହୋଇଛନ୍ତିୟ ହିନ୍ଦୋଳ ର୍ନିବାଚନମଣ୍ଡଳୀ ନେତା,ବିଧାୟକପ୍ରାର୍ଥୀ ପୂର୍ବତନ ସାଂସଦ ଶ୍ରୀ ମହେଶ ସାହୁଙ୍କ ସୁପାରିଶକ୍ରମେ ଓ ଜିଲ୍ଲା ସଭାପତି ଡ଼ଃ ନୃସିଂହ ସାହୁଙ୍କ ସମ୍ମତିକ୍ରମେ ନବୀନ ବାବୁ ଏସମସ୍ତ ବିଜେଡି ନେତାମାନଙ୍କୁ ଅନୁମୋଦନ କରିଥିବାରୁ ସମସ୍ତ କାର୍ଯ୍ୟକାର୍ଯ୍ୟକର୍ତା ଦଳ ରାଜ୍ୟସଭାପତି, ଜିଲ୍ଲାସଭାପତି ଓ ହିନ୍ଦୋଳ ର୍ନିବାଚନମଣ୍ଡଳୀ ନେତା ମହେଶ ସାହୁଙ୍କୁ ଓ ଦଳର ରାଜ୍ୟ, ଜିଲ୍ଲା ସ୍ତରୀୟ ବରିଷ୍ଠ ନେତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।ଦଳକୁ ଆଗାମୀ ଦିନରେ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବାସହ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ଅଧିକ କାର୍ଯ୍ୟ କରିବାସହ ଜନସାଧାରଣଙ୍କ ହକପାଇଁ ଲଢେଇ ଜାରିରଖିବେ ବୋଲି ନବର୍ନିବାଚିତ କାର୍ଯ୍ୟକର୍ତା ମାନେ କହିଥିବାବେଳେ କୋଣ ଅନୁକୋଣରୁ ସମସ୍ତଙ୍କୁ ଶୁଭେଚ୍ଛାର ବାର୍ତା ଛୁଟିଛି ।

## ସରକାରୀ ଟଙ୍କା ସରିବା ପରେ ହତାଶ କର୍କଟ ରୋଗୀ



ହାଟଡିହି ଅଭାବୀ ମଣିଷ କୁ ଭଗବାନ ଦିଅନ୍ତି ଅନେକ ଦୁଃଖୟ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ହାଟଡିହି ବ୍ଲକ କପୁଣ୍ଡି ଗାଁ ରେ । ସୂଚନା ଅନୁଯାୟୀ କପୁଣ୍ଡି ଗାଁ ର କୁନି ଯେନା ବୟସ ( ୫୪)ଗତ ଛଅ ମାସ ହେଲା ଦୁରାରୋଗ୍ୟ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ସରକାରୀ ଯୋଜନା ରେ ପାଞ୍ଚ ଲକ୍ଷ ଟଙ୍କା ସରିବା ପରେ ଏବେ ଜମି ସୁନା ଗହଣା ଯାହା କିଛି ଥିଲା ତାହା ବିକ୍ରି କରି ଚିକିତ୍ସିତ କରୁଛନ୍ତି । କିନ୍ତୁ ଡାକ୍ତରଙ୍କ କହିବା ଅନୁଯାୟୀ ଆହୁରି ଚାରି ରୁ ପାଞ୍ଚ ଲକ୍ଷ୍ୟ ଟଙ୍କା ଦରକାର । ହେଲେ ଘରର ରୋଜଗାରିଆ ଏକମାତ୍ର ପୁଅ ବଳରାମ ( ୨୮)ଏକ ମାସ ପୂର୍ବରୁ ଅପରେସନ ହୋଇ ଘରେ ପଡ଼ି ରହିଥିବା ବେଳେ ସ୍ତ୍ରୀ ସମସ୍ତଙ୍କୁ ସହୋଜଗ କରିବାକୁ ନିବେଦନ କରୁଛନ୍ତି । ସମସ୍ତେ ଯଦି ଦଶ ଟଙ୍କା ଲେଖାଏଁ ସହାୟତା କରନ୍ତି ତାଙ୍କ ସ୍ଵାମୀ ଭଲ ହୋଇଯିବେ ବୋଲି ସେ ନିବେଦନ କରିଛନ୍ତି । ଯାହାଙ୍କ ଫୋନ ପେ ନମ୍ବର (୯୦୪୦୫୧୫୦୭୧) ଏଥିରେ ଉଲ୍ଲେଖ ରହିଛି ।

# କେନ୍ଦୁଝରରେ ଏଫ୍‌ଇଏସ୍ ପକ୍ଷରୁ ପକ୍ଷୀ ଗଣନା ଅଭିଯାନ




ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ରେପ୍ରକୃତି ସୁରକ୍ଷା ଓ ଜୈବ ବିବିଧତା ପ୍ରତି ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଫାଉଣ୍ଡେସନ ଫର୍ ଇକୋଲଜିକାଲ୍ ସିକ୍ୟୁରିଟି ପକ୍ଷରୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଫେବୃଆରୀ ତା ୧୩ ରୁ ୧୬ରିଖ ପର୍ଯ୍ୟନ୍ତ ସଠିକ୍ ପଛୁଆ ପକ୍ଷୀ ଗଣନା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇ ଥିଲା ।ଏହି ଆନ୍ତର୍ଜାତୀୟ ପକ୍ଷୀ ଗଣନା ଅଭିଯାନ ଗ୍ରାମବାସୀ,ଯୁବମଣ୍ଡଳ, ମହିଳା ସଭା ସଦସ୍ୟ ଓ ଗ୍ରାମ ସଂସ୍ଥାର ପ୍ରତିନିଧି ମାନେ ସକ୍ରିୟ ଭାଗ ନେଇ ଥିଲେୟ ଗ୍ରାମର ଜଙ୍ଗଲ ଅଞ୍ଚଳ,ଚାଷ ଜମି,ଚରଣ ଭୂମି, ଜଳାଶୟ ଓ ସାଧାରଣ ଜମି ଅଞ୍ଚଳରେ ସକାଳ ସମୟରେ ପକ୍ଷୀ ପର୍ଯ୍ୟବେକ୍ଷଣ କରାଯାଇ ଥିଲା । ଅଂଶ କାରୀ ମାନଙ୍କୁ ପକ୍ଷୀ ଚିହ୍ନଟ, ସେମାନଙ୍କ ସଂଖ୍ୟା ଲେଖିବା ସହ ଇ-ବାର୍ଡ ମାଧ୍ୟମରେ ତଥ୍ୟ ସଂଗ୍ରହ କରି ଅପଲୋଡ୍ କରିବା ବିଷୟରେ ପ୍ରଶିକ୍ଷଣ ଦିଆଯାଇ ଥିଲାୟପକ୍ଷୀ ଗଣନା ସମୟରେ ସାଧାରଣତଃ ଭାରତୀୟ ମଇନା, ବୁଲବୁଲ୍,କଳା ଡ୍ରୋଙ୍ଗୋ,ଧେତା ବକ୍ ଓ ଜଳାଶୟ ନିକଟରେ ଥିବା କିଛି ଜଳଚର ପକ୍ଷୀ ଦେଖିବାକୁ ମିଳିଥିଲାୟ ସ୍ଥାନୀୟ ଲୋକମାନେ ପକ୍ଷୀ ମାନଙ୍କ ଋତୁ ଅନୁସାରେ ଆଗମନ ଓ ପରିବେଶ କୁ ସେମାନଙ୍କ ଭୂମିକା ବିଷୟରେ ନିଜ ଅନୁଭବ ମଧ ବାଣ୍ଟି ଥିଲେ । ଏହା ଫାଉଣ୍ଡେସନ୍ ଫର୍ ଇକୋଲଜିକାଲ୍ ସିକ୍ୟୁରିଟି ପକ୍ଷରୁ ଅଂଶ ଅଂଶ ଗ୍ରହଣ କାରୀ ମାନଙ୍କୁ ପକ୍ଷୀ ମାନଙ୍କ ପରିବେଶ ଗୁରୁତ୍ଵ ଯଥା ପୋକ ନିୟନ୍ତ୍ରଣ,ପରାଗ ସଞ୍ଚାର ଓ ଜିଆ ପ୍ରସାରଣ ରେ ସେମାନଙ୍କ ଭୂମିକା ବିଷୟରେ ଜଣାଯାଇ ଥିଲା । ସେହିସହିତ ସମୁଦାୟ ଦ୍ଵାରା ଜଙ୍ଗଲ, ଜଳାଶୟ ଓ ସାଧାରଣ ଭୂମି ସୁରକ୍ଷା କରାଯାଇଲେ ପକ୍ଷୀମାନଙ୍କ ପାଇଁ ଉପଯୁକ୍ତ ବାସସ୍ଥାନ ସୃଷ୍ଟି ହେଉଥିବାକୁ ଉଲ୍ଲେଖ କରାଯାଇଥିଲା ।ସଠିକ୍ ପଛୁଆ ପକ୍ଷୀ ଗଣନା ଏକ ବିଶ୍ୱସ୍ତରୀୟ ନାଗରିକ ବିଜ୍ଞାନ ଅଭିଯାନ,ଯାହା ପ୍ରତିବର୍ଷ ଫେବୃଆରୀ ମାସରେ ଚାରି ଦିନ ଧରି ଆୟୋଜିତ ହୁଏ । ଏହା ମାଧ୍ୟମରେ ବିଶ୍ୱଭରରୁ ସଂଗୃହୀତ ତଥ୍ୟ ପକ୍ଷୀ ସଂଖ୍ୟା ଓ ସେମାନଙ୍କ ଆବାସସ୍ଥାନ ର ପରିବର୍ତ୍ତନ ବୁଝିବାରେ ବୈଜ୍ଞାନିକ ମାନଙ୍କୁ ସହଯୋଗ କରେକେନ୍ଦୁଝରରେ ଫାଉଣ୍ଡେସନ୍ ଫର୍ ଇକୋଲଜିକାଲ୍ ସିକ୍ୟୁରିଟି ଦ୍ଵାରା ପଦକ୍ଷେପ ଗ୍ରାମୀଣ ଅଞ୍ଚଳରେ ଜୈବ ବିବିଧତା ପ୍ରତି ସଚେତନତା ବଢ଼ାଇବା ସହ ସମୁଦାୟ ଆଧାରିତ ପ୍ରାକୃତିକ ସମ୍ପଦ ପରିଚାଳନାର ଗୁରୁତ୍ୱକୁ ଆହୁରି ମଜବୁତ କରିଛି ।

## ୩ ପରୀକ୍ଷା କେନ୍ଦ୍ରରେ ୪୨୦ ପରୀକ୍ଷାର୍ଥୀ ଦେଲେ ପରୀକ୍ଷା ପ୍ରଥମ ଦିନରେ ୫ ଛାତ୍ରଛାତ୍ରୀ ଅନୁପସ୍ଥିତ

ଗଣିଆ,(ମହାଭାରତ): ମାଧମିକ ଶିକ୍ଷା ପରିଷଦ ତରଫରୁ ଗୁରୁବାର ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଯାଇଛି । ପ୍ରଥମ ଦିନରେ ଗଣିଆ ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ୪୨୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି । ତେବେ ୩ଟି ଯାକ ପରୀକ୍ଷା କେନ୍ଦ୍ରରେ ସମସ୍ତ ପରୀକ୍ଷାର୍ଥୀ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଦେଇଥିଲେ । ବ୍ଲକର ଗଣିଆସ୍ଥିତ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୩୯ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାପାଇଁ ଆବେଦନ କରିଥିଲେ । ସେଥିମଧ୍ୟରୁ ପରୀକ୍ଷାର ପ୍ରଥମ ଦିବସରେ ୧୩୬ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ ୩ଜଣ ଅନୁପସ୍ଥିତ ଥିଲେ । ଅନ୍ୟ ଏକ ପରୀକ୍ଷାକେନ୍ଦ୍ର ଆଡକଟାସ୍ଥିତ ପଦ୍ମନାଭ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବା ପାଇଁ ୧୭୩ଜଣ ଆବେଦନ କରିଥିବା ବେଳେ ୧୭୨ଜଣ ପରୀକ୍ଷାଦେଇଥିଲେ ୧ଜଣ ଅନୁପସ୍ଥିତ ଥିଲେ । ସେହିପରି ଚଳିତ ବର୍ଷ ରାସଙ୍ଗସ୍ଥିତ ରାମଚନ୍ଦ୍ର ପ୍ରାଣବନ୍ଧୁ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବା ପାଇଁ ୧୧୩ଜଣ ଆବେଦନ କରିଥିବା ବେଳେ ୧୧୨ଜଣ ପରୀକ୍ଷା ଦେଇଥିଲେ ଓ ୧ଜଣ ଅନୁପସ୍ଥିତ ଥିବା ଜଣାପଡିଛି । ତେବେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବା ପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସି କ୍ୟାମେରା ସହ କଡା ସୁରକ୍ଷା ବଳୟ ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାସ୍ତରୀୟ ପରୀକ୍ଷା କେନ୍ଦ୍ର ପରିଦର୍ଶକ ଭାବେ ଗଣିଆ ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଂଜନ ପାଣ୍ଡେ ଓ ସାଇନ୍ସ ସୁପରଭାଇଜର ଶରତ କୁମାର ସାହୁ ବ୍ଲକର ୩ଟିଯାକ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦିନୀ ପଣ୍ଡା, ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ଅତିରିକ୍ତ ଶିକ୍ଷା ଅଧିକାରୀ ନିରୁପମା ମହାପାତ୍ର ଓ ପଦ୍ମନାଭ ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ବେହେରା ପରୀକ୍ଷା ସୁପରିଟେଣ୍ଡେଂଟ ଦାୟିତ୍ୱ ତୁଲାଇଥିଲେ । ୩ଗୋଟି ପରୀକ୍ଷା କେନ୍ଦ୍ରରେ କୌଣସି ପ୍ରକାର ଅସୁବିଧା ନଘଟିବାପାଇଁ ଗଣିଆ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ବୋଲି ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଏଏସଆଇ ସାହା ଆଲାମ ଖାଁ ସୁଚନା ଦେଇଛନ୍ତି ।

## ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଧାରଣାଦେଲେ ଚାକିରୀ ଆଶାୟୀ



କେନ୍ଦୁଝର,(ମହାଭାରତ) :ନିଯୁକ୍ତି ପ୍ରଦାନ ନେଇ କେନ୍ଦୁଝର ଜିଲା ମୁଖ୍ୟ କୃଷି ଅଧିକାରୀ ଙ୍କୁ ଦାବିପତ୍ର ଦେବାର ୧୩ଦିନ ମଧ୍ୟରେ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଗୁରୁବାର ଚାକିରୀ ଆଶାୟୀ ପ୍ରାର୍ଥିମାନେ କୃଷି ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନସନ ଧାରଣାରେ ବସିଛନ୍ତି ।ଓଡିଶା ଉଚ୍ଚ ନ୍ୟାୟାଳୟ ଦେଇଥା ଆଦେଶକୁ ସଠିକ୍ ଭାବେ ପୁଣି ବିଚାର କରି ଗ୍ରାମ୍ୟ କୃଷି କର୍ମଚାରୀ ପଦବୀରେ ନିଯୁକ୍ତି ପାଇଁ ବିଭାଗୀୟ ସଚିବ ଓ ନିର୍ଦ୍ଦେଶ ଙ୍କ ସହ ପରାମର୍ଶ କରି ୭ଦିନ ମଧ୍ୟରେ ନିଯୁକ୍ତି ବରାନ୍ୱିତ କରାଯିାକୁ ଏମାନେ ଗତ ୬ରେ ଦାବିପତ୍ର ଦେଇ ପଦକ୍ଷେପ ନିଆଯିବାକୁ ଅବଗତ କରିଥିଲେ ।ତେବେ ଇତିମଧ୍ୟରେ କୌଣସି ସମାଧାନ କରା ନଥିବାରୁ ଚାକିରୀ ଆଶାୟୀ ପ୍ରାର୍ଥୀ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇ ସହ ଧାରଣାତ୍ମକ ପନ୍ଥା ଗ୍ରହଣ କରିଛନ୍ତି ।ବେଣୁଧର ସା ଙ୍କ ସମେତ ଅନ୍ୟମାନେ ଧାରଣାରେ ବସିଛନ୍ତି ।ଅଭିଯୋଗ ଅନୁସାରେ ୨୦୦୮ ମସିହାରେ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀରେ ନିଯୁକ୍ତି ନିମନ୍ତେ କେନ୍ଦୁଝର ଜିଲାରେ ୩୬ ଗୋଟି ପଦବୀ ବାହାରି ଥିଲା, କିନ୍ତୁ ଏଥିରେ ନିଜ ଜିଲାର ପ୍ରାର୍ଥୀ ଓ ପ୍ରାର୍ଥୀନିମାନଙ୍କୁ ନିଯୁକ୍ତି ନଦେଇ ନୀତି ନିୟମକୁ ଉଲ୍ଲଂଘନ କରି ଅନ୍ୟ ଜିଲାର ପ୍ରାର୍ଥୀ ମାନଙ୍କୁ ନିଯୁକ୍ତି ଦିଆଯାଇଥିଲା । ତେଣୁ ଏହାକୁ ବିରୋଧ କରି କେନ୍ଦୁଝର ଜିଲାର ୪ ଜଣ ପ୍ରାର୍ଥୀ ନିଳାମ୍ବର ପରିଡା, ବେଣୁଧର ସା, ସଂନ୍ଧ୍ୟାରାଣୀ ସେଠୀ ଓ ମନମୋହନ ସାହୁ ଓଡିଶା ହାଇକୋର୍ଟରେ ଆଶ୍ରୟ ନେଇଥିଲ । ହାଇକୋର୍ଟ ଶୁଣାଣି କରି ଗତ ୨୪.୦୯.୨୦୨୪ ରେ ତାଙ୍କ ନିର୍ଦ୍ଦେଶନାମାରେ ଦର୍ଶାଇଥିଲେ ଯେ ଯଦି କେନ୍ଦୁଝର ଜିଲାରେ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀ ଖାଲି ଅଛିୟ ଏଥିରେ ଏହି ୪ ଜଣ ପ୍ରାର୍ଥୀଙ୍କୁ ବିଚାର କରି ନିଯୁକ୍ତି ଦେବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ । ପରେ ଫାଇଲଟି କୃଷି ଭବନରୁ ଆଇନ ବିଭାଗ କୁ ଅନୁମୋଦନ ପାଇଁ ଯାଇଥିଲା । ଆଇନ ବିଭାଗ ଓ ଆଇନ ମନ୍ତ୍ରୀ ଉକ୍ତ ଫାଇଲଟିକୁ ଅନୁମୋଦନ କରି ଗତ ତା- ୨୨. ୦୭. ୨୦୨୫ ସଚିବ ଓ ଜିଲା ଅଧିକାରୀ ଙ୍କୁ ଦେଇଥିଲେ । ପୁନର୍ବାର ସଚିବ ଉକ୍ତ ଫାଇଲଟିକୁ କିଛି ଆବଶ୍ୟକ ନଥିଲା ବେଳେ ଆଡଭୋକେଟ ଜେନେରାଲ ପାଖକୁ ମତାମତ ଲାଗି ଅଗଷ୍ଟ ୨୦ ରୁ ପଠାଇଥିଲେ କିନ୍ତୁ ଦୁଃଖର ବିଷୟ ଆଡଭୋକେଟ ଜେନେରାଲ କୋର୍ଟ ଏବଂ ଆଇନ ବିଭାଗ ଯେଉଁ ନିର୍ଦ୍ଦେଶ ଦେଇଥିଲେ। ସେହି ଆଦେଶକୁ ଆଡଭୋକେଟ ଜେନେରାଲ ଅନୁସରଣ ନକରି ଅନଭିଜ୍ଞ ଏବଂ ବାଚଳାମି ଭାବରେ ମନ୍ଦ ଉଦ୍ଦେଶ୍ୟ ରଖି ନକରାତ୍ମକ ମତ ଦେଇ ଥିବା ନେଇ ଅଭିଯୋଗ କରିଛନ୍ତି । ଆଡଭୋକେଟ ଜେନେରାଲଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନଥିଲା । ତେଣୁ ଆଦେଶକୁ ଭଲ ଭାବେ ତର୍ଜମା କରି ଆମଙ୍କୁ ୭ ଦିନ ଭିତରେ ନିଯୁକ୍ତି ଦେବା ଲାଗି ବିଭାଗୀୟ ସଚିବ ଅବଂ ନିର୍ଦ୍ଦେଶଙ୍କ ସହ ଆଲୋଚନା କରି ନିଯୁକ୍ତି ପାଇଁ ତ୍ଵରିତ ପଦକ୍ଷେପ ନ ନେଲେଆତ୍ମହତ୍ୟା କରିବାପରି ପଦକ୍ଷେପ ନେବାକୁ ବାଧ୍ୟ ହେବେ ବୋଲି ଚରମ ବାଣୀ ଶୁଣାଇଛନ୍ତି ଅଭିଯୋଗକାରୀ । ଏ ବାବଦ ରେ ଜିଲା ମୁଖ୍ୟ କୃଷି ଅଧକାରୀ ଙ୍କୁ ପଚାରିବାରୁ ସେ ଉପରସ୍ଥ ଅଧିକାରୀଙ୍କୁ ଜଣାଇବା ସହ ତାଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

## ବହୁମୁଖି ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



କେନ୍ଦୁଝର,(ମହାଭାରତ): ଏଲ-୨ ଏଲ୍-୧ ପଦୋଉତି ଦାବିରେ ବହୁମୁଖି ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି ।ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଜନହୀତ କାରୀ ସ୍ୱାସ୍ଥ୍ୟ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହିତ ସମୟନୁଯାୟୀ ପ୍ରଚଳନ କରାଯାଉଥିବା ସ୍ୱାସ୍ଥ୍ୟ ଯୋଜନାକୁ ଗୁରୁବ ଦେଉଛନ୍ତି । ସରକାରଙ୍କ ଦ୍ଵାରା କ୍ୟାଡର ପୁର୍ନଂଗଠନ ଅନୁମୋଦନ କଳାପରେ ତଥା ସରକାର ଙ୍କ ପତ୍ର ସଂଖ୍ୟା (୩୫୪୫୫)୧୯.୧୨.୨୪ ରେ ଏଲ-୨ ଏଲ୍-୧ ପଦୋଉତ ଦେବାକୁ ନିର୍ଦ୍ଦେଶନାମା ଜାରି କରାସରିଛି । ଏପରିକି ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କ କାର୍ଯ୍ୟାଳୟ ଦ୍ଵାରା ପ୍ରଭେଜନାଲ ଗ୍ରାଡେସନ ଲିଷ୍ଟ ପ୍ରସ୍ତୁତ ହୋଇଛି । ତାହା ଡିଏଚ୍ ଏସ୍ (ଓ) ଙ୍କ ପତ୍ର ସଂଖ୍ୟା ୫୦୮ ୨୦.୦୧.୨୫ ଏବଂ ଡିଏଚ୍ (ଓ) ଙ୍କ ପତ୍ର ସଂଖ୍ୟା ୧୮୨୫ ୨୮.୦୩.୨୫ ରେ ଅନୁମୋଦନ ଲାଭ କରି ଜିଲ୍ଲା କାର୍ଯ୍ୟାଳୟ ଦ୍ଵାରା ପର୍ଯ୍ୟାୟ କ୍ରମେ ପ୍ରଭିଜନାଲ ଏବଂ ଫାଇନାଲ ଗ୍ରାଡେସନ ଲିଷ୍ଟ ପ୍ରକାଶ ପାଇବା ପରେ ୨୯.୦୫.୨୫ ରେ ଫାଇନାଲ ଗ୍ରାଡେସନ ଲିଷ୍ଟ ଜିଲ୍ଲା ସ୍ତରରେ ଅନୁମୋଦନ କରାଯାଇଥିଲା ।ଏହାକୁ କୋର୍ଟର ଦ୍ଵାରସ୍ଥ ହୋଇଥିଲେ ହେଁ ଜୁନିଅର ମହିଳା କର୍ମୀମାନେ କୋର୍ଟରେ ମାମାଲା ଥାରୁ ପଦଉତି ପ୍ରକ୍ରିୟା ର୍ଦିଘ ୧ବର୍ଷ ହେବ ସ୍ଥଗିତ ହୋଉ ରହିଥିଲା ।ତେବେ ଗତ ଜାନୁଆରୀ ୨୮ରେ କୋର୍ଟର ଶୁଣାଣି ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସପକ୍ଷରେ ଯାଇଥିଲା ।କୋର୍ଟର ଅର୍ଡର ପାଇବା ପରେ ମଧ ସିଡିଏମ୍ ଅଫିସ୍ କୁ ଜଣାଇ ଓ ବାରମ୍ବାର ସିପିସି ବସିବା ସମ୍ବନ୍ଧରେ ଆଲୋଚନା ଚାଲିଛି ।ଏହି ସମସ୍ୟା ବରାଉିତ କରାଯିବାକୁ କହି ଦିନ ଗଡାଉଥିବା ଅଭିଯୋଗ ହୋଇଛି ।ଇତିମଧ୍ୟରେ ବହୁ ମହିଳା ସ୍ୱାସ୍ଥ୍ୟକର୍ମୀ ମାନେ ଅବସର ନେଇ ସାରିଛନ୍ତି ।ଫେବୃଆରୀ ମାସରେ ଏକାଧିକ କର୍ମୀ ଅବସର ନେବାକୁଥିବା ଜଣାପଡିଛି ।ଏଣୁ ଯଦି ସୋମବାର ସୁଧା ଡିପିସି ବସାଇ ସେମାନଙ୍କୁ ପଦଉତି ଦିଆନଯାଏ ତେବେ ଆସନ୍ତା ୨୪ ରୁ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତି ନେଇଥିବା ନେଇ ଅତିରିକ୍ତ ଜିଲାପାଳ ଶ୍ରୀ ମନ୍ଦର ଧର ମହାଳିକଙ୍କୁ ତାଙ୍କର ଦାବିପତ୍ର ପ୍ରଦାନ କରିଛନ୍ତି । ଓଡିଶା ବହୁମୁଖି ମହିଳା ସ୍ୱାସ୍ଥ୍ୟକର୍ମୀ କେନ୍ଦୁଝର ସଂଘର ସଭାପତି ବିଦ୍ୟୁ ଲତା ଲଲ୍ଲିକ, ସଂମ୍ପାଦକ କୁନ୍ତଳା ମହାନ୍ତ ସରସ୍ୱତୀ ସାହୁଙ୍କ ସମେତ ଅନ୍ୟମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ଦୋ ସହ ଏହାର ନକଲ ମୁଖ୍ୟମନ୍ତ୍ରୀ, ଭୁବନେଶ୍ଵର ଡିଏଫ୍ ଡବ୍ଲୁ ଓ ହେଲଥ ସେକ୍ରାଟାରୀଙ୍କୁ ପ୍ରଦାନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା -୨୦୨୬ ଉଦଘାଟିତ



ଗଜପତି(ମହାଭାରତ): ଆଜି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ ଠାରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦଘାଟିତ ହୋଯାଇଛ । ଉକ୍ତ ମେଳାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ମେଳରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମାନ୍ୟବର ବିଧାୟକ ମୋହନା ଶ୍ରୀଯୁକ୍ତ ଦାଶରଥି ଗମାଙ୍ଗ, ଜିଲ୍ଲାପରିଷଦ ଅଧକ୍ଷ ଶ୍ରୀଯୁକ୍ତ ଜି.ତିରୁପତି ରାଓ, ପୌରପରିଷଦ ପାରଳାଖେମୁଣ୍ଡି ଅଧକ୍ଷା ଶ୍ରୀମତୀ ର୍ନିମଳା ସେଠୀ,କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଶ୍ରୀମତୀ ଏମ. ସୁଧାରାଣୀ , ସାଂସଦ ପ୍ରତିନିଧି ଶ୍ରୀ ଡି.ରାଜେଶ କୁମାର, ଆରକ୍ଷୀ ଅଧିକ୍ଷକ ଗଜପତି ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ମନୋରମା ଦେବୀ, ଡିପିଏମ, ଓଏଲଏମ ମିଶନ ଶକ୍ତି । ଟିମନ ବାରା ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ ମେଳକୁ ଉଦ୍ଘାଟନ କରିବା ସହ ସମସ୍ତ ଅତିଥି ଗଣ ନିଜ ନିଜ ବକ୍ତବ୍ୟରେ କହିଥିଲେ, ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ , ନାରୀମାନେ ଆଜି ପ୍ରତ୍ୟେକ କ୍ଷେତ୍ରରେ ନିଜ ସାମର୍ଥ୍ୟ , ସୃଜନଶୀଳତା ଓ ଉଦ୍ୟୋଗୀତାର ପରିଚୟ ଦେଉଛନ୍ତି । ଶକ୍ତିକୁ ସମ୍ମାନ ଜଣାଇ ସୁଭଦ୍ରା ମା'ମାନଙ୍କ ଅନ୍ତର୍ନିହିତ ଶକ୍ତିର ଜାଗରଣ ପାଇଁ ମିଶନ ଶକ୍ତି ବିଭାଗ ପକ୍ଷରୁ ଜିଲ୍ଲାରେ ଆୟୋଜନ କରୁଛି ସୁଭଦ୍ରା ଶକ୍ତି ମେଳା । 'ସୁଭଦ୍ରା ଶକ୍ତି ମେଳା' ଓଡ଼ିଶାର ମା'ଭଉଣୀମାନଙ୍କ ରହିଥିବା ପ୍ରତିଭା, ଦକ୍ଷତା ଓ ଉଦ୍ୟମର ଦିଗଦର୍ଶନୟ ପ୍ରତ୍ୟେକ ମହିଳା କିଭଳି ଜଣେ ଦକ୍ଷ ଉଦ୍ୟୋଗୀ ହୋଇ ଆର୍ଥିକ ସ୍ୱତନ୍ତ୍ରତା ହାସଲ କରି ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ ହେବେ , ସରକାର ସେଥିପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ଆଜି ୧୮ ତାରିଖ ଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଏହି ସୁଭଦ୍ରା ଶକ୍ତି ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ମେଳାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ୧୦୦ରୁ ଉର୍ଦ୍ଧ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ କରିବେୟ ଏହି ମେଳାରେ ୧୫୦ ରୁ ଉର୍ଦ୍ଧ ଷ୍ଟୋଲ୍ ଖୋଲାଯାଇ ଗଜପତି ଜିଲ୍ଲା ସମେତ ସମ୍ବଲପୁରି ବାନ୍ଧକଳା , ସମ୍ବଲପୁରି ପାରମ୍ପରିକ ଅଳଙ୍କାର , ହସ୍ତଶିଳ୍ପ - ବାଉଁଶ ଓ କାଠ କାରିଗରି , ଟେରାକୋଟା , ମିଲେଟ୍ , କଳାଜିରା ଚାଉଳ , ରସତଲା ମିଠା, କୋଶଳ ସାବୁନ, ସ୍ଥାନୀୟ ମହିଳା ପ୍ରସ୍ତୁତ କରିଥିବା ଅଗରବତୀ, ଆୟୁର୍ବେଦିକ ମେଡିସିନ୍ ଆଦି ବିଶେଷ ଦ୍ରବ୍ୟ ବିକ୍ରି କରାଯିବା ସହ ବିଭିନ୍ତ ଜିନିଷର ପ୍ରସ୍ତୁତି ଠାରୁ ଆରମ୍ଭ କରି ପେକେଜିଂ ପ୍ରକ୍ରିୟା ଲାଇଭ୍ ଡେମୋ ପ୍ରଦର୍ଶନ କରାଯିବ । ଏହି ମେଳା କେବଳ କ୍ରୟ ବିକ୍ରୟ'ର ମଞ୍ଚ□ ନୁହେଁ , ବରଂ ମା , ଭଉଣୀ ମାନଙ୍କର ଆତ୍ମବିଶ୍ୱାସ , ସଫଳତା ଓ ସାମାଜିକ ସଶକ୍ତିକରଣର ଏକ ଉଜ୍ଜ୍ୱଳ ପ୍ରତୀକୟ ଏହି ମେଳାରେ ବିବିଧ ହସ୍ତତନ୍ତ , ହସ୍ତଶିଳ୍ପ , ଖାଦ୍ୟ ଓ ଅଣ କାଷ୍ଠ ଜଙ୍ଗଲ ଉତ୍ପାଦ ପ୍ରଦର୍ଶିତ ହୋଇଛି । ପରିଦର୍ଶକ ଅତିଥିମାନେ ଏଠାରେ ଲୁଗାପଟା , ଖାଦ୍ୟଶସ୍ୟ , ଗୃହ ସାଜସଜ୍ଜା ଓ ଘରକରଣା ଜିନିଷର ଅପୂର୍ବ ସମ୍ଭାର କିଣିପାରିବେ । ଏହା ମହିଳା ଉଦ୍ୟୋଗୀ ମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ , ଯେଉଁଠାରେ ସେମାନେ ନିଜର ଉତ୍ପାଦକୁ ବିଶାଳ ବଜାରରେ ପ୍ରଦର୍ଶନ କରି ନୂତନ ଗ୍ରାହକ ଓ ସମ୍ଭାବନାର ଦ୍ଵାର ଖୋଲିବେ । ଦୀର୍ଘ ୭ ଦିନର ଧରି ଚାଲିବାକୁ ଥିବା ଏହି ମେଳାରେ ଦର୍ଶକମାନଙ୍କୁ ମନୋରଞ୍ଜନ କରିବା ପାଇଁ ପ୍ରତିଦିନ ସନ୍ଧ୍ୟାରେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଯେଉଁଥିରେ ଦେଖିବାକୁ ମିଳିବ ସ୍ଥାନୀୟ ଲୋକ ନୃତ୍ୟ ସହ ଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ଅଙ୍କିତ ରାଜ , ଅର୍ଚ୍ଚନା ପାୀ , ରୁକୁ ସୁନା , ଆଶିଷ କୁମାର , ବର୍ଣ୍ଣାଳୀ ହୋତା ଏବଂ ଶାଶ୍ୱତ ତ୍ରିପାଠୀଙ୍କ ସଙ୍ଗୀତ ପରିବେଷଣରେ କରିବେ ୟ ଏତଦ ବ୍ୟତୀତ ପ୍ରଥମଥର ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ଵାରା ପ୍ରସ୍ତୁତ ହସ୍ତତନ୍ତ ଓ ପୋଷାକର ଫ୍ୟାଶନ୍ ସୋ ଆୟୋଜିତ ହେବା ।

## ତାରିକ ରହମାନ ପ୍ରଧାନମନ୍ତ୍ରୀ ହେବା ପରେ ଭାରତୀୟ ଏୟାରଲାଇନ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ, ଏୟାରସ୍ପେସ କଲା ବନ୍ଦ





ନୂଆଦିଲ୍ଲୀ : ବାଂଲାଦେଶର ପ୍ରଧାନମନ୍ତ୍ରୀ ହେବା ପରେ ଭାରତ ବିରୋଧୀ ପଦକ୍ଷେପ ଗ୍ରହଣ କଲେ ତାରିକ ରହମାନ୍ । ବକେୟା ଦେୟ ନଥିବାରୁ ବାଂଲାଦେଶ ଭାରତୀୟ ବଜେଟ୍ ବିମାନ କମ୍ପାନୀ ସ୍ପାଇସଜେଟକୁ ଏହାର ଏୟାରସ୍ପେସ ବ୍ୟବହାର କରିବାରୁ ବାରଣ କରିଛନ୍ତି । ଏବେ କୋଲକାତାରୁ ଗୌହାଟି ଏବଂ ଇମ୍ଫାଲକୁ ଯାଉଥିବା କିଛି ବିମାନ ଲମ୍ବା ରୁଟ୍ ନେବାକୁ ବାଧ ହେଉଛନ୍ତି । ଏହା ଉଡ଼ାଣ ସମୟ ଏବଂ ପରିଚାଳନା ଖର୍ଚ୍ଚ ବଢ଼ାଇଛି । ସ୍ପାଇସଜେଟର ମୁଖପାତ୍ର କହିଛନ୍ତି ଯେ, ବିମାନ କମ୍ପାନୀ ନାଭିଗେସନ ଫି ସମେତ ପରିଚାଳନାଗତ ସମସ୍ୟା ସମ୍ପର୍କରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ନିୟମିତ ଯୋଗାଯୋଗରେ ଅଛି । ସମାଧାନ ପାଇଁ ଗଠନମୂଳକ ଭାବରେ କାର୍ଯ୍ୟ କରାଯାଉଛି ଏବଂ ନିୟମ ଅନୁଯାୟୀ ସିଡ୍ୟୁଲ ବିମାନ ସେବା ଜାରି ରହିଛି । ସମସ୍ତ ବିମାନ ନିର୍ଦ୍ଧାରିତ ନିୟମ ଅନୁଯାୟୀ ପରିଚାଳିତ ହେଉଛି । ଯାତ୍ରୀମାନେ ପ୍ରଭାବିତ ହୋଇନାହାନ୍ତି । ଆକାଶ ମାର୍ଗ ବନ୍ଦ ହେବା ଯୋଗୁଁ, କିଛି ବିମାନକୁ ବିକଳ୍ପ ରାସ୍ତା ନେବାକୁ ପଡୁଛି । ତେବେ ସ୍ପାଇସଜେଟ୍ କେତେ ବକେୟା ପେ?ଠ କରିବ ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ ।

# ମାଗଣା ଯୋଜନା ନେଇ ତାମିଲନାଡୁ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ତୀବ୍ର ଭର୍ତ୍ସନା

ନୂଆଦିଲ୍ଲୀ: ନିର୍ବାଚନ ପୂର୍ବରୁ ରାଜ୍ୟ ରାଜକୋଷ ଉପରେ ଚାପ ପକାଉଥିବା ଭଳି ମାଗଣା ଯୋଜନା (ଫ୍ରିବିଜ୍) ଘୋଷଣା କରିବା ଓ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତରକୁ ନେଇ ବିଭିନ୍ନ ରାଜ୍ୟର ରାଜନୈତିକ ଦଳଗୁଡ଼ିକୁ ସୁପ୍ରିମକୋର୍ଟ ତୀବ୍ର ସମାଲୋଚନା କରିଛନ୍ତି । ସୁପ୍ରିମକୋର୍ଟ ଡିଏମକେ ସରକାର ନେତୃତ୍ୱାଧୀନ ତାମିଲନାଡୁ ପାୱାର ଡିଷ୍ଟ୍ରିବ୍ୟୁସନ୍ କର୍ପୋରେସନ ଲିମିଟେଡର ଏକ ଆବେଦନର ଶୁଣାଣି କରି ଦେଶରେ ନିର୍ବାଚନ ପୂର୍ବରୁ ମାଗଣା ଯୋଜନା ଓ ନଗଦ ହସ୍ତାନ୍ତର କରାଯିବାର ଟ୍ରେଣ୍ଡ ବଢ଼ିବାରେ ଲାଗିଛି ବୋଲି କହିଥିଲେ । ଏହା କୌଣସି ଗୋଟିଏ ରାଜ୍ୟରେ ସୀମିତ ନାହିଁ । ଏହାଦ୍ୱାରା ଦେଶର ଆର୍ଥିକ ବିକାଶରେ ବାଧା ସୃଷ୍ଟି ହେବ ଓ ଲୋକମାନେ କାମ



କରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ତାମିଲନାଡୁ ବିଦ୍ୟୁତ୍ ନିଗମ ଆବେଦନର ଶୁଣାଣି କରି କାହିଁକି ଶେଷ ମୁହୂର୍ତ୍ତରେ ଏକ ମାଗଣା ବିଦ୍ୟୁତ୍ ଯୋଜନା ଘୋଷଣା କରାଯାଇଥିଲା ବୋଲି ତାମିଲନାଡୁ ସରକାରଙ୍କୁ ପ୍ରଶ୍ନ କରିଥିଲେ । ଏହି ଯୋଜନା ଫଳରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ (ଡିସ୍କମ୍) ଶୁଳ୍କ ଏବଂ ବଜେଟ୍ ହିସାବକୁ ସଜାଡ଼ିବାକୁ ବାଧ ହୋଇଥିଲେ ବୋଲି ସୁପ୍ରିମକୋର୍ଟ କହିଥିଲେ । ଉପଭୋକ୍ତାଙ୍କ ଆର୍ଥିକ ସ୍ଥିତି ଉପରେ ଧ୍ୟାନ ନ ଦେଇ ସମସ୍ତଙ୍କୁ ମାଗଣା ବିଦ୍ୟୁତ ଦେବା ଘୋଷଣାକୁ ନେଇ କୋର୍ଟ ତୀବ୍ର ସମାଲୋଚନା କରିଥିଲେ । ମାଗଣା ସେବା ସଂସ୍କୃତିକୁ ସୁପ୍ରିମକୋର୍ଟ ତୀବ୍ର ସମାଲୋଚନା କରିଛନ୍ତି । ଖଣ୍ଡପୀଠ କହିଥିଲେ ଯେ, ଏହା ଅର୍ଥନୈତିକ ବିକାଶରେ ବାଧା ଦିଏ ଏବଂ ଏପରି ନୀତିଗୁଡ଼ିକୁ ପୁନଃବିଚାର କରିବାର ସମୟ ଆସିଛି । ଟିକସଦାତାଙ୍କ ବ୍ୟତୀତ ଅନ୍ୟ କିଏ ଏହି ଯୋଜନାର ବ୍ୟୟଭାର ଉଠାଉଛି କି ? ସରକାର ଏସବୁ ମାଗଣା ଯୋଜନା କରିବା ଅପେକ୍ଷା ରୋଜଗାର ସୃଷ୍ଟି ଉପରେ ଧ୍ୟାନ ଦେବା ଉଚିତ । ରାଜ୍ୟରେ ବିକାଶ ଉପରେ କମ୍ ଖର୍ଚ୍ଚ କରାଯାଉଛି ବୋଲି ପ୍ରଧାନ ବିଚାରପତି କହିଛନ୍ତି । ସରକାରଙ୍କ ଉପରେ ବହୁ ପରିମାଣର ଋଣ ଥିବା ସତ୍ତ୍ୱେ ଏହା ମାଗଣା ଯୋଜନା ଆଣିବାକୁ ନେଇ ପ୍ରଧାନ ବିଚାରପତି ଚିନ୍ତା ପ୍ରକାଶ କରିଛନ୍ତି । ନଗଦ ଟଙ୍କା ବାଣ୍ଟିବା ଏବଂ ମାଗଣା ସୁବିଧା ପ୍ରଦାନ ନେଇ ଆର୍ଥିକ ବୁଦ୍ଧିମତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଅନେକ ରାଜ୍ୟ ରାଜସ୍ୱ କ୍ଷତିର ସମ୍ମୁଖୀନ ହେଉଛି । କର୍ମଚାରୀଙ୍କ ଦରମା ଓ ମାଗଣା ଯୋଜନାର ବୋଝ ଏତେ ବଢ଼ିଗଲାଣି ଯେ, ରାଜ୍ୟର ବିକାଶ ପାଇଁ ପାଣ୍ଠିର ଅଭାବ ଦେଖାଗଲାଣି । ବର୍ଷକରେ ରାଜସ୍ୱର ୨୫ ପ୍ରତିଶତ ବିକାଶ କାର୍ଯ୍ୟରେ କାହିଁକି ନ ଲଗାଯିବ ବୋଲି କୋର୍ଟ ପ୍ରଶ୍ନ କରିଥଲେ ।

# କରାଚିରେ ବଡ଼ ବିସ୍ଫୋରଣ, ଅତିକମରେ ୧୬ ମୃତ

କରାଚି : ପାକିସ୍ତାନର କରାଚିରେ ବିସ୍ଫୋରଣ । କରାଚିର ସୋଲଜର୍ ବଜାର ଗୁଲ ରାଣା ଅଞ୍ଚଳର ଏକ ବାସଭବନରେ ଗ୍ୟାସ୍ ଲିକ୍ ହୋଇ ବଡ଼ ବିସ୍ଫୋରଣ ଘଟିଛି । ଏଥିରେ ଏକ ୩ମହଲା ବିଶିଷ୍ଟ କୋଠା ଭୁଶୁଡ଼ି ମହିଳା ଓ ଶିଶୁ ସମେତ ୧୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪ଜଣ ଆହତ ହୋଇଛନ୍ତି । ଆହତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି ।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ବାସଭବନର ପ୍ରଥମ ମହଲାରେ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ କରିଥିଲା ଏବଂ ସ୍ପାର୍କିଂ କାରଣରୁ ଘରେ ଅଚାନକ ନିଆଁ ବ୍ୟାପି ବଡ଼ ବିସ୍ଫୋରଣ ଘଟିଥିଲା । ପ୍ରଥମ ମହଲାରେ ବିସ୍ଫୋରଣ ଘଟିଥିବାରୁ କୋଠାଟିର ଅଧିକାଂଶ ଅଂଶ ଭୁଶୁଡ଼ି ପଡିଥିଲା । ଏଥିରେ ୭ଜଣ ଶିଶୁ, ୩ ମହିଳା ସମେତ ୧୬ଜଣଙ୍କର ମୃତ୍ୟୁ ହୋଇଛି । ଭଗ୍ନାବଶେଷ ତଳେ ଏବେ ବି ୨ଜଣ ଫସି ରହିଥିବା ଆଶଙ୍କା କରାଯାଉଛି । ତେବେ ସକାଳ ୪.୩୦ ମିନିଟରେ ବିସ୍ଫୋରଣ ହୋଇଥିଲା । ଉଦ୍ଧାର କାର୍ଯ୍ୟରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ ସେଥିପାଇଁ ପୋଲିସ ଅଞ୍ଚଳକୁ ଘେରାବନ୍ଦୀ କରିଛି ଏବଂ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି । କରାଚିରେ ନିକଟରେ ଏକ ବଡ ବିସ୍ଫୋରଣ ହୋଇଥିଲା । କରାଚି ସଦର ଅଞ୍ଚଳରେ ଥୋକ ଏବଂ ଖୁଦରା ବାଜାର, ଗୁଲ ସପିଂ ପ୍ଲାଜା ବେସମେଣ୍ଟରେ ନିଆଁ ଲାଗିଯାଇଥିଲା । ଏହି ଘଟଣାରେ ଅତିକମରେ ୭୯ ଲୋକଙ୍କ ଜୀବନ ଚାଲିଯାଇଥିଲା ।

# ଆଧୁନିକ ଶେ ?ଲୀରେ କେଶ ଅବା ଦାଢ଼ି କାଟିଲେ ବାରିକଙ୍କୁ ଜେଲ୍ ଦଣ୍ଡାଦେଶ: ତାଲିବାନୀ ଶାସକଙ୍କ ନୂଆ ଆଇନ

କାବୁଲ: ଆଫଗାନିସ୍ତାନ ଶାସକ ତାଲିବାନ କଠୋର ଇସଲାମିକ ନିୟମକୁ ଲାଗୁ କରୁଛି । ଏହାର ପାଳନ ନ କଲେ ମନମୁଖୀ ଦଣ୍ଡ ଦେଉଛି । ଏବେ, ତାଲିବାନ ପୁରୁଷମାନଙ୍କ ଦାଢ଼ିକୁ ଅତି ଛୋଟ କରୁଥିବା ବାରିକମାନଙ୍କ ଉପରେ ଦଣ୍ଡବିଧାନ କରିବାକୁ ଯାଉଛି । ଏପରି କରୁଥିବା ନାପିତମାନଙ୍କୁ ହାଜତକୁ ପଠାଯାଉଛି । ସରକାର ହାତ ମୁଠା ଅପେକ୍ଷା ଅଧିକ ଲମ୍ବା ଦାଢ଼ି ରଖିବାକୁ ବାଧତାମୂଳକ କରିଛି । ରିପୋର୍ଟ ଅନୁଯାୟୀ, ଏହି ମନ୍ତ୍ରଣାଳୟର ଦାୟିତ୍ୱରେ ଥିବା ମନ୍ତ୍ରୀ ଖାଲେଦ ହନାଫି କହିଛନ୍ତି, ଶରିଆ ଇସଲାମିକ୍ ଆଇନ ଅନୁଯାୟୀ ଲୋକଙ୍କ ମୁଖମଣ୍ଡଳକୁ ନିୟନ୍ତ୍ରଣ କରିବା ସରକାରଙ୍କ ଦାୟିତ୍ୱ । ସେ କହିଛନ୍ତି, ପୁଣ୍ୟ କାମକୁ ପ୍ରୋତ୍ସାହିତ କରୁଥିବା ଅଧିକାରୀମାନେ ଇସଲାମିକ୍ ଆଇନ ଲାଗୁ କରିବାକୁ ବାଧ । ମନ୍ତ୍ରଣାଳୟର ଅଧିକାରୀମାନେ ଏହାର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସହରଗୁଡ଼ିକର ରାସ୍ତାରେ ପାଟ୍ରୋଲିଂ କରୁଛନ୍ତି । ଇଂଲିଶ୍ ଶୈଳୀର ଆଧୁନିକ କେଶ କାଟିଥିବାରୁ



ତିନି ଦିନ ପାଇଁ ଜେଲ୍ ଦଣ୍ଡାଦେଶ କରାଯାଇଥିବା ଆଫଗାନିସ୍ତାନର ଦକ୍ଷିଣ-ପୂର୍ବ ପ୍ରଦେଶ ଗଜନୀର ଜଣେ ୩୦ ବର୍ଷୀୟ ବାରିକ କହିଛନ୍ତି ।

କେତେକ ମାମଲାରେ ବାରିକ ଓ ଗ୍ରାହକ ଉଭୟଙ୍କୁ ଗିରଫ କରାଯାଉଛି । ଗ୍ରାହକମାନଙ୍କୁ ମୁକ୍ତ କରାଯାଉଥିବାବେଳେ ବାରିକଙ୍କୁ ଅଟକ ରଖାଯାଉଛି । ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ଗତ ବର୍ଷ କୁନାର ପ୍ରଦେଶର ତିନି ଜଣ ବାରିକଙ୍କୁ ମନ୍ତ୍ରଣାଳୟର ନିୟମ ଭାଙ୍ଗିବା ପାଇଁ ତିନିରୁ ପାଞ୍ଚ ମାସ ଜେଲ୍ ଦଣ୍ଡାଦେଶ କରାଯାଇଥିଲା ।

କାର୍ଯ୍ୟାନୁଷ୍ଠାନ ବୃଦ୍ଧି ପାଉଥିବାରୁ, ଧାର୍ମିକ ବ୍ୟାପାର ମନ୍ତ୍ରଣାଳୟ ଆହୁରି କଠୋର ନିର୍ଦ୍ଦେଶ ଜାରି କରିଛି । ନଭେମ୍ବର ମାସରେ ପ୍ରକାଶିତ ଏକ ଆଠ ପୃଷ୍ଠାର ମାର୍ଗଦର୍ଶିକାରେ ଇମାମମାନଙ୍କୁ ଲୋକଙ୍କୁ ଉପଦେଶ ଦେବା ସମୟରେ ଦାଢ଼ି କାଟିବାକୁ ଏକ ମହାପାପ ଭାବରେ ବର୍ଣ୍ଣନା କରିବାକୁ କୁହାଯାଇଥିଲା । ମନ୍ତ୍ରଣାଳୟ ଯୁକ୍ତି ଦର୍ଶାଇଥିଲା ଯେ ପୁରୁଷମାନେ ଦାଢ଼ି କାଟି ମହିଳାଙ୍କ ପରି ଦେଖାଯିବାକୁ ଚେଷ୍ଟା କରୁଛନ୍ତି ।


ଏହି ନିର୍ଦ୍ଦେଶଗୁଡ଼ିକ ବିଶ୍ୱବିଦ୍ୟାଳୟଗୁଡ଼ିକରେ ମଧ୍ୟ ପହଞ୍ଚିଛି । ସେଠାରେ କେବଳ ପୁରୁଷମାନେ ପଢ଼ନ୍ତି କାରଣ ମହିଳାମାନଙ୍କୁ ପୂର୍ବରୁ ପାଠପଢ଼ିବା ପାଇଁ ନିଷେଧ କରାଯାଇଛି । କାବୁଲ ବିଶ୍ୱବିଦ୍ୟାଳୟର ଜଣେ ୨୨ ବର୍ଷୀୟ ଛାତ୍ର କହିଛନ୍ତି ଯେ, ଚେତାବନୀ ଦିଆଯାଇଛି, ଯଦି ଦାଢ଼ି ରଖିବା ଓ ମୁଣ୍ଡକୁ ଘୋଡ଼ାଇ ରଖିବା ସମେତ ଉପଯୁକ୍ତ ଇସଲାମିକ୍ ପୋଷାକ ବଜାୟ ରଖା ନ ଯାଏ, ତେବେ ମାର୍କ କାଟି ଦିଆଯିବ ।

## ବିମାନ ଭିତରେ ହଙ୍ଗାମା କରିବା ପଡ଼ିବ ମହଙ୍ଗା, ୩୦ ଯାଏଁ ଉଡ଼ାଣ ହୋଇପାରେ ମନା

ନୂଆଦିଲ୍ଲୀ : ଅମାନିଆ ବିମାନ ଯାତ୍ରୀଙ୍କ ପାଇଁ ବଢିଲା ଅଡୁଆ । ବିମାନ ଯାତ୍ରା ବେଳେ ବିଶୃଙ୍ଖଳିତ ଆଚରଣ କରୁଥିବା ଯାତ୍ରୀଙ୍କ ପାଇଁ କଠିନ ହେବ ପରିସ୍ଥିତି । ଏନେଇ ଡିଜିସିଏ ପକ୍ଷରୁ କରାଯାଇଛି ନୂଆ ନିୟମ । ଏଭଳି ଯାତ୍ରୀଙ୍କୁ ୩୦ ଦିନ ପର୍ଯ୍ୟନ୍ତ କୌଣସି ବିମାନରେ ଉଡାଣ ପାଇଁ ମିଳିବନି ଅନୁମତି । ଯାତ୍ରୀଙ୍କ ସୁରକ୍ଷା ପାଇଁ ଡିଜିସିଏ ପକ୍ଷରୁ ଏଭଳି ନିୟମ କରାଯାଇଛି । ଉଏଉଇ ଅନୁଯାୟୀ, ବିମାନ, ଯାତ୍ରୀ ଏବଂ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ବିମାନରେ ଶୃଙ୍ଖଳା ବଜାୟ ରଖିବା ପାଇଁ "ନୋ/ଜିରୋ ଟଲୋରେନ୍ସ ପଲିସି ଲାଗୁ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ନୂଆ ନିୟମ ଅନୁଯାୟୀ, ଯଦି କୌଣସି ଯାତ୍ରୀ ବିମାନ କର୍ମଚାରୀଙ୍କ ସହ ଦୁର୍ବ୍ୟବହାର କରନ୍ତି କିମ୍ବା ବିମାନର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରନ୍ତି । ତେବେ ତାଙ୍କୁ ସଙ୍ଗେ ସଙ୍ଗେ 'ନୋ ଫ୍ଲାଏ ଲିଷ୍ଟ' ରେ ଅନ୍ତର୍ଭୁକ୍ତ କରାଯିବ । ବିଦେଶୀ ଯାତ୍ରୀଙ୍କ ପାଇଁ ମଧ ଏହି ନିୟମ ଲାଗୁ ହେବ । ଭାରତକୁ ଆସୁଥିବା ବା ଭାରତରୁ ଯାଉଥିବା ସମସ୍ତ ବିଦେଶୀ ଏୟାରଲାଇନ୍ସ ଏହି ନିୟମ ପାଳନ କରିବାକୁ ବାଧ ହେବେ । ବିଶୃଙ୍ଖଳାର ମାତ୍ରା ଅନୁଯାୟୀ ଯାତ୍ରୀଙ୍କ ଉପରେ ୩ ମାସରୁ ନେଇ ଆଜୀବନ ପର୍ଯ୍ୟନ୍ତ ବିମାନ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଯାଇପାରେ ।

# ଅନିୟନ୍ତ୍ରିତ ହୋଇ ନାଳକୁ ଖସିପଡିଲା କାର, ଚାଲିଗଲା ୪ ସାଙ୍ଗଙ୍କ ଜୀବନ

ମଥୁରା : ଉତ୍ତର ପ୍ରଦେଶର ମଥୁରାରେ ବଡ଼ ଅଘଟଣ । ଏକ କାର ଅନିୟନ୍ତ୍ରିତ ହରାଇ କେନାଲରେ ଖସି ପଡ଼ିବାରୁ ଚାରି ଜଣଙ୍କର ମୃତ୍ୟୁ ହୋଇଛି । ମୃତକମାନେ ମହାବନ ଥାନା ଅଞ୍ଚଳର ବାସିନ୍ଦା ଏବଂ ରାଜସ୍ଥାନର ଡିଗରେ ଏକ ବିବାହ ଉତ୍ସବକୁ ଯାଉଥିଲେ । ମୃତକଙ୍କ ମଧ୍ୟରୁ ତିନି ଜଣ ଗୋଟିଏ ପରିବାରର ବୋଲି ଜଣାପଡିଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଗାଡ଼ିକୁ ପାଣିରୁ ଉଦ୍ଧାର କରି ମାମଲାର ଯାଞ୍ଚ ଆରମ୍ଭ କରିଛି ।




ଖବର ମୁତାବକ, ଦ୍ରୁତ ଗତିରେ ଆସୁଥିବା କାରଟି ନିୟନ୍ତ୍ରଣ ହରାଇ ଡିଭାଇଡରରେ ଧକ୍କା ହୋଇଥିଲା ଏବଂ ପରେ ଗୋବର୍ଦ୍ଧନ କେନାଲରେ ପଡ଼ିଯାଇଥିଲା । କେନାଲରେ ପାଣି ଅଧିକ ଥିବାରୁ ସମ୍ପୂର୍ଣ୍ଣ କାରଟି ବୁଡ଼ି ଯାଇଥିଲା । ଦୁର୍ଘଟଣା ବିଷୟରେ ଜାଣିବା ପରେ ଗ୍ରାମବାସୀମାନେ ଘଟଣା ସ୍ଥଳରେ ପହଞ୍ଚି ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ ଏବଂ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ । ପ୍ରାୟ ଏକ ଘଣ୍ଟା ପରେ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରିଥିଲେ, ହେଲେ ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା । ଏସପି କହିଛନ୍ତି ଯେ, ବୁଧବାର ରାତି ୮ଟାରେ ରାଜସ୍ଥାନର ଡିଗଙ୍କୁ ଯାଉଥିଲେ । ମାଗୋରା ଥାନା ଅଞ୍ଚଳର ଏକ ମୋଡ଼ ନିକଟରେ ସେମାନଙ୍କ କାର ଦ୍ରୁତ ଗତି ଥିବାରୁ ନିୟନ୍ତ୍ରଣ ହରାଇଲା । କାରଟି ଏକ ଡିଭାଇଡରରେ ଧକ୍କା ହୋଇ ଡ୍ରେନ୍ ଭିତରକୁ ଖସିପଡ଼ିଲା । ମୃତକମାନଙ୍କୁ ଚିହ୍ନଟ କରାଯାଇଛି ।

## ରାଜନୀତିରେ ଏଣ୍ଟ୍ରି କରିବେ ରୀନା ପାସୱାନ

ନୂଆଦିଲ୍ଲୀ : ବିହାରର ପାଞ୍ଚଟି ରାଜ୍ୟ ସଭା ଆସନ ଖାଲି ହେବାକୁ ଯାଉଛି । ୨୦୨୬ ମାର୍ଚ୍ଚ ୧୬ରେ ଭୋଟ ହେବ । ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ବିହାରରେ ରାଜନୈତିକ ପରିବେଶ ସରଗରମ ହୋଇଯାଇଛି । ପ୍ରଶ୍ନ ହେଉଛି କି ବର୍ତ୍ତମାନର ଏମପିମାନଙ୍କୁ ପୁନରାବୃତ୍ତି କରାଯିବ କି? ଯଦି ନୁହେଁ, ତେବେ କାହାକୁ ସୁଯୋଗ ମିଳିବ । ଏତାକୁ ନେଇ ଏବେ ଆଲୋଚନା ଆରମ୍ଭ ହୋଇଛି । ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ଜନତା ଦଳ (ୟୁନାଇଟେଡ) ପାଞ୍ଚଟି ଆସନ ଉପରେ ଦୃଢ଼ ଦାବି ରଖିଛନ୍ତି । ବିହାର ବିଧାନସଭା ନିର୍ବାଚନର ଫଳାଫଳ ପରେ, ଏହା ନିଶ୍ଚିତ ବୋଲି ବିବେଚନା କରାଯାଉଥିଲା ଯେ ଜେଡିୟୁ ଖାଲି ପଡ଼ିଥିବା ରାଜ୍ୟ ସଭା ଆସନ ମଧ୍ୟରୁ ଦୁଇଟି ପାଇଁ ପ୍ରାର୍ଥୀ ଦେବ, ଯେତେବେଳେ ଭାରତୀୟ ଜନତା ପାର୍ଟି ଅନ୍ୟ ଦୁଇଟି ପାଇଁ ପ୍ରାର୍ଥୀ ଦେବ । ଉଭୟ ଦଳ ଅବଶିଷ୍ଟ ଆସନ ପାଇଁ ସେମାନଙ୍କର ସହଯୋଗୀଙ୍କୁ ସ୍ଥାନ ଦେବେ । ତଥାପି, ଏହି ଗୋଟିଏ ଆସନ ପାଇଁ ତିନୋଟି ଦଳ ଦାବିଦାର । ଚିରାଗ ପାସୱାନଙ୍କ ଦଳ ଦୌଡ଼ରେ ଆଗୁଆ ଅଛି, ତା'ପରେ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ଅଛି, ଏବଂ ଉପେନ୍ଦ୍ର କୁଶୱାହାଙ୍କ ଦଳ ତୃତୀୟ ସ୍ଥାନରେ ଅଛି । ତଥାପି, ଉପେନ୍ଦ୍ର କୁଶୱାହାଙ୍କ ଦାବିକୁ ହାଲୁକା ଭାବରେ ନିଆଯାଇପାରିବ ନାହିଁ ।

# ମୋତିଆବିନ୍ଦୁ ସର୍ଜରୀ ପରେ ଦୃଷ୍ଟିଶକ୍ତି ହରାଇଲେ ୯ଜଣ ରୋଗୀ: ହସ୍ପିଟାଲ ସିଲ୍


ନୂଆଦିଲ୍ଲୀ: ଉତ୍ତର ପ୍ରଦେଶର ଗୋରଖପୁରରେ ଏକ ଘରୋଇ ହସ୍ପିଟାଲରେ ମୋତିଆ ବିନ୍ଦୁ ଅପରେସନ ପରେ ୯ ଜଣ ରୋଗୀ ଦୃଷ୍ଟି ଶକ୍ତି ହରାଇଛନ୍ତି । ଅପରେସନ ପରେ ସଂକ୍ରମଣ ଯୋଗୁଁ ସେମାନଙ୍କ ଆଖିର ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ଭାବେ ଚାଲି ଯାଇଥିଲା । ଏପରି ଅଭିଯୋଗ ଆସିବା ପରେ କର୍ତ୍ତୃପକ୍ଷ ଘରୋଇ ହସ୍ପିଟାଲକୁ ସିଲ୍ କରିଦେଇଥିଲେ । ଫେବୃଆରି ପହିଲାରେ ନ୍ୟୁ ରାଜେଶ



ହାଇଟେକ୍ ହସ୍ପିଟାଲରେ ଚକ୍ଷୁ ଶିବିର ମାଧ୍ୟମରେ ପାଖାପାଖି ୩୦ ଜଣ ରୋଗୀଙ୍କୁ ମୋତିଆ ବିନ୍ଦୁ ଅପରେସନ କରାଯାଇଥିଲା । କିନ୍ତୁ ଅପରେସନ କିଛି ଦିନ ମଧ୍ୟରେ ଅପରେସନ କରିଥିବା ରୋଗୀଙ୍କ ଆଖିରେ ସମସ୍ୟା ଦେଖାଯାଇଥିଲା । ୧୮ ଜଣ ରୋଗୀଙ୍କ ନକଟରେ ବଡ଼ଧରଣ ସଂକ୍ରମଣ ଦେଖାଯାଇଥିଲା । ସେମାନଙ୍କ ମଧ୍ୟରୁ ୯ ଜଣ ଦୃଷ୍ଟିଶକ୍ତି ହରାଇଥିଲେ । ଅନ୍ୟ ଡାକ୍ତରଖାନାରେ ଅସ୍ତ୍ରୋପଚାର କରି ସେମାନଙ୍କ ଆଖି କଢ଼ାଇବାକୁ ପଡିଥିଲା । କେତେକଙ୍କୁ ଦିଲ୍ଲୀ, ଲକ୍ଷ୍ନୌ ଓ ବାରାଣସୀର ସୁପର - ସ୍ପେଶାଲିଟି ହସ୍ପିଟାଲକୁ ରେଫର କରିବାକୁ ପଡ଼ିଥିଲା । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏକ ଦଳ ହସ୍ପିଟାଲ ଯାଞ୍ଚ କରି ଏହାର ଚକ୍ଷୁ ବିଭାଗକୁ ସିଲ୍ କରିଦେଇଛି । କଲଚର ରିପୋର୍ଟ ପରେ ସଂକ୍ରମଣ ହୋଇଥିବା ଜଣାପଡ଼ିଛି । ଗୋରଖପୁର ମୁଖ୍ୟ ମେଡିକାଲ ଅଧିକାରୀ ରାଜେଶ ଝା କହିଥିଲେ, ଅପରେସନ ୧ ତାରିଖରେ ହୋଇଥିବାବେଳେ ଏହାର ତିନି ଦିନ ପରେ ରୋଗୀଙ୍କଠାରେ ସମସ୍ୟା ଦେଖାଯାଇଥିଲା ।

# ଇନଷ୍ଟାଗ୍ରାମ୍ ନିଶାରେ ଛୋଟପିଲା ପଡ଼ିଛନ୍ତି କି : ଆମେରିକା କୋର୍ଟରେ ଜୁକରବର୍ଗଙ୍କୁ ପ୍ରଶ୍ନ

ଲସ୍ ଆଞ୍ଜେଲସ୍: ଇନଷ୍ଟାଗ୍ରାମ୍ ଓ ଫେସବୁକର ମୂଳ କମ୍ପାନି ମେଟାର ମାଲିକ ମାର୍କ ଜୁକରବର୍ଗଙ୍କୁ ଆମେରିକାର ଲସ୍ ଆଞ୍ଜେଲସ୍ କୋର୍ଟରେ କଡ଼ା ପ୍ରଶ୍ନ କରାଯାଇଛି । ଏହା ଏକ ଐତିହାସିକ ଶୁଣାଣି ଯେଉଁଥିରେ ସୋସିଆଲ ମିଡିଆ କମ୍ପାନିଗୁଡ଼ିକୁ ପିଲା ଓ କିଶୋରମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ସେମାନଙ୍କର ପ୍ରଭାବ ବିଷୟରେ ପଚରାଯାଉଛି । ଏହି ଶୁଣାଣିରେ ଯାଞ୍ଚ କରାଯାଉଛି ଯେ, ମେଟାର ପ୍ଲାଟଫର୍ମଗୁଡ଼ିକ ଉଦ୍ଦେଶ୍ୟମୂଳକ



ଭାବରେ ପିଲାମାନଙ୍କୁ ନିଶାଗ୍ରସ୍ତ କରାଉଛନ୍ତି ଓ ସେମାନଙ୍କୁ କ୍ଷତି ପହଞ୍ଚାଉଛନ୍ତି କି ନାହିଁ । ଜୁକରବର୍ଗ ଦାବି କରିଛନ୍ତି ଯେ, ମେଟା ନାବାଳକ ବ୍ୟବହାରକାରୀଙ୍କୁ ଚିହ୍ନଟ କରିବାର କ୍ଷମତାକୁ ବିକଶିତ କରିଛି । ଜୁକରବର୍ଗ କହିଛନ୍ତି, କିଛି ବ୍ୟବହାରକାରୀ ଇନଷ୍ଟାଗ୍ରାମ୍‌ରେ ଆକାଉଣ୍ଟ ଖୋଲିବା ସମୟରେ ସେମାନଙ୍କ ବୟସ ବିଷୟରେ ମିଛ କହିଥାନ୍ତି । କମ୍ପାନି ଯେଉଁମାନଙ୍କୁ ନାବାଳକ ଭାବରେ ଚିହ୍ନଟ କରେ ସେମାନଙ୍କୁ ହଟାଇ ଦେଇଥାଏ । ବୟସ ଯାଞ୍ଚ ବିଷୟରେ ବାରମ୍ବାର ପଚରାଯିବାରୁ, ଜୁକରବର୍ଗ କହିଥିଲେ, ମୁଁ ବୁଝିପାରୁନାହିଁ ଏହା ଏତେ ଜଟିଳ କାହିଁକି । ଏହି ବିଚାର ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ଥିର କରାଯାଇଛି । ଏକ ଜୁରି ନିଷ୍ପତ୍ତି ନେବେ ଯେ, ମେଟା ଓ ୟୁଟ୍ୟୁବ୍ ୨୦ ବର୍ଷୀୟ କାଲିଫର୍ନିଆ ବାସିନ୍ଦା କେଲି ଜି.ଏମ୍.ଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଦାୟୀ କି ନାହିଁ । କେଲି ପିଲାଦିନରୁ ଜଣେ ସୋସିଆଲ ମିଡିଆ ୟୁଜର । ସେ ଛଅ ବର୍ଷ ବୟସରେ ୟୁଟ୍ୟୁବ୍, ନଅ ବର୍ଷ ବୟସରେ ଇନଷ୍ଟାଗ୍ରାମ୍ ଏବଂ ତା ପରେ ଟିକ୍ ଟକ୍ ଓ ସ୍ନାପ୍ ଚାଟ୍ ବ୍ୟବହାର କରିବା ଆରମ୍ଭ କରିଥିଲେ । ବର୍ତ୍ତମାନ ସେ ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । କୋର୍ଟରେ ଜୁକରବର୍ଗଙ୍କ ସମ୍ମୁଖରେ ଏକ ଆଭ୍ୟନ୍ତରୀଣ କମ୍ପାନି ଡକ୍ୟୁମେଣ୍ଟ ଉପସ୍ଥାପିତ ହୋଇଥିଲା, ଯେଉଁଥିରେ କୁହାଯାଇତବଲା ୨୦୧୫ ମସିହାରେ, ଯେତେବେଳେ କେଲି ଇନଷ୍ଟାଗ୍ରାମ ଚଲାଇବା ଆରମ୍ଭ କରିଥିଲେ, ସେତେବେଳେ ୧୩ ବର୍ଷରୁ କମ୍ ବୟସର ଇନଷ୍ଟାଗ୍ରାମରେ ୪ ନିୟୁତ ଉପଭୋକ୍ତା ଥିଲେ । କେବଳ ଆମେରିକାରେ, ୧୦ ରୁ ୧୨ ବର୍ଷ ବୟସର ପିଲାଙ୍କ ମଧ୍ୟରୁ ୩୦ ପ୍ରତିଶତ ଇନଷ୍ଟାଗ୍ରାମ୍ ବ୍ୟବହାର କରୁଥିଲେ ।

# ଇଣ୍ଡିଜ୍‌କୁ ଅଟକାଇପାରିଲାନି ଇଟାଲି

କୋଲକାତା,୧୯।୨ ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଦୁଇ ଥର ବିଜେତା ୱେଷ୍ଟଇଣ୍ଡିଜ୍ ଲଗାତାର ଚତୁର୍ଥ ବିଜୟ ହାସଲ କରିଛି। ଗ୍ରୁପ୍-ବି'ର ଶେଷ ଲିଗ୍ ମ୍ୟାଚ୍‌ରେ ପ୍ରଥମ ଥର ଯୋଗ୍ୟତା ହାସଲ କରିଥିବା ୟୁରୋପୀୟ ଦେଶଇଟାଲିକୁ ୪୨ ରନ୍‌ରେ ହରାଇ ସୁପର-୮ ପର୍ଯ୍ୟାୟ ପୂର୍ବରୁ ତା'ର ଆତ୍ମବିଶ୍ୱାସକୁ ଆହୁରି ବାଇଛି। ସୁପର-୮ର ଗ୍ରୁପ୍-୧ରେ ଥିବା ୱେଷ୍ଟଇଣ୍ଡିଜ୍ ଆସନ୍ତା ୨୩ ତାରିଖରେ ଜିମ୍ବାୱେ ବିପକ୍ଷରେ ତା'ର ନକ୍‌ଆଉଟ୍ ପର୍ଯ୍ୟାୟ ଅଭିଯାନ ଆରମ୍ଭ କରିବ।

ସେହିଭଳି ତୃତୀୟ ଥର ଲାଗି ବିଜେତା ହେବା ଦିଗରେ ଆଉ ଏକ ପାଦ ଅଗ୍ରସର ହେବା ଲାଗି ଚେଷ୍ଟା କରିବ। ଅନ୍ୟ ପକ୍ଷରେ ଫୁଟ୍‌ବଲ୍ ପ୍ରଧାନ ଦେଶ ଇଟାଲିର ଉତ୍ସାହୀ କ୍ରିକେଟ୍ ଦଳ ବିଶ୍ୱକପ୍ ଖେଳିବାର ନୂଆ ଅଭିଜ୍ଞତା ନେଇ ସ୍ୱଦେଶ ଫେରିବାକୁ ଯାଉଛି। ଏହି ଅନଭିଜ୍ଞ ଦଳ ବିଶ୍ୱକପ୍‌କୁ ପ୍ରଥମ ଥର ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଥିଲା। ତା' ସହିତ ପଦାର୍ପଣରେ ଗୋଟିଏ ମ୍ୟାଚ୍ ଜିତିବାର ଗେରବ ଓ ଖୁସି ମଧ୍ୟ ପାଇଛି ଗୁରୁବାର।




ଇଟାଲି ନିଜ ଚାରିଟି ଲିଗ୍ ମ୍ୟାଚ୍‌ରୁ ତିନିଟିକୁ ହାରିଥିଲେ ମଧ୍ୟ ଗୋଟିଏ ସ୍ମରଣୀୟ ବିଜୟରେ ନେପାଳକୁ ହରାଇଛି। ନେପାଳ ମଧ୍ୟ ଗୋଟିଏ ବିଜୟ ହାସଲ କରିଛି। ତେବେ ରନ୍ ରେଟ୍‌ରେ ଇଟାଲିଠାରୁ ପଛରେ ରହି ଗ୍ରୁପ୍-ବି'ର ସବା ଶେଷ ସ୍ଥାନରେ ଅଭିଯାନ ଶେଷ କରିଛି ନେପାଳ। ଗୁରୁବାର ଐତିହାସିକ ଇଡେନ୍ ଗାର୍ଡେନ୍ସରେ ଖେଳାଯାଇଥିବା ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା। ୩୧ ରନ୍‌ରେ ୨ ୱିକେଟ୍ ହରାଇ ସଙ୍କଟରେ ବି ପଡିଥିଲା। ତେବେ ରକ୍ଷଣ ଓ ଆକ୍ରମଣାତ୍ମକ ବ୍ୟାଟିଂର ଅପୂର୍ବ ସମାହାରରେ ଅଧିନାୟକ ସାଇ ହୋପ୍ ଖେଳିଥିବା ୭୫ ରନ୍‌ର ପାଳି ଇଣ୍ଡିଜ୍‌କୁ ରକ୍ଷା କରି ଦେଇଥିଲା।"“ହୋପ୍‌ଙ୍କ ଅର୍ଦ୍ଧଶତକ ବଳରେ ୬ ୱିକେଟ୍ ହରାଇ ୧୬୫ ରନ୍‌ର ସମ୍ମାନଜନକ ସ୍କୋର୍ କରି ନେଇଥିଲା ଏହି ଦଳ। ଜବାବରେ ଇଟାଲି ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ୧୮ ଓଭରରେ ମାତ୍ର ୧୨୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଇଣ୍ଡିଜ୍ ବୋଲର୍‌ଙ୍କ ଉଚ୍ଚଗୁଣମାନ ଓ ପ୍ରଭାବଶାଳୀ ବୋଲିଂର ମୁକାବିଲା କରିବାରେ ଏହି ଦଳର ବ୍ୟାଟିଂ ବାହିନୀ ପୂରା ବିଫଳ ହୋଇଥିଲା। ଅନ୍ୟପକ୍ଷରେ ସଠିକ୍ ଲାଇନ୍ ଓ ଲେନ୍‌ଥରେ ବଲ୍ ପକାଇ ସମର ଯୋଥେଫ (୪/୩୦) ଓ ମାଥ୍ୟୁ ଫର୍ଡେ (୩/୧୯) ଏହି ଦଳର ଘୋର ବିପର୍ଯ୍ୟୟ ଘଟାଇଥିଲେ। ତେବେ ହୋପ୍ ତାଙ୍କ ଦର୍ଶନୀୟ ପାଳି ପାଇଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ଅଭିଷେକ ବିଫଳତା ଚିନ୍ତାର କାରଣ

ଅହମଦାବାଦ,୧୯।୨(ଏଜେନ୍ସି): ଲିଗ୍ ପର୍ଯ୍ୟାୟର ଚାରିଟିରୁ ଚାରିଟି ମ୍ୟାଚ୍ ଜିତି ଭାରତୀୟ କ୍ରିକେଟ୍ ଦଳ ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟକୁ ଅପରାଜେୟ ଭାବେ ଯାଇଛି। ଗତ ଚାରିଟି ଯାକ ମ୍ୟାଚ୍‌ରେ ଫଳାଫଳ ଭାରତ ସପକ୍ଷରେ ଯାଇଥିଲେ ମଧ୍ୟ ଅନେକ କ୍ଷେତ୍ରରେ ସୂର୍ଯ୍ୟକୁମାର ସେନାଙ୍କ ଦୋଷ ଦୁର୍ବଳତା ପଦାରେ ପଡିଛି। ଯୁବ ଓପନର୍ ଅଭିଷେକ ଶର୍ମାଙ୍କ ଲଗାତାର ବିଫଳତା ଦଳ ପାଇଁ ସବୁଠୁ ବଡ ଚିନ୍ତାର କାରଣ ହୋଇଛି। ବିଶ୍ୱମାନ୍ୟତାର ପ୍ରଥମ ସ୍ଥାନରେ ଥିବା ଅଭିଷେକ ଆଶ୍ଚର୍ଯ୍ୟଜନକ ଭାବେ ଲଗାତାର ତିନିଟି ମ୍ୟାଚ୍‌ରେ ଖାତା ଖୋଲିପାରି ନାହାନ୍ତି।



ସେହିଭଳି ନେଦରଲାଣ୍ଡସ ଭଳି ଦଳ ବିପକ୍ଷରେ ଭାରତୀୟ ବୋଲର୍‌ମାନେ ରନ୍ ରୋକିବାକୁ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ଅଧିନାୟକ ସୂର୍ଯ୍ୟକୁମାର ଯାଦବ କିନ୍ତୁ ଏଥିନେଇ ବିଶେଷ ଚିନ୍ତିତ ନାହାନ୍ତି। ବରଂ ନେଦରଲାଣ୍ଡସ ବିପକ୍ଷ ଶେଷ ଲିଗ୍ ମ୍ୟାଚ୍‌ରେ ଅଲରାଉଣ୍ଡର୍ ତଥା ମଧ୍ୟକ୍ରମ ବ୍ୟାଟର୍ ଶିବମ ଦୁବେ ଫର୍ମକୁ ଫେରିବା ଦଳ ପାଇଁ ଶୁଭ ଶଙ୍କତ ବୋଲି କହିଛନ୍ତି। ସେହିଭଳି ଅନ୍ୟତମ ଅଲରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଳିକୁ ମଧ୍ୟ ପ୍ରଶଂସା କରିଛନ୍ତି ସେ। ସୂର୍ଯ୍ୟ କହିଛନ୍ତି, ଦୁବେ ରନ୍‌କୁ ଫେରିବା ଆମ ପାଇଁ ଭଲ କଥା। ଆଗକୁ ଆମେ ଏଭଳି ସ୍ଥିତିର ସମ୍ମୁଖୀନ ହୋଇପାରୁ। ଏହା ହେଲେ ମଧ୍ୟକ୍ରମ ପାଳି ସମ୍ଭାଳି ନେବ ବୋଲି ଭରସା ରହିଛି।ସୂଚନଯୋଗ୍ୟ ଯେ ଭାରତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ୨୦୨୧ ସଂସ୍କରଣ ଛାଡି ଅନ୍ୟ ସବୁ ସଂସ୍କରଣର ସୁପର-୮ ବା ନକ୍‌ଆଉଟ୍ ପର୍ଯ୍ୟାୟକୁ ଯାଇଛି। ୨୦୨୧ରେ ଭାରତୀୟ ଦଳ ସୁପର-୧୨ରୁ ବିଦାୟ ନେଇଥିଲା। ସେପଟେ ଅଭିଷେକଙ୍କ ଲଗାତାର ବିଫଳତା ବୈଷୟିକ ସମସ୍ୟା ପରିବର୍ତ୍ତେ ମାନସିକ ବୋଲି ଇଂଲଣ୍ଡର ପୂର୍ବତନ ଅଧିନାୟକ ନାସିର ହୁସେନ କହିଛନ୍ତି। ଅଭିଷେକଙ୍କୁ ଚାପ ଭୁଲି ପ୍ରଥମେ କ୍ରିଜ୍‌ରେ କିଛି ସମୟ କଟାଇବା ଉପରେ ଧ୍ୟାନ ଦେବାକୁ ପଡିବ ବୋଲି କହିଛନ୍ତି ସେ। ଭାରତ ସବୁଠୁ ଖରାପ 'କ୍ୟାଚିଂ' ଦଳ ଭାରତୀୟ ଦଳର ଆଉ ଏକ ଦୁର୍ବଳତା ନେଇ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ଭାରତୀୟ ଦ୍ରୁତ ବୋଲର ବରୁଣ ଆରୋନ। ଗ୍ରୁପ୍ ପର୍ଯ୍ୟାୟର ଅପରାଜେୟ ଧାରା ସତ୍ତ୍ୱେ ଭାରତ ଏପର୍ଯ୍ୟନ୍ତ ଅନୂନ ୯ଟି ସହଜ କ୍ୟାଚ୍ ହାତଛଡା କରିଛି। ସୁପର-୮ ପର୍ଯ୍ୟାୟକୁ ଯାଇଥିବା ଦଳଗୁଡିକ ମଧ୍ୟରେ ଏହା ସମ୍ଭବତଃ ସର୍ବାଧିକ। ଏହି ଦିଗ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇ ଆରୋନ କହିଛନ୍ତି, କ୍ୟାଚ୍ ଗଳିବା ବହୁତ ବଡ ସମସ୍ୟା। ଗତ ୧୨ରୁ ୧୮ ମାସ ଭିତରେ ଭାରତ ସମ୍ଭବତଃ ବିଶ୍ୱର ସବୁଠୁ ଖରାପ 'କ୍ୟାଚିଂ' ଦଳ। ଅର୍ଥାତ୍ ଅନ୍ୟ ଦଳଗୁଡିକଠାରୁ ଢେର ଅଧିକ କ୍ୟାଚ୍ ହାତଛଡା କରିଛନ୍ତି ଭାରତୀୟ କ୍ରିକେଟ୍ ଖେଳାଳି। ଏହି ସମୟ ଭିତରେ ଭାରତୀୟ ଦଳର କ୍ୟାଚ୍ ନେବା ସଫଳତା ୭୦ ପ୍ରତିଶତରୁ ବି କମ୍ ରହିଛି। ପ୍ରତି ମ୍ୟାଚ୍‌ରେ ସେମାନେ ୨ରୁ ୩ଟି କ୍ୟାଚ୍ ଛାଡୁଛନ୍ତି। ଆଶା କରୁଛି ସୁପର-୮ ପର୍ଯ୍ୟାୟରେ ସେମାନେ ଏହି ତ୍ରୁଟି ସୁଧାରି ନେବେ। ଭାରତୀୟ ଦଳ ବୁଧବାରର ନେଦରଲାଣ୍ଡ୍‌ସ ବିପକ୍ଷ ମ୍ୟାଚ୍‌ରେ ଏହି ଦଳର ବ୍ୟାଟର୍ ଯଚ୍ ଲିଅନ ଚାଟେଙ୍କୁ ଦୁଇଟି ଜୀବନ ଦାନ ଦେଇଥିଲା। ଅନ୍ୟ ପ୍ରତିପକ୍ଷ ବ୍ୟାଟର୍‌ଙ୍କ ଏକାଧିକ କ୍ୟାଚ୍ ମଧ୍ୟ ଭାରତୀୟ ଖେଳାଳି ଛାଡି ଦେଇଥିଲେ। ଫଳରେ ଦୁର୍ବଳ ଓ ନବାଗତ ନେଦରଲାଣ୍ଡ୍‌ସ ୧୯୪ ରନ୍‌ର ଲକ୍ଷ୍ୟକୁ ପିଛା କରି ୧୭୬ ରନ୍ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ କ୍ୟାଚ୍ ଛାଡିବାରେ ଭାରତ କେବଳ ଆୟର୍ଲା

# ମହିଳା କ୍ରିକେଟ : ୧୯ ରନ୍‌ରେ ହାରିଲା ଭାରତ

କାନ୍‌ବେରା: ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଠାରୁ ୧୯ ରନ୍‌ରେ ପରାସ୍ତ ହୋଇଛି। ଏହା ସହିତ ଏହି ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ୧-୧ରେ ବରାବର ହୋଇଯାଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଦଳ ୨୦ ଓଭରରେ ୫ ୱିକେଟ୍ ହରାଇ ୧୬୫ ରନ୍ କରିଥିଲା।



ଦଳ ପକ୍ଷରୁ ଜର୍ଜିଆ ଭଲ୍ ୮୮(୫୭ ବଲ୍, ୧୧ ଚୌକା, ୧ ଛକା) ଓ ବଥ୍ ମୁନି ୪୬ ରନ୍ (୩୯ ବଲ୍) କରିଥିଲେ। ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡି ୩୦ ରନ୍ ବ୍ୟୟ କରି ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଭାରତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୪୪ ରନ୍ ହିଁ କରିପାରିଥିଲା। ଦଳ ପକ୍ଷରୁ ଦୁଇ ଓପନର ସ୍ମୃତି ମାନ୍ଧାନା (୨୪ ବଲ୍‌ରୁ ୩୧ରନ୍) ଓ ଶେଫାଳି ବର୍ମା (୨୩ ବଲ୍‌ରୁ ୨୯ରନ୍) ପ୍ରଥମ ୱିକେଟ୍ ଯୋଡ଼ିରେ ୫୭ ରନ୍‌ର ଏକ ଦୃଢ ଭାଗୀଦାର କରିଥିବାବେଳେ ମଧ୍ୟକ୍ରମରେ ହରମନପ୍ରିତ୍ କୌର ଓ ରଚ୍ଚା ଘୋଷଙ୍କ ୫୫ରନ୍‌ର ଆଉ ଏକ ଭାଗୀଦାର ହୋଇଥିଲା। ଏହା ସତ୍ତ୍ୱେ ଶେଷ ଚାରି ଓଭରରେ ଭାରତ ଗୁରୁତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ୧୨୬ ରନ୍‌ରେ ଦଳ ୪ଟି ୱିକେଟ୍ ହରାଇଥିବାବେଳେ ଆଉ ୭ ରନ୍ ମଧ୍ୟରେ ଦଳ ୫ଟି ୱିକେଟ୍ ହରାଇଥିଲା।

ଏହି ବିପର୍ଯ୍ୟୟ ଫଳରେ ଦଳ ୧୪୪ ରନ୍‌ରେ ସୀମିତ ରହିଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆସ୍‌ଲେ ଗାର୍ଡନର ୩ଟି ୱିକେଟ୍ ନେଇଥିବାବେଳେ କିମ୍ ଗାର୍ଥ, ଆନାବେଲ୍ ସଦରଲାଣ୍ଡ ଓ ସୋଫି ମୋଲିନେକ୍ସ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଜର୍ଜିଆ ଭଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦିଆଯାଇଥିଲା।

# ବିବାଦ ପରେ ଇସ୍ତଫା ଦେଲେ ପିଏଚ୍‌ଏଫ୍ ସଭାପତି

କରାଚୀ: ଅଷ୍ଟ୍ରେଲିଆର ପାକିସ୍ତାନ ହକି ଦଳ ସମ୍ମୁଖୀନ ହୋଇଥିବା ସମସ୍ୟାକୁ ନେଇ ବିବାଦ ବଢିବାରେ ଲାଗିଛି। ଏହି ବିବାଦ ପରେ ପାକିସ୍ତାନ ହକି ମହାସଂଘ ( ପିଏଚ୍‌ଏଫ୍)ର ସଭାପତି ତାରିକ୍ ବୁଗ୍ତି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫାପତ୍ର ପାକିସ୍ତାନର ପ୍ରଧାନମନ୍ତ୍ରୀ ତଥା ପିଏଚ୍‌ଏଫ୍‌ର ପାଟ୍ରନ-ଇନ-ଚିଫ୍ (ମୁଖ୍ୟ ସଂରକ୍ଷକ) ଶେହବାଜ୍ ସରିଫ୍‌ଙ୍କ ନିକଟକୁ ପଠାଇଦେଇଛନ୍ତି। ନିଜ ଇସ୍ତଫା ପତ୍ରରେ ସେ ଅଷ୍ଟ୍ରେଲିଆରେ ଦଳ ସମ୍ମୁଖୀନ ହୋଇଥିବା ସମସ୍ୟା ସଂପର୍କରେ ଏକ ନିରପେକ୍ଷ ତଦନ୍ତ କରିବାକୁ ସରିଫ୍ ଓ ସେନାମୁଖ୍ୟ ଅସିମ୍ ମୁନୀର୍‌ଙ୍କୁ ଅନୁରୋଧ କରିଛନ୍ତି।



ଏହି ବିବାଦ ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ସୋସିଆଲ୍ ମିଡିଆରେ ପାକିସ୍ତାନ ହକି ଦଳ ରାସ୍ତାରେ ନିଜର ଲଗେଜ୍ ସହ ବସି ରହିଥିବାର ଏକ ଫଟୋ ଭାଇରାଲ୍ ହୋଇଥିଲା।"ଅଷ୍ଟ୍ରେଲିଆ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ହକି ଦଳ କିଛି ଦିନ ତଳେ ଅଷ୍ଟ୍ରେଲିଆରେ ପହଞ୍ଚିଥିଲା। ଅଷ୍ଟ୍ରେଲିଆର କାନ୍‌ବେରାରେ ପହଞ୍ଚି ପିଏଚ୍‌ଏଫ୍ କହିଥିବା ହୋଟେଲକୁ ଯିବା ବେଳକୁ ସେମାନଙ୍କ ପାଇଁ କୌଣସି ହୋଟେଲ ବୁକିଂ ହୋଇନାହିଁ ବୋଲି ଜଣାପଡ଼ିଥିଲା। ଖେଳାଳିମାନେ ଅସହାୟ ହୋଇ ରାସ୍ତା କଡରେ ବସିଥିଲା ବେଳେ କିଛି ପ୍ରବାସୀ ପାକିସ୍ତାନୀ ଓ ଅଷ୍ଟ୍ରେଲିଆ ହକି ସଂଘର ଅଧିକାରୀଙ୍କ ପ୍ରୟାସ ପାଇଁ ଶେଷରେ ହୋଟେଲ ବ୍ୟବସ୍ଥା କରାଯାଇଥିଲା। ପାକିସ୍ତାନ ଫେରିବା ପରେ ଏ ନେଇ କ୍ଷୋଭ ପ୍ରକାଶ କରି ପାକିସ୍ତାନ ହକି ଦଳର ଅଧିନାୟକ ସକିଲ୍ ଆମାଦ୍ ବଟ୍ ଏହି ହଟହଟା ନେଇ ମୁହଁ ଖୋଲିବା ସହ ଏହି ସମସ୍ୟା ପାଇଁ ପାକିସ୍ତାନ ହକି ମହାସଂଘକୁ ଦାୟୀ କରିଥିଲେ। କିନ୍ତୁ ଏହା ପରେ ମହାସଂଘ ପକ୍ଷରୁ ସକିଲ୍‌ଙ୍କ ଉପରେ ଦୁଇ ବର୍ଷ ପାଇଁ କଟକଣା ଲଗାଯାଇଥିଲା। ଏହା ସହିତ ବୁଗ୍ତି ଏହି ସମସ୍ୟା ପାଇଁ ପାକିସ୍ତାନ କ୍ରୀଡ଼ା ବୋର୍ଡକୁ ଦାୟୀ କରିଥିଲେ।

# ନେଦରଲାଣ୍ଡ୍‌ସ ବିପକ୍ଷରେ ଭାରତ ୧୭ ରନ୍‌ରେ ବିଜୟୀ



ଅହମଦାବାଦ: ନେଦରଲାଣ୍ଡ୍‌ସକୁ ଭାରତ ଟି୨୦ ବିଶ୍ୱକପ୍-୨୦୨୬ର ୩୬ତମ ମ୍ୟାଚ୍‌ରେ ୧୭ ରନ୍‌ରେ ପରାସ୍ତ କରିଛି। ନେଦରଲାଣ୍ଡ୍‌ସ ଟିମ୍ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୭୬ ରନ୍ ସଂଗ୍ରହ କରିଛି। ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି। ଶିଭମ ଦୁବେଙ୍କୁ ୨ଟି ୱିକେଟ୍ ମିଳିଥିଲା ବେଳେ ଯଶପ୍ରୀତ ବୁମରା ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ବୁଧବାର ଦିନ ଏହି ମ୍ୟାଚ୍‌ରେ ଟସ୍ ଜିଣି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୯୩ ରନ୍ କରିଥିଲା। ଫଳରେ ନେଦରଲାଣ୍ଡ୍‌ସକୁ ବିଜୟ ପାଇଁ ୧୯୪ ରନ୍‌ର ଲକ୍ଷ୍ୟ ମିଳିଥିଲା।

ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ନିଜ ଚତୁର୍ଥ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ନେଦରଲାଣ୍ଡ୍‌ସକୁ ପ୍ରମୁଖ ଟ୍ରଫି ଦାବିଦାର ତଥା ଆୟୋଜକ ଭାରତ ୧୭ ରନ୍‌ରେ ହରାଇ ଅପରାଜେୟ ଭାବେ ସୁପର-୮ ପର୍ଯ୍ୟାୟକୁ ଯାଇଛି। ସେହିଭଳି ବିଶ୍ୱକପ୍‌ରେ ନିଜ ବିଜୟ ଧାରାକୁ ୧୨କୁ ବାଇଛି ଟିମ୍ ଇଣ୍ଡିଆ। ବୁଧବାର ଭାରତୀୟ ଦଳ ପୁଣି ଥରେ ଓପନିଂ ବିଫଳତାର ସମ୍ମୁଖୀନ ହୋଇଥିଲା। ଫର୍ମ ପାଇଁ ଯୁଝୁଥିବା ଅଭିଷେକ ଶର୍ମା ତୃତୀୟ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ।

"ପାକିସ୍ତାନ ବିପକ୍ଷ ମ୍ୟାଚ୍‌ର ନାୟକ ଈଶାନ କିଶନ ମଧ୍ୟ ୧୮ ରନ୍‌ରେ ଆଉଟ୍ ହୋଇଯାଇଥିଲେ। ତେବେ ଶିବମ ଦୁବେଙ୍କ ୬୧ ଏବଂ ତିଳକ ବର୍ମା (୩୧), ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୩୪) ଓ ହାର୍ଦ୍ଦିକ ପାଣ୍ଡ୍ୟା (୩୦)ଙ୍କ ଦ୍ରୁତ ଓ ଉପଯୋଗୀ ପାଳି ବଳରେ ଏକଦା ସଂଘର୍ଷ କରୁଥିବା ଭାରତ ୬ ୱିକେଟ୍ ହରାଇ ୧୯୩ ରନ୍‌ର ସମ୍ମାନଜନକ ସ୍କୋର୍ କରି ନେଇଥିଲା। ଜବାବରେ ଭାରତୀୟ ଖେଳାଳିଙ୍କ ଦୁର୍ବଳ ଫିଲ୍ଡିଂରୁ ଫାଇଦା ଉଠାଇ ନେଦରଲାଣ୍ଡ୍‌ସ ଶେଷ ପର୍ଯ୍ୟନ୍ତ ଲିଥିଲା। ତେବେ ୭ ୱିକେଟ୍ ବିନିମୟରେ ୧୭୬ ରନ୍‌ରେ ଅଟକି ଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଏହି ଦଳର ଜଣେ ହେଲେ ବି ବ୍ୟାଟର୍ ଅର୍ଦ୍ଧଶତକ ଛୁଇଁ ନଥିଲେ। ତେବେ ଛୋଟଛୋଟ ପାଳିରେ ଭାରତୀୟ ବୋଲରଙ୍କୁ ଅଡୁଆରେ ପକାଇଥିଲେ। ଭାରତର ସଫଳତମ ବୋଲର୍ ଭାବେ ବରୁଣ ଚକ୍ରବର୍ତ୍ତୀ ତିନିଟି ୱିକେଟ୍ କରାୟତ୍ତ କରିଥିଲେ। ଦୁବେ ତାଙ୍କ ଦମ୍‌ଦାର ପାଳି ପାଇଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# ଦେବାଶିଷ ଶତକ, ଓମ୍‌କାରଙ୍କୁ ୫ ୱିକେଟ



କଳାହାଣ୍ଡି କପ୍,୧୯।୨: ଦେବାଶିଷ ଶତକ, ଓମ୍‌କାରଙ୍କୁ ୫ ୱିକେଟ୍"କଟକ: ଚଳିତ କଳାହାଣ୍ଡି କପ୍‌ରେ ବୁଧବାର ସୁନ୍ଦରଗଡ, ନବରଙ୍ଗପୁର, କେନ୍ଦ୍ରାପଡା, ପୂର୍ବତଟ ରେଳବାଇ, ସମ୍ବଲପୁର-ଏ, ଖୋର୍ଦ୍ଧା, ଭୁବନେଶ୍ୱର, ଯାଜପୁର ଓ ଦେବଗଡ ବିଜୟୀ ହୋଇଛନ୍ତି। ସମ୍ବଲପୁରର ଦେବାଶିଷ ବାଗଙ୍କ ଶତକ (୧୧୯ ରନ୍) ଓ ପୂର୍ବତନ ରେଲବାଇର ଓମ୍‌କାର ମହାନ୍ତିଙ୍କ ୫ ୱିକେଟ ଅକ୍ତିଆର ଆଜିର ଉଲ୍ଲେଖନୀୟ ବିଷୟ ହୋଇଛି।ବୁଧବାର ଖୋର୍ଦ୍ଧାରେ ସମ୍ବଲପୁର-ଏ ୨୩ ରନ୍‌ରେ ସୁବର୍ଣ୍ଣପୁରକୁ ପରାସ୍ତ କରିଛି। ଦେବାଶିଷ ବାଗ ଶତକ ବଳରେ ସମ୍ବଲପୁର-ଏ ୯ ୱିକେଟ୍ ହରାଇ ୨୬୫ ରନ କରିଥିଲା। ଜବାବରେ ସୋନପୁର ୮ ୱିକେଟ ହରାଇ ୨୪୨ ରନ୍‌ରେ ଅଟକି ଯାଇଥିଲା। ଅଡଶପୁର ପଡିଆରେ ସୁନ୍ଦରଗଡ ୪୭ ରନ୍‌ରେ ନୟାଗଡକୁ ହରାଇଛି। ରେଭେନ୍ସା ପଡିଆ-୨ରେ ନବରଙ୍ଗପୁର ୭ ୱିକେଟ୍‌ରେ ସମ୍ବଲପୁର-ବି'କୁ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପଡିଆରେ କେନ୍ଦ୍ରାପଡା ୭ ୱିକେଟ୍‌ରେ ଢେଙ୍କାନାଳକୁ ହରାଇଛି।

ସନସାଇନ ପଡିଆରେ ଓମ୍‌କାର୍‌ଙ୍କ ୫ ୱିକେଟ୍ ସଫଳତା ବଳରେ ପୂର୍ବତଟ ରେଳବାଇ ୪୪ ରନ୍‌ରେ ବଲାଙ୍ଗୀରକୁ ପରାସ୍ତ କରିଛି। ଡ୍ରିମସ ବିଶ୍ୱବିଦ୍ୟାଳୟ ପଡିଆରେ ଖୋର୍ଦ୍ଧା ୬ ୱିକେଟ୍‌ରେ କଟକ-ବି'କୁ, ଖୋର୍ଦ୍ଧା ରୋଡ୍ ଷ୍ଟାଡିୟମ୍‌ରେ ଭୁବନେଶ୍ୱର ୭ ୱିକେଟ୍‌ରେ କୋରାପୁଟକୁ, ନିମପୁର ପଡିଆରେ ଯାଜପୁର ୬ ୱିକେଟ୍‌ରେ ବୌଦ୍ଧକୁ ଏବଂ ରେଭେନ୍ସା ପଡିଆ-୧ରେ ଦେବଗଡ ୧ ୱିକେଟ୍‌ରେ ମାଲକାନଗିରିକୁ ପରାସ୍ତ କରିଛି।

# ରେକର୍ଡ କଲେ ହାର୍ଦ୍ଦିକ ପାଣ୍ଡ୍ୟା

ନୂଆଦିଲ୍ଲୀ,୧୯।୨: ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ କ୍ରିକେଟରେ ଏକ ନୂଆ ରେକର୍ଡ ସ୍ଥାପନ କରିଛନ୍ତି । ବୁଧବାର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଇଥିବା ଟି-୨୦ ବିଶ୍ୱକପ ୨୦୨୬ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଇତିହାସ ରଚିଛନ୍ତି । ସେ ନେଦରଲ୍ୟାଣ୍ଡସ ବିପକ୍ଷ ମ୍ୟାଚ୍‌ରେ ୩୦ ରନର ପାଳି ଖେଳିଥିଲେ । ଏହି ମ୍ୟାଚ୍‌ରେ ସେ ୩୦ ରନ କରିଥିବାବେଳେ ୬ ହଜାର ରନ୍ ପୂରଣ କରିଛନ୍ତି ।

ଏହାସହ ୨୦୦ ୱିକେଟ୍ ଅକ୍ତିଆର କରିଛନ୍ତି । ପ୍ରଥମ ଭାରତୀୟ ଖେଳାଳିଭାବେ ସେ ଏହି ରେକର୍ଡ କରିଛନ୍ତି । ସେପଟେ ଆମେ ଯଦି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ରିକେଟ କ୍ୟାରିୟର ସମ୍ପର୍କରେ ଯଦି କହିବା ତାହେଲେ ସେ ୨୦୧୩ରେ ଘରୋଇ କ୍ରିକେଟରେ ଟି-୨୦ରେ ଡେବ୍ୟୁ କରିଥିଲେ । ବରୋଦା ପକ୍ଷରୁ ଖେଳୁଥିବାବେଳେ ମଧ୍ୟପ୍ରଦେଶ ବିପକ୍ଷରେ ଡେବ୍ୟୁ କରିଥିଲେ । ଦମଦାର ପ୍ରଦର୍ଶନ କରିଥିବାବେଳେ ୨୦୧୫ ମସିହାରେ ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲରେ ତାଙ୍କୁ କିଣିଥିଲା । ୨୦୧୬ ମସିହାରେ ଆଇପିଏଲରେ ଦମଦାର ପ୍ରଦର୍ଶନ କରିଥିବାବେଳେ ୨୦୧୬ ଟି-୨୦ ବିଶ୍ୱକପ ଦଳର ସଦସ୍ୟ ମଧ୍ୟ ରହିଥିଲେ । ଲଗାତାର ଭଲ ପ୍ରଦର୍ଶନ କରିଆସୁଥିବା ପାଣ୍ଡ୍ୟା ଦଳର ନିୟମିତ ସଦସ୍ୟ ରହିଆସିଛନ୍ତି । ଲଗାତାର ବଡ଼ ବଡ଼ ସଟ୍ ଖେଳି ଫ୍ୟାନ୍ସଙ୍କ ମନ ଜିଣିଥିବା ହାର୍ଦ୍ଦିକ ଏବେ ଦମଦାର ଫର୍ମରେ ରହିଛନ୍ତି । ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ଭାବେ ଟି-୨୦ କ୍ରିକେଟରେ ମଧ୍ୟ ଦଳ ଦମଦାର ପ୍ରଦର୍ଶନ କରୁଛି । ଏବେ ଭାରତୀୟ ଦଳର ଏହି ନିର୍ଭରଯୋଗ୍ୟ ଅଲରାଉଣ୍ଡ ପାକିସ୍ତାନ ବିପକ୍ଷରେ ଦମଦାର ବୋଲିଂ ପ୍ରଦର୍ଶନ ମଧ୍ୟ ଦେଖାଇଛନ୍ତି ।



# ଶ୍ରୀଲଙ୍କାକୁ ହରାଇ ଗ୍ରୁପ୍ ଟପ୍ପର ହେଲା ଜିମ୍ବାୱେ

ନୂଆଦିଲ୍ଲୀ, ୧୯/୨ : ଟି-୨୦ ବିଶ୍ୱକପରେ ଦମଦାର ପ୍ରଦର୍ଶନ ଜାରି ରଖିଛି ଜିମ୍ବାଓ୍ୱେ । ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କା ବିପକ୍ଷରେ ଦମଦାର ବିଜୟ ହାସଲ କରିଛି ଦଳ । ୬ ୱିକେଟରେ ମ୍ୟାଚ୍ ବିଜୟୀ ହେବା ସହ ଗ୍ରୁପ୍ –ବି ଟେବୁଲ୍ ଟପ୍ପର ସହ ସୁପର-୮କୁ ଓହ୍ଲାଇବ । ୪ ମ୍ୟାଚ୍‌ରୁ ୩ ବିଜୟ ହାସଲ କରିଛି ଜିମ୍ବାଓ୍ୱେ । ଗୁରୁବାର କଲମ୍ବୋରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଦମଦାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ପୂର୍ବରୁ କଙ୍ଗାରୁ ଦଳକୁ ହରାଇଥିବା ଏହି ଦଳ ଏବେ ଭଲ ପ୍ରଦର୍ଶନ ଜାରି ରଖିଛି । ସୁପର-୮ରେ କିଭଳି ପ୍ରଦର୍ଶନ କରିବ ଏବେ ଏହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି ।

ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୭ ୱିକେଟ୍ ବିନିମୟରେ ୧୭୮ ରନ୍ କରିଥିଲା । ଯେଉଁଥିରେ ପଥୁମ୍ ନିଶାଙ୍କ ୬୨ ରନ୍ ପାଳି ସାମିଲ୍ ରହିଛି । ତେବେ ୧୭୯ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ଜିମ୍ବାଓ୍ୱେ ୩ଟି ବଲ୍ ପୂର୍ବରୁ ହାସଲ କରି ନେଇଛି । ୬ ୱିକେଟ୍ ବିନିମୟରେ ଏହି ମ୍ୟାଚ୍‌କୁ ଜିତିଥିବାବେଳେ ସିକନ୍ଦର ରାଜା ୨୬ ବଲରୁ ୪୫ ରନର ମ୍ୟାଚ୍ ବିଜୟ ପାଳି ଖେଳି ମ୍ୟାନ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି । ସେପଟେ ଚଳିତ ଟି-୨୦ ବିଶ୍ୱକପରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳି ଦଳ ସୁପର-୮ରୁ ବାଦ ପଡ଼ିଛି । ଜିମ୍ବାଓ୍ୱେ ଏବଂ ଶ୍ରୀଲଙ୍କାଠାରୁ ହାରିବା ପରେ ଏହି ଶକ୍ତିଶାଳି ଦଳ ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ପର୍ଯ୍ୟାୟରୁ ବାଦ ପଡ଼ିଛି । ଜିମ୍ବାଓ୍ୱେ ଏବେ ଗ୍ରୁପର ଶୀର୍ଷରେ ରହିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ କିଭଳି ପ୍ରଦର୍ଶନ କରିବ ଏହା ଉପରେ ସମଗ୍ର କ୍ରିକେଟପ୍ରେମୀଙ୍କ ନଜର ରହିଛି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ